- Vol.- 46, Issue No. 68
- Monday,8 June 2026
- ସୋମବାର, ୮ ଜୁନ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


# ମିଳିବ ସର୍ବୋତ୍ତମ ଓ ଗୁଣାତ୍ମକ ମାନର ଶିକ୍ଷା

## ଖୋର୍ଦ୍ଧା ମାଟିରୁ ୨୦୪ ବିଦ୍ୟାଳୟର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ



- ୨୨୦୦ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ
- ପ୍ରଥମ ପର୍ଯ୍ୟାୟରେ ବ୍ୟୟ ହେବ ୧୨ ହଜାର କୋଟି
- ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ଏହି ଯୋଜନା

ଖୋର୍ଦ୍ଧା,୭ ।୬(ନିପ୍ର): ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରବିବାର ୨୦୪ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ପଞ୍ଚସଖା ଯେପରି ସତ୍ୟବାଦୀଠାରେ ବକୁଳବନ ବିଦ୍ୟାଳୟ ସ୍ଥାପନ କରିଥିଲେ ଓ ସେଠାରେ ପିଲାମାନଙ୍କୁ ଯେପରି ସମସ୍ତ ପ୍ରକାର ଶିକ୍ଷାଦାନ କରାଯାଉଥିଲା, 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ଗୁଡିକ ମଧ ସେହିପରି ଢାଞ୍ଚାରେ ପ୍ରସ୍ତୁତ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଖୋର୍ଦ୍ଧା ଜିଲ୍ଲା କୁମାରବସ୍ତଠାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ କହିଛନ୍ତି। ଚଳିତ ବର୍ଷ ଜାନୁଆରୀ ମାସରେ ବାଣପୁରଠାରେ ଏହି ଯୋଜନାର ଶୁଭାରମ୍ଭ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୧୨,୦୦୦ କୋଟି ଟଙ୍କା ବିନିଯୋଗରେ ରାଜ୍ୟବ୍ୟାପୀ ୨୨୦୦ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ। ପ୍ରଥମ ପର୍ଯ୍ୟାୟର ଏହି ୨୨୦୦ ବିଦ୍ୟାଳୟ ମଧ୍ୟରୁ ମୁଖ୍ୟମନ୍ତ୍ରୀ ପ୍ରଥମେ ବାଣପୁରରେ ୧୧୮ଟି ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଆଜି ଖୋର୍ଦ୍ଧାରେ ଆଉ ୨୦୪ଟି ଆଦର୍ଶ ବିଦ୍ୟାଳୟ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ରଖିଛନ୍ତି। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, 'ପ୍ରାଥମିକ ଶିକ୍ଷା ହେଉଛି ଜଣେ ଛାତ୍ରର ଶିକ୍ଷାଗ୍ରହଣର ମୂଳଦୁଆ। ମୂଳଦୁଆ ଯେତିକି ସୁଦୃଢ ହେବ, ପିଲାର ଭବିଷ୍ୟତ ସେତିକି ଉଜ୍ଜ୍ୱଳ ହେବ। ତେଣୁ, ଆମ ସରକାର ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହା ମାଧ୍ୟମରେ ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ଶିକ୍ଷାର ବାତାବରଣ ସୁଦୃଢ ଏବଂ ସଂଗଠିତ କରାଯିବ। ଅତ୍ୟାଧୁନିକ ଜ୍ଞାନକୌଶଳ ମାଧ୍ୟମରେ ପିଲାମାନଙ୍କୁ ଶିକ୍ଷା ଦିଆଯିବ। ପିଲାମାନେ ସର୍ବୋତ୍ତମ ଓ ଗୁଣାତ୍ମକ ମାନର ଶିକ୍ଷା ପାଇ ପାରିବେ।'ସେ କହିଥିଲେ, 'ଆଜିର ବଦଳୁଥିବା ନିଯୁକ୍ତି ବଜାରରେ ପିଲାମାନେ କେବଳ ପାଠ ପଢିବା ଯଥେଷ୍ଟ ନୁହେଁ, ବରଂ ସେମାନେ କିପରି ନିଯୁକ୍ତିଯୋଗ୍ୟ ହେବେ, ସମସ୍ୟାର ସମାଧାନ କରିପାରିବେ ଏବଂ ସୃଜନଶୀଳ ହେବେ ତାହା ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହି ଲକ୍ଷ୍ୟ ହାସଲ କରିବା ଦିଗରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ' ।ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର ଶିକ୍ଷକ ଅଭାବ ସମସ୍ୟାକୁ ଗମ୍ଭୀରତାର ସହ ନେଇ ବିଗତ ୨ ବର୍ଷ ମଧ୍ୟରେ ୨୬,୬୧୫ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି। ଆଗାମୀ ୩ ବର୍ଷ ମଧ୍ୟରେ ୪୫,୦୦୦ ଶିକ୍ଷକଙ୍କ ନିଯୁକ୍ତି ପାଇଁ ଆମେ ପଦକ୍ଷେପ ନେଉଛୁ। ଖୋର୍ଦ୍ଧା ଉପକଣ୍ଠ ଶ୍ରୀ ଲୋକନାଥ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଆଜିର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## କାଳବୈଶାଖୀ ତାଣ୍ଡବ

କଟକ,୭ ।୬(ନିପ୍ର) : କଟକରେ କାଳବୈଶାଖୀ ବର୍ଷା ସହ ଘଡଘଡି । ଝଡ ପବନରେ ମା' କଟକଚଣ୍ଡୀ ମନ୍ଦିର ଉପରେ ବଜ୍ରପାତ ଯୋଗୁଁ ମନ୍ଦିରରୁ ପଥର ଖସିଥିବା ଦେଖିବାକୁ ମିଳିଛି । ବଜ୍ରପାତ ଯୋଗୁଁ ମନ୍ଦିର ଶିଖରରେ ଫାଟ ସୃଷ୍ଟି ହୋଇଛି । କଟକର ଅନେକ ସ୍ଥାନରେ ଝଡ଼ତୋଫାନ କାରଣରୁ ରାସ୍ତାକଡ଼ରେ ବଡ଼ବଡ଼ ଗଛର ଡାଳ ଭାଙ୍ଗି ପଡ଼ିଛି। ସେହିପରି ହୋର୍ଡିଂକୁ କ୍ଷତି ପହଞ୍ଚାଇଥିବା ବେଳେ ବର୍ଷା ମଧ ଜନଜୀବନକୁ ପ୍ରଭାବିତ କରିଛି । କାଳବୈଶାଖୀ ଯୋଗୁଁ ଅନେକ ସ୍ଥାନରେ ବଡ଼ବଡ଼ ଗଛର ଡାଳ ଭାଙ୍ଗି ରାସ୍ତା ଉପରେ ପଡ଼ିଛି । ଓଏମପି କନ୍ଦରପୁର ଜାତୀୟ ରାଜପଥରେ ପଡିଥିଲା ଏକାଧିକ ଗଛ । ଯାତାୟାତ ବାଧାପ୍ରାପ୍ତ ହେବାରୁ ଗଛ ହାଣି ରାସ୍ତା ସଫା କରିବାକୁ ଅଗ୍ନିଶମ ବାହିନୀର ଉଦ୍ୟମ କରିଥିଲେ। କେତେକ ସ୍ଥାନରେ ଯାତାୟାତ ବାଧାପ୍ରାପ୍ତ ହୋଇଥିବା ବେଳେ ବିଦ୍ୟୁତ ତାର କ୍ଷତିଗ୍ରସ୍ତ ହେବାରୁ ପ୍ରାୟ ଅଞ୍ଚଳରେ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହୋଇଛି। ସନ୍ଧ୍ୟା ସମୟରେ ବର୍ଷା ପାଇଁ ପରିବେଶ ଥଣ୍ଡା ହେବା ସହ ସୁଲୁସୁଲିଆ ପବନ କଟକ ସହରବାସୀଙ୍କୁ ଶାନ୍ତି ପ୍ରଦାନ କରିଛି । କଟକରେ ଦିନର ତାପମାତ୍ରା ୩୮ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ବର୍ଷା ହେବା ପରେ କଟକର ତାପମାତ୍ରା ୨୮ ଡିଗ୍ରୀରେ ପହଞ୍ଚିଛି ।



କଟକଚଣ୍ଡୀ ମନ୍ଦିର ଦଧିନଉତି ଖସିଲା

## ଡାକ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଭୟାବହ ଅଗ୍ନିକାଣ୍ଡ

ଆସିକା,୭ ।୬(ନିପ୍ର):ରବିବାର ଅପରାହ୍ନ ପ୍ରାୟ ୫ ଟା ସମୟରେ ଆସିକା ହାଟପଦା ନିକଟରେ ଥିବା ସର୍ବ ପୁରାତନ ଡାକ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଭୟାବହ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ଜରୁରୀ କାଗଜପତ୍ର ଓ କମ୍ପୁଟର ଆସବାବପତ୍ର ପୋଡ଼ି ନଷ୍ଟ ହୋଇଛି। ଅପରାହ୍ନରେ କାଳବୈଶାଖୀ ଯୋଗୁଁ ପ୍ରବଳ ପବନ,ବର୍ଷା,ଘଡ ଘଡି ହୋଇଥିଲା । ଫଳରେ ବିଦ୍ୟୁତ ସରବରାହ ବନ୍ଦ ହୋଇଯାଇଥିଲା। କିଛି ସମୟ ବ୍ୟବଧାନରେ ବିଦ୍ୟୁତ ସରବରାହ ଆରମ୍ଭ ହୋଇଥିଲା। ବିଦ୍ୟୁତ ଆସିବା ପରେ ହଠାତ ବିଦ୍ୟୁତ ସର୍ଟ ସର୍କିଟ ହୋଇ ଡାକଘରର ଉପର ମହଲରେ ଥିବା ଡାକ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଆଡ଼କୁ ନିଆଁ ବ୍ୟାପିବାକୁ ଲାଗିଲା । ଏହାର କିଛି ସମୟ ପରେ ସମ୍ପୂର୍ଣ୍ଣ ଡାକ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ନିଆଁ ଲାଗି ହୁତୁ ହୁତୁ ହୋଇ ଜଳିବାକୁ ଲାଗିଲା। ସ୍ଥାନୀୟ ଲୋକେ ଖବର ଦେବା ପରେ ଆସିକା ଦମକଳ ବାହିନୀ ଓ ବିଦ୍ୟୁତ ବିଭାଗୀୟ କର୍ମଚାରୀ ପହଞ୍ଚି ଥିଲେ। ଘଟଣା ସ୍ଥଳକୁ ଦମକଳ ଆସିବା ୩୫ ମିନଟ ବିଳମ୍ବ ହୋଇଥିଲା ବୋଲି କୁହାଯାଉଛି ।ପାଣିରେ ଅଭାବ ଯୋଗୁଁ କିଛି ସମୟ ପାଇଁ ନିଆଁ ଲିଭାବାରେ ସମସ୍ୟା ସୃଷ୍ଟି ହୋଇଥିଲା ପର ମୁହୂର୍ତ୍ତରେ ଆସିକା ସହରାଞ୍ଚଳ ଡାକ୍ତରଖାନା ମଧ୍ୟରେ ଥିବା ବୋରୱେଲରୁ ପାଣି ଅଣାଯାଇଥିଲା। ଘଟଣା ସ୍ଥଳରେ ପ୍ରବଳ ଜନ ଗହଳି ଲାଗିରହିଥିଲା।

## ୨ ଲକ୍ଷ ଟଙ୍କାର କଫସିରପ୍ ଜବତ: ୫ ଗିରଫ



ବଲାଙ୍ଗିର,୭ ।୬: ବଲାଙ୍ଗିର ସହର ଟିଟିଲାଗଡ଼ ରାସ୍ତା ସ୍ମାର୍ଟ ପାର୍କ ନିକଟ ବାଇପାସ୍ ରାସ୍ତାରୁ ବଲାଙ୍ଗିର ଟାଉନ ପୁଲିସ ଏକ ନେକ୍ସନ କାର ସହ ବିପୁଳ ପରିମାଣ କଫ ସିରପ୍ ଜବତ କରିଛି । ବେଆଇନ ଭାବେ କଫ ସିରପ୍ ଚାଲାଣ କରୁଥିବା ଅଭିଯୋଗରେ କଫସିରପ ଚାଲାଣ ରାକେଟର କିଙ୍ଗପିନ୍ ବିଦ୍ୟାଧର ସାହୁଙ୍କ ସହ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତମାନେ ବଲାଙ୍ଗିର ତାଲପାଲିପଡ଼ାର ବିଦ୍ୟାଧର ସାହୁ (୨୦), ବରପାଲିପଡ଼ାର ଅଙ୍କିତ ପଟେଲ (୧୯), ବିଜେଶ ଜେନା (୧୯), ତୁଳସୀନଗରର ପ୍ରିୟାଂଶୁ ନନ୍ଦ (୧୯) ଓ କଟକ ଜିଲ୍ଲା ନରସିଂହପୁର ଥାନା ନରସିଂହପୁରର ସୁରେଶ କୁମାର ସାହୁ (୧୯)। ଅଭିଯୁକ୍ତମାନେ ନେକ୍ସନ କାରରେ କଫସିରପ ଚାଲାଣ କରୁଥିବା ଖବର ପାଇ ବଲାଙ୍ଗିର ଟାଉନ ପୋଲିସ ଗତ ଶନିବାର ରାତି ପ୍ରାୟ ୯ଟାରେ ବଲାଙ୍ଗିର ସ୍ମାର୍ଟ ପାର୍କ ନିକଟ ବାଇପାସ୍ ରାସ୍ତାରେ ଚଢ଼ଉ କରିଥିଲା । ଚଢ଼ଉ ସମୟରେ କାରରୁ ୪ଟି ବସ୍ତାରେ ଥିବା କଫସିରପ୍ ସହ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜବତ କଫସିରପ୍ ଯାଞ୍ଚ କଲାରୁ ବସ୍ତାରେ ୮୮୦ ବୋତଲ ଏସକଫ କମ୍ପାନୀର କଫସିରପ୍ ବୋତଲ ବାହାରିଥିଲା ।

## ପୁଣି ଅ-ତିଥିରେ ରଥଯାତ୍ରା



ଭୁବନେଶ୍ୱର,୭ ।୬: ଜର୍ମାନୀର ଆଟଲାଣ୍ଟା ଏବଂ ହାଇଡେଲବର୍ଗରେ ସମାନ କାର୍ଯ୍ୟକ୍ରମ ପରେ ଇସ୍କନ୍ ଶନିବାର ଆମେରିକାର ମିସୌରୀରେ ଆଉ ଏକ ଅ-ତିଥିରେ ରଥଯାତ୍ରା ଆୟୋଜନ କରିଥିଲା। ମିସୌରୀ କାର୍ଯ୍ୟକ୍ରମ ପାଇଁ ଏହା ବ୍ୟାପକ ପ୍ରସ୍ତୁତି କରିଥିଲା। ପୂର୍ବରୁ, ମେ ୩୦ ଏବଂ ୩୧ ତାରିଖରେ କାନାଡାର ୱାଟରଲୁ ଏବଂ ନାଏଗ୍ରାଠାରେ ମଧ ରଥଯାତ୍ରା ଆୟୋଜନ କରାଯାଇଥିଲା। ପୂର୍ବରୁ ମେରିଲ୍ୟାଣ୍ଡର ବାଲ୍ଟିମୋରରେ ସମାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମଗୁଡ଼ିକ ଜଗନ୍ନାଥ ଶ୍ରଦ୍ଧାଳୁ ଏବଂ ବିଦେଶରେ ରହୁଥିବା ଓଡ଼ିଆ ପ୍ରବାସୀ ସଦସ୍ୟଙ୍କ ମନରେ କ୍ଷୋଭ ଓ ସମାଲୋଚନା ସୃଷ୍ଟି କରିଛି। ସେମାନେ ମତ ରଖିଛନ୍ତି ଯେ, ପୁରୀର ଶ୍ରୀଜଗନ୍ନାଥ ମନ୍ଦିରର ପରମ୍ପରା ଅନୁଯାୟୀ ପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା କେବଳ ଆଷାଢ଼ ଶୁକ୍ଳ ଦ୍ୱିତୀୟାର ଶୁଭ ଅବସରରେ ପାଳିତ ହୁଏ।

## ଅନଲାଇନରେ ଗୀତଗୋବିନ୍ଦ ପାଟ ବିଜ୍ଞାପନ



ପୁରୀ,୭ ।୬(ନିପ୍ର)ଏକ ଇନଷ୍ଟାଗ୍ରାମ ଆକାଉଣ୍ଟରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରାଚୀନ ପରମ୍ପରା ସହିତ ଜଡିତ ଅତ୍ୟନ୍ତ ପବିତ୍ର ଜିନିଷଗୁଡ଼ିକର ବିକ୍ରୟକୁ ଖୋଲାଖୋଲି ଭାବରେ ବିଜ୍ଞାପନ ଦିଆଯାଇଥିବା ଜଣାପଡ଼ିବା ପରେ ଜଗନ୍ନାଥ ଭକ୍ତ ମହଲରେ ଅସନ୍ତୋଷ ଖେଳିଯାଇଛି। 'ଗୋନାରି ଫର ୟୁ ' ଆକାଉଣ୍ଟ ଗୀତଗୋବିନ୍ଦ ପାଟ - ଶ୍ରୀଜଗନ୍ନାଥ ମନ୍ଦିରରେ ଅତ୍ୟନ୍ତ ଆଧ୍ୟାତ୍ମିକ ଗୁରୁତ୍ୱ ଥିବା ଏକ ପବିତ୍ର କପଡ଼ା ସ୍କ୍ରୋଲ୍ ସହିତ ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ସ୍ୱୟଂ ମହାପ୍ରଭୂ ଜଗନ୍ନାଥଙ୍କ ମୂର୍ତ୍ତିକୁ ପ୍ରଚାର କରୁଥିବା ଜଣାପଡ଼ିଛି।

### ଆୟଠାରୁ ଅଧିକ ସଂପତ୍ତି : ବନ୍ଧା ହେଲେ ଯନ୍ତ୍ରୀ

ଭୁବନେଶ୍ୱର,୭ ।୬(ନିପ୍ର) ଆୟ ବହିର୍ଭୁତ ସଂପତି ଠୁଳ କରିବା ମାମଲାରେ ଭିଜିଲାନ୍ସ କନ୍ଧମାଳ ଜିଲ୍ଲାର ବାଲିଗୁଡାସ୍ଥିତ ଆଇଟିଡିଏର ସହକାରୀନିର୍ବାହୀ ଯନ୍ତ୍ରୀ ବୈକୁଣ୍ଠ ନାଥ ବେହେରାଙ୍କୁ ଗିରଫ କରିଛି। ଏହି ଯନ୍ତ୍ରୀ ନିଜ ଆୟଠାରୁ ୭୯୮ ପ୍ରତିଶତ ଅଧିକ ସଂପତ୍ତି କରିଥିଲେ ବୋଲି ସୂଚନା ମିଳିଛି।

## ସାର ବୋଝେଇ ଟ୍ରକ୍ ଓଲଟିଲା




କଟକ, ୭ ।୬ ରବିବାର କଟକରେ ମଧୁପାଟଣା କାଠଯୋଡ଼ି ବ୍ରିଜ୍ ନିକଟରେ ଏକ ସାର ବୋଝେଇ ଟ୍ରକ୍ ଓଲଟି ପଡ଼ିବା ଫଳରେ ବଡ଼ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଅଟୋ-ରିକ୍ସା ଚାଳକ ଗୁରୁତର ଆହତ ହୋଇଥିଲେ । ବ୍ୟସ୍ତବହୁଳ ଅଞ୍ଚଳରେ ବ୍ୟାପକ ଟ୍ରାଫିକ୍ ଜାମ୍ ସୃଷ୍ଟି ହୋଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ମଧୁପାଟଣା ଛକ ନିକଟରେ ଟ୍ରକ୍‌ଟି ଏକ ମୋଡ଼ ନେଉଥିଲା ବେଳେ ଡ୍ରାଇଭର ଗାଡ଼ିର ନିୟନ୍ତ୍ରଣ ହରାଇଥିଲେ। ଅଧିକ ଲୋଡ୍ ହୋଇଥିବା ଟ୍ରକ୍‌ଟି ଭାରସାମ୍ୟ ହରାଇ ରାସ୍ତାରେ ଓଲଟି ପଡ଼ିଲା, ଯାହା ଫଳରେ ଏକ ଅଟୋ-ରିକ୍ସା ତଳେ ଫସିଗଲା। ଦୁର୍ଘଟଣାର ପ୍ରଭାବରେ ତିନି ଚକିଆ ଗାଡ଼ିଟି ସମ୍ପୂର୍ଣ୍ଣ ଭାବରେ କ୍ଷତିଗ୍ରସ୍ତ ହୋଇଥିଲା। ଏହାର ଡ୍ରାଇଭର ଗୁରୁତର ଆହତ ହେଲେ ।ସ୍ଥାନୀୟ ବାସିନ୍ଦା ଏବଂ ଜରୁରୀକାଳୀନ ସହାୟତା ଦଳ ଘଟଣାସ୍ଥଳକୁ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ବହୁତ ଚେଷ୍ଟା ପରେ, ଆହତ ଡ୍ରାଇଭରଙ୍କୁ ଭଗ୍ନାବଶେଷରୁ ବାହାର କରାଯାଇଥିଲା ଏବଂ ତୁରନ୍ତ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ହସ୍ପିଟାଲ ସୂତ୍ର ଅନୁଯାୟୀ ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି।

## ଆଜିଠୁ ଦେୟମୁକ୍ତ ୟୁପିଏସ୍‌ସି କୋଚିଂ ଆବେଦନ

ଭୁବନେଶ୍ୱର,୭ ।୬: ୨୦୨୬ ୨୭ ବର୍ଷ ପାଇଁ ୟୁପିଏସସି ମାଗଣା କୋଚିଂ ପାଇଁ ଆବେଦନ ଆସନ୍ତା ୮ ତାରିଖ (ସୋମବାର)ଠୁ ଆରମ୍ଭ ହେବ । ୧୯ ତାରିଖ ଯାଏଁ ଆବେଦନ କରିହେବ । ୨୦ ତାରିଖରେ ଫର୍ମ ସଂଶୋଧନର ସୁଯୋଗ ଦିଆଯିବ । ୨୮ରେ ପ୍ରବେଶିକା ପରୀକ୍ଷା ହେବ । ଏଥିପାଇଁ ଜୁନ୍ ୨୪ ତାରିଖରେ ସାମ୍ସ ଓ ଏଚ୍‌ଆଇଏମ୍‌ଏସ୍ ପୋର୍ଟାଲ୍‌ରେ ଆଡମିଟ୍ କାର୍ଡ ମିଳିବ । ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଜ୍ଞପ୍ତି ଅନୁଯାୟୀ, ସୋମବାର ପୂର୍ବାହ୍ନ ୧୧ଟାରୁ ସାମ୍ସ ପୋର୍ଟାଲ୍‌ରେ ଆବେଦନ ପାଇଁ ୱେବସାଇଟ୍ ଖୋଲିବ । ୧୯ ତାରିଖ ରାତି ୧୧ଟା ୪୫ ମଧ୍ୟରେ ଆବେଦନର ସୁଯୋଗ ରହିବ । ୨୯ ତାରିଖରେ ପ୍ରୋଭିଜ୍ନାଲ ଆନସର କିମ୍ବା ସାମ୍ସ ଓ ଏଚ୍‌ଆଇଏମ୍‌ଏସ୍ ପୋର୍ଟାଲରେ ଉପଲବ୍ଧ ହେବ ।

## ନିଟ୍ ୟୁଜି ପୁନଃପରୀକ୍ଷା ସହର ସୂଚନା ଜାରି




ନୂଆଦିଲ୍ଲୀ,୭ ।୬: ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ନିଟ୍ ୟୁଜି ପୁନଃପରୀକ୍ଷାରେ ଅଂଶଗ୍ରହଣ କରୁଥିବା ପ୍ରାର୍ଥୀଙ୍କ ପାଇଁ ସୂଚନା ଜାରି ହେଉଛି । କେଉଁ ସହରରେ ପରୀକ୍ଷା ହେବ ତାହାର ତାଲିକା ଏନଟିଏ ପକ୍ଷରୁ ପ୍ରକାଶ ପାଇଛି । ପଞ୍ଜିକୃତ ପ୍ରାର୍ଥୀମାନେ ଏବେ ସରକାରୀ ୱେବସାଇଟ୍‌କୁ ଯାଇ ସେମାନଙ୍କ ପରୀକ୍ଷା ପାଇଁ ନିର୍ଦ୍ଧାରିତ ସହର ଯାଞ୍ଚ କରିପାରିବେ। ନିଟ ୟୁଜି ୨୦୨୬ ପୁନଃପରୀକ୍ଷା ଜୁନ୍ ୨୧ରେ ଅନୁଷ୍ଠିତ ହେବାକୁ ଯାଉଛି। ପ୍ରାର୍ଥୀମାନେ ସେମାନଙ୍କର ଆବେଦନ ନମ୍ବର ଏବଂ ପାସୱାର୍ଡ ସହିତ ଲଗ୍ ଇନ୍ କରି ସେମାନଙ୍କର ସିଟି ଇଣ୍ଟିମେସନ୍ ସ୍ଲିପ୍ ଡାଉନଲୋଡ୍ କରିପାରିବେ।

# ଶୀର୍ଷରେ ରହିବେ ଓଡ଼ିଶାର କ୍ରୀଡ଼ାବିତ: ମୁଖ୍ୟମନ୍ତ୍ରୀ

- ଅତ୍ୟାଧୁନିକ ବହୁମୁଖୀ ଷ୍ଟାଡିଅମ ନିର୍ମାଣ କରାଯାଉଛି





ଭୁବନେଶ୍ୱର,୭ ।୬: କ୍ରୀଡ଼ା କେବଳ, ମେଡାଲ, ରେକର୍ଡ କିମ୍ବା ଜୟ-ପରାଜୟ ମଧ୍ୟରେ ସୀମିତ ନୁହେଁ, ବରଂ ଏହା ଜୀବନରେ ଅନୁଶାସନ, ଟିମ୍ ୱାର୍କ ଏବଂ ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବାକୁ ଧୈର୍ଯ୍ୟ ଶିଖାଇଥାଏ । କ୍ରୀଡ଼ା ଓ ଯୁବସେବା ବିଭାଗ ଦ୍ୱାରା ଆୟୋଜିତ ଦୁଇଦିନିଆ 'ଚିନ୍ତନ ଶିବିର'ର ଉଦଯାପନ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ଓଡ଼ିଶାରେ ପ୍ରଥମ ଥର ପାଇଁ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମ ଆଗାମୀ ଦିନରେ କ୍ରୀଡ଼ାର ବିକାଶ ପାଇଁ ଏକ ବଡ଼ ରୋଡମ୍ୟାପ୍ ଓ ଫ୍ରେମ୍‌ୱାର୍କ ପ୍ରସ୍ତୁତ କରିବାରେ ବିଶେଷ ସହାୟକ ହେବ ବୋଲି ସେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ ଗତକାଲି ଠାରୁ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର କ୍ରୀଡ଼ା ବିଶେଷଜ୍ଞ, ପ୍ରଶାସକ, କ୍ରୀଡ଼ାବିତ୍ ପ୍ରମୁଖ ଯୋଗଦେଇ ଓଡ଼ିଶାରେ କ୍ରୀଡ଼ା ବିକାଶ ସମ୍ପର୍କରେ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ଏବେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ସ୍ପୋର୍ଟ୍ସ ଇଭେଣ୍ଟ ସଫଳତାର ସହ ଆୟୋଜନ କରି ସାରା ବିଶ୍ୱରେ ସ୍ୱୀକୃତି ଲାଭ କରିଛି। ଆଗାମୀ ୨୦୨୮ ମସିହାରେ ଓଡ଼ିଶାରେ ବିଶ୍ୱ ଆଥ୍‌ଲେଟିକ୍ସ ଏବଂ ଏସିଆନ ଇନଡୋର ଆଥ୍‌ଲେଟିକ୍ସ ଚାମ୍ପିଆନସିପ୍ ଆୟୋଜନ ହେବାକୁ ଯାଉଛି। ଗତବର୍ଷ ସଫଳତାର ସହ 'ୱାର୍ଲଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍ ବ୍ରୋଞ୍ଜ୍' ପ୍ରତିଯୋଗିତା ଆୟୋଜନ କରାଯାଇଥିବା ବେଳେ ଚଳିତ ବର୍ଷ ଏହାର ସିଲଭର୍ ସ୍ତରର ପ୍ରତିଯୋଗିତା ଓଡ଼ିଶାରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗୋଠପାଟଣା ଠାରେ ପ୍ରାୟ ୧୦୦୦ କୋଟି ଟଙ୍କା ବିନିଯୋଗରେ ଏକ ମଲ୍ଟି ପରପୋଜ୍ ସ୍ପୋର୍ଟସ କମ୍ପ୍ଲେକ୍ସ ପ୍ରତିଷ୍ଠା କରିବାକୁ ପଦକ୍ଷେପ ନିଆଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କ୍ରୀଡ଼ାର ବିକାଶ ନ ହେଲେ ଯୁବ ପ୍ରତିଭାର ବିକାଶ ଅସମ୍ଭବ ବୋଲି ଦର୍ଶାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ତୃଣମୂଳ ସ୍ତରରେ କ୍ରୀଡ଼ା ଭିତ୍ତିଭୂମିକୁ ମଜଭୁତ କରିବା ପାଇଁ ବ୍ଲକ ସ୍ତରରେ ୪ ହଜାର କୋଟିରୁ ଅଧିକ ଟଙ୍କାର ବିନିଯୋଗରେ ଅତ୍ୟାଧୁନିକ ବହୁମୁଖୀ ଷ୍ଟାଡିଅମ ନିର୍ମାଣ କରାଯାଉଛି। ଏହା ସହିତ 'ମୁଖ୍ୟମନ୍ତ୍ରୀ ଟ୍ରଫି' ଜରିଆରେ ଗ୍ରାମାଞ୍ଚଳର ଉଦୀୟମାନ ପ୍ରତିଭାମାନଙ୍କୁ ଚୟନ କରାଯାଇ ଉନ୍ନତ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ ଆଜିର ଆଲୋଚନା ଯଦିଓ ଏସି ରୁମ୍‌ରେ ହେଉଛି ମାତ୍ର ଏହାର କାର୍ଯ୍ୟକାରୀ ୪୦ ଡିଗ୍ରୀ ଖରାରେ ହେବ ।

# ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ

# ସୋମେଶ୍ୱର ବାବାଙ୍କ ପୀଠ

ତନ୍ତ୍ର, ମନ୍ତ୍ର ଓ ଯନ୍ତ୍ରର ପୀଠ ବଲାଙ୍ଗିର ଜିଲ୍ଲାର ରାଣୀପୁର । ସର୍ବଧର୍ମ ସମନ୍ୱୟରେ ନବମ ଶତାବ୍ଦୀରେ ଗଢି ଉଠିଥିଲା ରାଣୀପୁର ଝରିଆଲ ପୀଠ । ବିରାଟକାୟ ଲଣ୍ଡା ପାହାଡ ଚଟାଣରେ ରହିଛି ସୋମେଶ୍ୱର ବାବାଙ୍କ ମନ୍ଦିର । ପଶ୍ଚିମ ଓଡିଶାର ଅନେକ ଶୈବପୀଠ ମଧ୍ୟରୁ ସୋମେଶ୍ୱର ବାବାଙ୍କ ପୀଠ ବହୁ ପୁରୁଣା । ବାବାଙ୍କ ଦର୍ଶନ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଶ୍ରଦ୍ଧାଳୁଙ୍କ ଭିଡ ଜମେ । ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ରାଣୀପୁର ଝରିଆଲରେ ପୂଜା ପାଉଛନ୍ତି ବାବା ସୋମେଶ୍ୱର । ସର୍ବଧର୍ମ ସମନ୍ୱୟରେ ନବମ ଶତାବ୍ଦୀରେ ଗଢି ଉଠିଥିବା ଏହି ପୀଠରେ ପୂଜା ପାଉଛନ୍ତି ସୋମେଶ୍ୱର ମହାଦେବ । ସୋମବଂଶୀ ରାଜାମାନେ ଏହି ଭବ୍ୟ ମନ୍ଦିର ନିର୍ମାଣ କରିଥିବା ଜଣାଯାଏ । ମନ୍ଦିର ନିକଟରେ ଏକ ପୁଷ୍କରିଣୀ ଅଛି । ସମିଆ ବନ୍ଧ ନାମରେ ନାମିତ ଏହି ପୋଖରୀରେ ଏକ ସୁଡଙ୍ଗ ଅଛି । ଏହି ସୁଡ଼ଙ୍ଗ ଟିଟିଲାଗଡ କୁମୁଡା ପାହାଡ ନିକଟସ୍ଥ ପ୍ରସିଦ୍ଧ ଧବଳେଶ୍ୱର ବାବାଙ୍କ ପୀଠକୁ ଲମ୍ବିଥିବା ବିଶ୍ୱାସ କରାଯା। ସୋମେଶ୍ୱର ମନ୍ଦିରର କାରୁକାର୍ଯ୍ୟ ନିଆରା । ଏହି ମନ୍ଦରରେ ଥିବା ଏକ ପ୍ରାଚୀନ ଶିଳାଲେଖକୁ ଗବେଷକମାନେ ବହୁ ଚେଷ୍ଟା କରି ପଢିପାରି ନାହାନ୍ତି । ରାଣୀପୁର ଝରିଆଲରେ ଥିବା ଚଉଷଠି ଯୋଗିନୀ ମନ୍ଦିର ଓ ଇନ୍ଦଲାଟ ମନ୍ଦିର ବିରଳ କଳାକୃତି । ଏହି ଚଉଷଠି ଯୋଗିନି ମନ୍ଦିର ପରିସରରେ ପୂର୍ବରୁ ୧୦୮ ଟି ମନ୍ଦିର ଥିବାବେଳେ ବର୍ତମାନ କେବଳ ୪୮ ଟି ମନ୍ଦିର ଅଛି । ସେ ମଧ୍ୟରୁ କେବଳ ସୋମେଶ୍ୱର ପୂଜା କରାଯାଉଥିବା ବେଳେ ଅନ୍ୟମନ୍ଦିର ଅପୂଜା ରହିଛି ।




**ପୂରା କରନ୍ତି ସମସ୍ତ ମନୋସ୍କାମନା**

ଏଠାରେ ଥିବା ପଥର ଚଟାଣରେ ୨ଟି ଚକ୍ରବ୍ୟୁହ ରହିଛି । ପର୍ଯ୍ୟଟକମାନେ ଏହି ଚକ୍ରବ୍ୟୁହରେ ବୁଲିବାର ବେଶ୍ ମଜା ଉଠାନ୍ତି । ଏହି ସ୍ଥାନରେ ବର୍ଷର ପ୍ରତିଟି ସମୟରେ ଭିଡ଼ ଜମୁଥିବା ବେଳେ ପ୍ରତି ସୋମବାର ଭକ୍ତଙ୍କ ସଂଖ୍ୟା ବଢିଥାଏ । ବଙ୍ଗୋମୁଣ୍ଡା ବ୍ଲକ ଠାରୁ ସିନ୍ଧେକେଲା ପଟକୁ ଗଲେ ମୁଣ୍ଡପଦର ପାର ହୋଇ ରାଣୀପୁର ଝରିଆଲକୁ ଯିବାକୁ ହୁଏ । କଣ୍ଟାବାଞ୍ଜି ରେଳ ଷ୍ଟେସନରୁ ଏହି ପୀଠର ଦୂରତା ୩୦ କିଲୋମିଟର । ସୋମେଶ୍ୱର ବାବାଙ୍କ ପୀଠରେ ବାବାଙ୍କୁ ଦର୍ଶନ କରି ଲୋକେ ମାନସିକ ରଖିଥିବା ବେଳେ ଅନେକ ଲୋକଙ୍କ ମାନସିକ ପୂରଣ ହେଉଛି । ଅଞ୍ଚଳର ପ୍ରାକୃତିକ ପରିବେଶ ଉପଭୋଗ କରିବା ସହିତ ବିଭୁକୃପା ଲାଭ କରିବା ପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସବୁଦିନେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥାଏ ।

# ହନୁମାନଙ୍କ ପିଲାଦିନ




ହନୁମାନଙ୍କ ଉପରେ ଏମିତି ଭରସା ରଖେ ଭକ୍ତ। ଜାଣିବା, ପ୍ରଭୁ ହନୁମାନଙ୍କ ଜନ୍ମ ଓ ପିଲାଦିନ ସଂପର୍କରେ ପୁରାଣରେ ଉଲ୍ଲେଖ ହୋଇଥିବା କିଛି ତଥ୍ୟ। ହିନ୍ଦୁ ଶାସ୍ତ୍ର ଅନୁଯାୟୀ, ହନୁମାନଙ୍କ ମାତା ହେଉଛନ୍ତି ଅଂଜନା, ଆଉ ବାପା ହେଉଛନ୍ତି କେଶରୀ। ହନୁମାନଙ୍କୁ ମଧ୍ୟ କୁହାଯାଏ ବାୟୁ ଦେବତାଙ୍କ ପୁତ୍ର। କାରଣ ହନୁମାନଙ୍କ ଜନ୍ମରେ ବାୟୁ ଦେବତାଙ୍କର ମଧ୍ୟ ଭୂମିକା ରହିଥିଲା। ହନୁମାନଙ୍କୁ ମଧ୍ୟ ଧ୍ୱଂସର ଦେବତା ପ୍ରଭୁ ଶିବଙ୍କର ଅନ୍ୟତମ ଅବତାର ବୋଲି କୁହାଯାଏ। **ଅଂଜନାଙ୍କ ପୂଜାର୍ଚ୍ଚନା:** ଏ ସଂପର୍କରେ ଏକ ସୁନ୍ଦର ଅବତାରଣା, ଷୋଡ଼ଶ ଶତାବ୍ଦୀରେ ଏକନାଥଙ୍କ ଦ୍ୱାରା ରଚିତ 'ଭାବାର୍ଥ ରାମାୟଣ'ରେ ବର୍ଣ୍ଣନା କରାଯାଇ ଅଛି। ଯେତେବେଳେ ମାତା ଅଂଜନା ପୁତ୍ରଲାଭ ପାଇଁ ବାୟୁ ଦେବତାଙ୍କ ପୂଜାର୍ଚ୍ଚନା କରୁଥିଲେ, ସେତିକି ବେଳେ ଅଯୋଧ୍ୟା ନରେଶ, ରାଜା ଦଶରଥ ମଧ୍ୟ ପୁତ୍ରଲାଭ ପାଇଁ ପୁତ୍ରକାମେଷ୍ଟି ଯଜ୍ଞ କରୁଥିଲେ। ଯଜ୍ଞ ଶେଷରେ ରାଜା ଦଶରଥଙ୍କୁ ଏକ ପାତ୍ରରେ କିଛି ପବିତ୍ର କ୍ଷିରି ପ୍ରଦାନ କରାଗଲା, ଯାହାକୁ ସେ ତାଙ୍କ ତିନି ପତ୍ନୀଙ୍କୁ ଖାଇବାକୁ ଦେବାକୁ ନିର୍ଦ୍ଦେଶ ଥିଲା। ସେହି କ୍ଷିରି ଖାଇବା ପରେ ସେମାନେ ରାମ, ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନଙ୍କ ପୁତ୍ରଙ୍କୁ ଜନ୍ମ ଦେଇଥିଲେ।

# ନମସ୍କାର



ବ୍ୟାସଦେବ ବିରଚିତ 'ଶ୍ରୀମଦ୍‌ଭାଗବତ' ସୁଭାଷିତର ଏକ ଅନୁପମ ଗନ୍ତାଘର। ଜଗନ୍ନାଥ ଦାସ ସରଳ, ନବାକ୍ଷରୀ ଓଡ଼ିଆରେ ତାହାକୁ ଆମପାଇଁ ରସପୂର୍ଣ୍ଣ ଭାବରେ ପରିବେଷଣ କରିଛନ୍ତି। ପୁଣି ସେଥିମଧ୍ୟରୁ ଦଶମ ସ୍କନ୍ଧର 'ଗୋପଲୀଳା' ଅତ୍ୟନ୍ତ ରସପୂର୍ଣ୍ଣ। ଉପରୋକ୍ତ ସୁଭାଷିତ ତାହାର ଅନ୍ତର୍ଭୁକ୍ତ। ଭାଗବତର ଦଶମସ୍କନ୍ଧ, ତ୍ରୟୋବିଂଶ ଅଧ୍ୟାୟରେ ବର୍ଣ୍ଣିତ ହୋଇଛି ବସ୍ତ୍ରହରଣ ପ୍ରସଙ୍ଗ। ଶରତ ଋତୁ ଶେଷ ହୋଇ ହେମନ୍ତ ଋତୁର ଆଗମନ ହେଲା। ଗୋପକୁମାରୀ ମାନେ ଗୌରୀପୂଜନ ଆରମ୍ଭ କଲେ। ରାତିର ପାହାନ୍ତି ପ୍ରହରରେ ଯମୁନାର ଶୀତଳ ଜଳରେ ସ୍ନାନ କରି ନଦୀତଟରେ ସେମାନେ ବାଲୁଙ୍କା ପୂଜା କଲେ। ସେହି ସମୟର କଥା। ନିଜ ନିଜର ବସ୍ତ୍ରମାନ ନଦୀତଟରେ ଥୋଇଦେଇ ସେମାନେ ନିର୍ବସ୍ତ୍ର ହୋଇ ଯମୁନାରେ ଜଳକେଳି ଓ ସ୍ନାନ କରୁଥାଆନ୍ତି। ଶ୍ରୀକୃଷ୍ଣ ସେମାନଙ୍କର ବସ୍ତ୍ର ନେଇ ତଟଦେଶର କଦମ୍ବ ବୃକ୍ଷର ଡାଳରେ ବାନ୍ଧିଦେଇ ବଂଶୀ ବଜାଇଲେ। ଗୋପଯୁବତୀମାନେ ବଂଶୀସ୍ୱନ ଶୁଣି ଜଳକେଳି ଛାଡ଼ି ଦେଖନ୍ତି ତ ସେମାନଙ୍କର ବସ୍ତ୍ରମାନ ମାଳ ମାଳ ହୋଇ ପତାକା ପରି ଗଛଡାଳରେ ଉଡୁଛି। ତାହା ଦେଖି, ସେମାନେ ଶ୍ରୀକୃଷ୍ଣଙ୍କୁ ସେମାନଙ୍କର ବସ୍ତ୍ର ମାଗିଲେ। ମାତ୍ର ଶ୍ରୀକୃଷ୍ଣ କହିଲେ- ଉପରକୁ ଆସି ନିଜ ନିଜର ବସ୍ତ୍ର ବାଛି ନିଅ। ମାତ୍ର ସେମାନେ କିପରି ବା ଆସି ବସ୍ତ୍ର ନେବେ ! ବାଧ୍ୟ ହୋଇ ଗୋଟିଏ ହାତରେ ଲଜ୍ଜା ନିବାରଣ କରି ଜଳରୁ ଉପରକୁ ଉଠିଲେ। ତାହା ଦେଖି ଶ୍ରୀକୃଷ୍ଣ ତାଙ୍କୁ ଦେବତାଙ୍କୁ ନମସ୍କାର କରିବାକୁ କହିବାରୁ, ସେମାନେ ଗୋଟିଏ ହାତ କପାଳରେ ଲଗାଇ ନମସ୍କାର କଲେ। ସେହି ପ୍ରସଙ୍ଗରେ ଏହି କଥାଟି କୁହାଯାଇଛି। ଶ୍ରୀକୃଷ୍ଣ କହିଲେ- ହେ ବ୍ରଜ ଯୁବତୀଗଣ, ଶୁଣ ! ଗୋଟିଏ ହାତରେ ନମସ୍କାର ଅତ୍ୟନ୍ତ ଅନୁଚିତ କାର୍ଯ୍ୟ। ଯେ ଦେବତା ଓ ଗୁରୁଙ୍କୁ ଗୋଟିଏ ହାତରେ ନମସ୍କାର କରନ୍ତି, ସେ ଅଜ୍ଞାନ। ତାଙ୍କର ହାତ କାଟିଦେଲେ ହିଁ ସେହି ଅପରାଧର ପ୍ରାୟଶ୍ଚିତ ହୁଏ। ତା' ନହେଲେ ସେ ଯେତେ ଜନ୍ମ ନିଏ, ସବୁଜନ୍ମରେ ଖଣ୍ଡିଆହାତ ହୋଇ ଜନ୍ମ ନେଇଥାଏ। ଏହି ସୁଭାଷିତରେ ଆମପାଇଁ ଏହି ଶିକ୍ଷା ଅଛି, ଯେ ଆମେ କାହାକୁ ବି ଗୋଟିଏ ହାତରେ ନମସ୍କାର କରିବା ନାହିଁ। ସବୁବେଳେ ଯୋଡ଼ହସ୍ତ ହୋଇ ସମସ୍ତଙ୍କୁ ନମସ୍କାର କରିବା।





ଏକ ପୌରାଣିକ କାହାଣୀରେ, ଭଗବାନ ବିଷ୍ଣୁ ବାମନ ରୂପେ ବ୍ରାହ୍ମଣ ବାମନ-ମୁନି ଭାବେ ଜନ୍ମଗ୍ରହଣ କରିଥିଲେ। ବାମନ ଅସୁର ରାଜା ବଳିଙ୍କଠାରୁ ଭିକ୍ଷାରେ 'ତିନିଲୋକ' ମାଗିବାକୁ ଆସିଥିଲେ। ବଳି ମହାରାଜ ପ୍ରହ୍ଲାଦଙ୍କ ନାତି ଥିଲେ ଏବଂ ବିଷ୍ଣୁ ଦେବତାମାନଙ୍କୁ ସାହାଯ୍ୟ କରିବା ପାଇଁ ତାଙ୍କୁ ପ୍ରତାରଣା କରିବାକୁ ଚାହୁଁଥିଲେ। ଶୁକ୍ରାଚାର୍ଯ୍ୟ ବାମନଙ୍କୁ ତୁରନ୍ତ ଚିହ୍ନି ରାଜା ବଳିଙ୍କୁ ସତର୍କ କରିଥିଲେ। କିନ୍ତୁ ବଳି ତାଙ୍କ ପ୍ରତିଶ୍ରୁତିରେ ଅଟଳ ଥିଲେ ଏବଂ ବାମନଙ୍କୁ ତିନି ଲୋକ ଦେବାକୁ ପ୍ରସ୍ତୁତ ହୋଇଥିଲେ। ରାଜାଙ୍କର ଏହି ଗର୍ବ ଦେଖି ଶୁକ୍ରାଚାର୍ଯ୍ୟ ବିରକ୍ତ ହୋଇ ନିଜର ଶକ୍ତି ଦ୍ୱାରା ନିଜକୁ ସଙ୍କୁଚିତ କରି କମଣ୍ଡଳୁର ନଳୀରେ ବସିଥିଲେ, ଯେଉଁଥିରୁ ଜଳ ଢାଳି ପ୍ରତିଶ୍ରୁତି ପୂରଣ କରାଯାଉଥିଲା। ବାମନ ତାଙ୍କ ଆଖିକୁ ଏକ କାଠି ଦ୍ୱାରା ବିଦ୍ଧ କରିଥିଲେ, ଏବଂ ଏହିପରି ବଳିଙ୍କଠାରୁ ତିନି ଲୋକ ପ୍ରାପ୍ତ କରିଥିଲେ। ଏହି ଘଟଣା ଶୁକ୍ରାଚାର୍ଯ୍ୟଙ୍କର ଦେବତାଙ୍କ ପ୍ରତି ଦୃଢ଼ତା ଓ ବୁଦ୍ଧିମତ୍ତାକୁ ପ୍ରତିଫଳିତ କରେ, କିନ୍ତୁ ବଳିଙ୍କର ସତ୍ୟନିଷ୍ଠା ତାଙ୍କୁ ଏହି ପ୍ରତାରଣାରୁ ରକ୍ଷା କରିପାରି ନଥିଲେ।



# ଜାଗ୍ରତ ଗୌରୀ ଜାଗୁଳେଇ




ମାତା ପାର୍ବତୀଙ୍କର ଅନ୍ୟନାମ ଗୌରୀ। ତାଙ୍କ ସଂପର୍କରେ ଥିବା ପୁରାଣ କାହାଣୀ ଅନୁସାରେ, ବ୍ରହ୍ମା ତାଙ୍କୁ ନିଜ ଶରୀରରୁ ସୃଷ୍ଟିକରି ରୁଦ୍ର ବା ଶିବଙ୍କୁ ଦାନ କରିଥିଲେ। ପରେ ସେ ହୋଇଥିଲେ ଦକ୍ଷ ପ୍ରଜାପତିଙ୍କର କନ୍ୟା। ସେତେବେଳେ ବି ବ୍ରହ୍ମାଙ୍କ ନିର୍ଦ୍ଦେଶରେ ଦକ୍ଷ ତାଙ୍କୁ ଶିବଙ୍କୁ ସମର୍ପଣ କରିଥିଲେ। ତାହାର ପରବର୍ତ୍ତୀ କାଳରେ ହିମାଳୟଙ୍କ ଗୃହରେ ଜନ୍ମଗ୍ରହଣ କରି ଉମା ବା ପାର୍ବତୀ ନାମରେ ସେ ପରିଚିତା ହୋଇଥିଲେ। କଠୋର ତପସ୍ୟା କରି ପୁନଶ୍ଚ ମହାଦେବଙ୍କୁ ହିଁ ସେ ପତି ରୂପେ ପାଇଥିଲେ। ମାତ୍ର ଓଡ଼ିଶାର ଲୋକ-ପରମ୍ପରାରେ ଗୌରୀ ନାମରେ ଆଉ ଜଣେ ଦେବୀ ଅଛନ୍ତି। ସେ ଜାଗ୍ରତ୍ ଗୌରୀ। ଲୋକଭାଷାରେ ସେ ଜାଗୁଳାଇ ବା ଜାଗୁଳେଇ। ତାହାଙ୍କ ନାମରେ ଗୋଟିଏ ଲୋକଗୀତ ପ୍ରଚଳିତ ଅଛି। ସେଥିରେ କୁହାଯାଇଛି- ଓଡ଼ିଶାର ଲୋକ ପରମ୍ପରାରେ ଏହି ଜାଗୁଳେଇ ଗ୍ରାମଦେବୀ ବା ଯୋଗିନୀ। ଶ୍ରାବଣ ଶୁକ୍ଳପକ୍ଷ ପଞ୍ଚମୀ ରାତିରେ ସେ ଗ୍ରାମର ଦ୍ୱାରେ ଦ୍ୱାରେ ବୁଲି ଚକୁଳିପିଠା ଭୋଗ ଖାଇଥାଆନ୍ତି। କିନ୍ତୁ ଏହାଙ୍କର ନାଆଁ କାହିଁକି ଜାଗୁଳାଇ ? ଏହାର ଉତ୍ତର ଅଛି ଏହାର ମୂଳ ସଂସ୍କୃତ ନାମ 'ଜାଗ୍ରଦ୍ ଗୌରୀ' ଓ ଆମ ଲୋକ ପରମ୍ପରାରେ। ଆମ ଲୋକ ପରମ୍ପରା ଅନୁସାରେ, ଶ୍ରାବଣ ଶୁକ୍ଳପକ୍ଷ ପଞ୍ଚମୀ ରାତିରେ ଗ୍ରାମର ବାରିକ ମାଟିର ଗୋଟିଏ 'ଜାଗଳାଇ' ମୂର୍ତ୍ତି ନିର୍ମାଣ କରି, ତାହାଙ୍କୁ ଗ୍ରାମର ଦ୍ୱାରେ ଦ୍ୱାରେ ବୁଲାନ୍ତି। ସେହି ସମୟରେ ନିଜ ନିଜର ସକ୍ଷମତା ଅନୁସାରେ, ଗୃହସ୍ଥମାନେ ଗୃହଦ୍ୱାରରେ ତାଙ୍କୁ ଚକୁଳି ଭୋଗ ଦେଇଥାନ୍ତି। ପରିଶେଷରେ ତାଙ୍କୁ ନେଇ ଜଳରେ ବିସର୍ଜିତ କରି ଦିଆଯାଏ। ଏହା ସୂଚାଏ, ଏହି ଦେବୀ ଜାଗ୍ରତ ରହି ଗ୍ରାମବାସୀଙ୍କର ସୁରକ୍ଷା କରିଥାଆନ୍ତି। ଓଡ଼ିଶାର ବିଭିନ୍ନ ସ୍ଥାନରେ ଏହି ଜାଗ୍ରତଗୌରୀ ଦେବୀ ବା ଜାଗୁଳାଇଙ୍କର ମନ୍ଦିର ଅଛି। ଏହି ଦେବୀ 'ବୁଢ଼ୀ ଜାଗୁଳେଇ' ନାମରେ ମଧ୍ୟ ପ୍ରସିଦ୍ଧା। ଏ ପ୍ରସଙ୍ଗରେ ଉଲ୍ଲେଖନୀୟ ଯେ ଶ୍ରାବଣ କୃଷ୍ଣପକ୍ଷ ପଞ୍ଚମୀ 'ମନସା ପଞ୍ଚମୀ' ଭାବରେ ପ୍ରସିଦ୍ଧ ହୋଇଥିବା ବେଳେ ଶୁକ୍ଳ ପଞ୍ଚମୀ 'ଜାଗୁଳାଇ ପଞ୍ଚମୀ' ଭାବରେ ପ୍ରସିଦ୍ଧ।




## ଲିଙ୍ଗରାଜ ମନ୍ଦିର


ମନ୍ଦିରମାଳିନୀ ଭୁବନେଶ୍ୱରର ମହାପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିର ଓଡ଼ିଶା କୀର୍ତ୍ତିରାଜିର ଅନ୍ୟତମ ଶ୍ରେଷ୍ଠ ରତ୍ନ। ଏହି ମନ୍ଦିର ୧୦୩୦ରେ ରାଜା ଯଯାତି କେଶରୀ ଆରମ୍ଭ କରିଥିବା ବେଳେ ୧୦୬୫ରେ ରାଜା ଲଲାଟେନ୍ଦୁ କେଶରୀ ଶେଷ କରିଥିଲେ। ମନ୍ଦିର ଉଚ୍ଚତା ୧୮୦ଫୁଟ । ଏଠାରେ ମୁଖ୍ୟ ମନ୍ଦିରକୁ ଛାଡ଼ିଦେଲେ ନାଟମଣ୍ଡପ, ଜଗମୋହନ, ଭୋଗମଣ୍ଡପ ରହିଛି। ମନ୍ଦିରର ବିଶେଷତ୍ୱ ହେଉଛି ଏଠାରେ ସ୍ୱୟଂମ୍ଭୁ ଲିଙ୍ଗ ଅଛନ୍ତି, ଯାହାକି ହରିହରଙ୍କ ସମ୍ମିଶ୍ରଣ ଅଟନ୍ତି। ତେଣୁ ପ୍ରଭୁ ଲିଙ୍ଗରାଜଙ୍କୁ ଉଭୟ ଶିବ ଓ ବିଷ୍ଣୁ ଭାବେ ପୂଜା କରାଯାଏ। ଭାରତର ଶ୍ରେଷ୍ଠ ୧୨ଟି ପବିତ୍ର ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଅନ୍ୟତମ ଏହି ମନ୍ଦିରରେ ଶିବରାତ୍ରି ଉତ୍ସବରେ ଦୀପ ପରିବର୍ତ୍ତେ ମଶାଲ ଜାଳି ମହାଦୀପ ଉଠାଯାଇଥାଏ।





## ଦେବୀ ଯୋଗମାୟା

ଦେବୀ ଯୋଗମାୟାଙ୍କ ଜନ୍ମ ସ୍ଥାନ ଦୁର୍ଗା ସପ୍ତଶତିର ପ୍ରଥମ ଅଧ୍ୟାୟରେ ରହିଥିବା। ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ ଦେବୀ ଯୋଗମାୟା ଏ ସାରା ସଂସାର ଉପରେ ମୋହ ମାୟାର ଜାଲ ବିଛାଇ ଅଛନ୍ତି । ଦେବୀ ଯୋଗମାୟା ଭଗବାନ ବିଷ୍ଣୁଙ୍କ ସହ ରହିଥାନ୍ତି ଏବଂ ସର୍ବଦା ତାଙ୍କୁ ସହାୟତା ଯୋଗାଇ ଦେଇଥାନ୍ତି । କଂସର କାରାଗୃହରେ ଦେବକୀଙ୍କ ଗର୍ଭରୁ ଭଗବାନ ଶ୍ରୀକୃଷ୍ଣ ଜନ୍ମ ନେବା ବେଳେ ଦେବୀ ଯୋଗମାୟା ମାତା ଯଶୋଦାଙ୍କ ଗର୍ଭରୁ ଜାତ ହୋଇଥିଲେ । ଶ୍ରୀକୃଷ୍ଣଙ୍କୁ ପିତା ବାସୁଦେବ ନନ୍ଦରାଜାଙ୍କୁ ହସ୍ତାନ୍ତର କରିବା କ୍ଷଣି ନନ୍ଦବାବା ଯୋଗମାୟାଙ୍କୁ ବାସୁଦେବଙ୍କୁ ଅର୍ପଣ କରିଥିଲେ । ଦେବୀ ଯୋଗମାୟାଙ୍କୁ ଦେବକୀଙ୍କ ଅଷ୍ଟମ ସନ୍ତାନ ଭାବି କଂସ ଭୂମିରେ କଚାଡ଼ିବାକୁ ଉଦ୍ୟତ ହୁଅନ୍ତେ ଦେବୀ ଖସିଯାଇ ଆକାଶକୁ ଚାଲିଯାଇଥିଲେ ଏବଂ ଅଷ୍ଟଭୁଜା ରୂପ ଧାରଣ କରି କଂସକୁ ଚେତାବନୀ ଦେଇଥିଲେ, 'ରେ କଂସ ତୋ କାଳ ଜନ୍ମ ନେଇ ସାରିଛି । ଖୁବ୍‌ଶୀଘ୍ର ସେ ତୋର ବଧ କରିବ । ଦେବୀ ଯୋଗମାୟା ଯଶୋଦାଙ୍କ ଗର୍ଭରୁ ଜନ୍ମ ନେଇଥିବା ସ୍ଥାନଟି ବର୍ତ୍ତମାନ ପବିତ୍ର ବ୍ରଜଭୂମି ମହାବନରେ ରହିଛି । ଏହା ଉତ୍ତରପ୍ରଦେଶର ମଥୁରା ଠାରୁ ୧୧ କିମି ଦୂରରେ ଅବସ୍ଥିତ । ମହାବନ ପର୍ବତରେ ଏକ ଦୁର୍ଗ ଅଛି । ଦୁର୍ଗ ଭିତରେ ଅଛି ଏକ କୋଠରୀ । ଏହି କୋଠରୀରେ ହିଁ ମାତା ଯଶୋଦା ଦେବୀ ଯୋଗମାୟାଙ୍କୁ ଜନ୍ମ ଦେଇଥିବା ବିଶ୍ୱାସ କରାଯାଏ । କୁହାଯାଏ ଯେ ଏହି ଯୋଗମାୟା ପୁଣି ଥରେ ସୁଭଦ୍ରାଙ୍କ ରୂପରେ ଜନ୍ମ ନେଇଥିଲେ । ସୁଭଦ୍ରାଙ୍କ ବିବାହ ଅର୍ଜୁନଙ୍କ ସହ ହୋଇଥିଲା ।



## ଆଦର୍ଶ ବିଦ୍ୟାଳୟ ନିର୍ମାଣ ପାଇଁ ଶିଳାନ୍ୟାସ

ପିପିଲି,(ନିପ୍ର): ପୁରୀ ଜିଲ୍ଲା ପିପିଲି ବ୍ଲକ ଦୁର୍ଗାଦାସପୁର ପଞ୍ଚାୟତ ଠଣଠଣା ପ୍ରାଥମିକ ବିଦ୍ୟାଳୟରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ପାଇଁ ଶିଳାନ୍ୟାସ ହୋଇଛି । ପୁରୀ ସାଂସଦ ଡା ସମ୍ବିତ ପାତ୍ର ଓ ବିଧାୟକ ଆଶ୍ରିତ ପଟ୍ଟନାୟକ ଏହି ଉତ୍ସବରେ ଯୋଗ ଦେଇଥିଲେ । ସେହିପରି ପିପିଲି ବ୍ଲକ ଶିକ୍ଷାଧିକାରୀ ପୀତବାସ ସେଠି. ସ୍ଥାନୀୟ ସରପଞ୍ଚ ବିଭୁତି ଭୂଷଣ ନାଥ ପଞ୍ଚାୟତ ସମିତି ସଭ୍ୟା ସମେତ ଦଳୀୟ ନେତୃତ୍ୱ ମଣ୍ଡଳୀ ଓ କର୍ମୀମାନେ ଯୋଗ ଦେଇଥିଲେ । ଆଦର୍ଶ ବିଦ୍ୟାଳୟ ପାଇଁ ସରକାର ପ୍ରାୟ ସାଢେ ଛଅ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି । ଉକ୍ତ ବିଦ୍ୟାଳୟ ହେଲେ ପାର୍ଶ୍ୱ ପଞ୍ଚାୟତ ଓ ପିପିଲି ଅଞ୍ଚଳର କୋମଳମତି ଶିଶୁମାନେ ଶିକ୍ଷାର ଅଗ୍ରଗତି କରିପାରିବେ ବୋଲି ବିଧାୟକ ଉଦ୍‌ବୋଧନ ଦେଇଛନ୍ତି ।

## ମୁଖ୍ୟମନ୍ତ୍ରୀ ଟ୍ରଫି-୨୦୨୬
## ବାଳିକା ବିଭାଗର ଜୋନ୍ ଚାମ୍ପିଅନ୍ ହେଲା ବରଗଡ଼

ବଲାଙ୍ଗିର,(ନିପ୍ର): ଆନ୍ତଃଜିଲ୍ଲା ୧୪ ବର୍ଷ ବାଳକ ଓ ବାଳିକା ମୁଖ୍ୟମନ୍ତ୍ରୀ ଟ୍ରଫି–୨୦୨୬ ଫୁଟବଲ୍ ଚାମ୍ପିୟନସିପ୍‌ର ଦ୍ୱିତୀୟ ସଂସ୍କରଣର ଫାଇନାଲ୍ ମ୍ୟାଚ୍ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ୍ ବଲାଙ୍ଗିରରେ ଅନୁଷ୍ଠିତ ହୋଇଥିଲା । ବାଳିକା ବର୍ଗର ଫାଇନାଲ୍‌ରେ ବରଗଡ଼ ଓ ଦେବଗଡ଼ ମଧ୍ୟରେ ହୋଇଥିବା ରୋମାଞ୍ଚକର ମୁକାବିଲାରେ ବରଗଡ଼ ୨–୧ ଗୋଲ୍‌ରେ ବିଜୟୀ ହୋଇ ଜୋନ୍ ଚାମ୍ପିୟନ୍ ଟ୍ରଫି ହାସଲ କରିଛି । ଏହି ଅବସରରେ ବରଣ୍ୟ ଅତିଥି ଭାବେ ବଲାଙ୍ଗିର ପୌରପାଳିକା ଅଧ୍ୟକ୍ଷା ଲିକା ସାହୁ ଓ ଅତିରିକ୍ତ ଜିଲ୍ଲାପାଳ ଡଃ ବିଜୟାନନ୍ଦ ସେଠୀ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ବିତରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଫୁଟବଲ୍ ଏସୋସିଏସନ୍ ଓ ଜିଲ୍ଲା କ୍ରୀଡ଼ା ସଂସଦର କାର୍ଯ୍ୟକାରୀ ସଭାପତି ଡଃ ଶ୍ରୀକର ମିଶ୍ର, ଯୁଗ୍ମ ସମ୍ପାଦକ କୃଷ୍ଣଚନ୍ଦ୍ର ମିଶ୍ର, କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା, ଫୁଟବଲ୍ ସମ୍ପାଦକ ଶରତ କୁମାର ନନ୍ଦ, ବରିଷ୍ଠ ସଦସ୍ୟ




ଡଃ ସିଦ୍ଧେଶ୍ୱର ମିଶ୍ର, ସୁଧୀର ଚନ୍ଦ୍ର ପଣ୍ଡା, ଜିଲ୍ଲା କ୍ରୀଡ଼ା ଅଧିକାରୀ ପରାସର ବାଗ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର କୁମାର ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ । ମ୍ୟାଚ୍ ପରିଚାଳନାର ଦାୟିତ୍ୱ ସୀତା ମାରାଣ୍ଡି, ମାମା ସିଂ, ଅନିତା ମହାନନ୍ଦ ଓ ପ୍ରିୟଙ୍କା ବିଶିଙ୍କୁ ଦିଆଯାଇଥିଲା ।

## ୫୦ ଚାରାରୋପଣ


ନିମାପଡ଼ା,(ନି.ପ୍ର.): ନାଗବସ୍ତ ନୋଡ଼ାଲ ପ୍ରକଳ୍ପ ବିଦ୍ୟାଳୟ ଇକୋ କ୍ଲବ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ ଉତ୍ସାହର ସହ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ତ୍ରିଲୋଚନ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ସର୍ବମୋଟ ୫୦ଟି ଚାରାରୋପଣ କରାଯାଇଥିଲା । ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଗଠିତ କ୍ଲବ୍ ସଦସ୍ୟମାନଙ୍କ ସହଯୋଗରେ ପରିବେଶ ଜନିତ ବିଭିନ୍ନ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇ ଆସୁଥିବା ସୂଚନା ଦିଆଯାଇଥିଲା । ଶିକ୍ଷକ ଭାସ୍କର ସାହୁ, ପ୍ରୀତିପୁଷ୍ପା ମଲ୍ଲିକ, ଝିଲ୍ଲିଲତା କାଣ୍ଡି, ସରସ୍ୱତୀ ସ୍ୱାଇଁ, ରଂଜନ ଆଚାର୍ଯ୍ୟ, ଅଭିଭାବକ ଅଭିମନ୍ୟୁ ସ୍ୱାଇଁ, ସୁକାନ୍ତି ଜେନା, ପ୍ରମିଳା ବେଓ୍ୱା, ବାସନ୍ତୀ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ ।

## 'ସବୁଜ ବନାନୀ ସୃଷ୍ଟି ପାଇଁ ସମସ୍ତେ ସଂକଳ୍ପବଦ୍ଧ ହୁଅନ୍ତୁ'

ଭଦ୍ରକ,(ନିପ୍ର): ବ୍ୟାପକ ଗଛ କଟା ଓ ଦ୍ରୁତ ଶିଳ୍ପାୟନ ଯୋଗୁଁ ଏବେ ପରିବେଶ ପ୍ରଦୂଷଣ ଜନିତ ସମସ୍ୟା ବଢ଼ିବାରେ ଲାଗିଛି । ଫଳରେ ଜୀବଜଗତକୁ ଏହା ଅସ୍ତବ୍ୟସ୍ତ କରି ପକାଉଛି । ତେଣୁ ଏଥିରୁ ରକ୍ଷା ପାଇବା ପାଇଁ ପ୍ରତ୍ୟେକ ବ୍ୟକ୍ତି ପ୍ରତିବର୍ଷ ସଂକଳ୍ପବଦ୍ଧ ହୋଇ ବୃକ୍ଷରୋପଣ କରି ପୁଣି ଥରେ ସବୁଜ ବନାନୀ ସୃଷ୍ଟି କରନ୍ତୁ ବୋଲି ବିଶ୍ୱ ପରିବେଶ ଦିବସ ପାଳନ ସମାରୋହରେ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇ ଆହ୍ୱାନ ଦେଇଛନ୍ତି । ଶେଷରେ ଆଶ୍ରମ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅତିଥିମାନେ ଗୋଟିଏ ଗୋଟିଏ ଗଛ ଲଗାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ।

## ଖାଦ୍ୟଜନିତ ରୋଗର ଭାର କମାଇବା ପାଇଁ ନବୀନଙ୍କ ଅପିଲ

ଭୁବନେଶ୍ୱର,(ହି.ସ.)- ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସରେ ଖାଦ୍ୟଜନିତ ରୋଗର ଭାର କମାଇବା ପାଇଁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଅପିଲ କରିଛନ୍ତି ।



ଏନେଇ ସୋସିଆଲ ମିଡିଆ ଏକ୍ସରେ ଏକ ବାର୍ତ୍ତା ଜାରି କରି ସ୍ୱାସ୍ଥ୍ୟକର ଖାଦ୍ୟ ସ୍ୱାସ୍ଥ୍ୟକର ଜୀବନ, ସମୁଦାୟ ଏବଂ ଜାତି ଗଢ଼େ । ଗତ ଦୁଇ ଓ ଅଧା ଦଶକ ଧରି ଓଡିଶା ଆବଶ୍ୟକାକରୀଙ୍କ ପାଇଁ ଖାଦ୍ୟ ସୁରକ୍ଷାରେ ପ୍ରଥମ ପଦକ୍ଷେପ ନେଇ ଅପାର ପ୍ରଶଂସା ଅର୍ଜନ କରିଛି । ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ଅବସରରେ, ଆସନ୍ତୁ ଖାଦ୍ୟଜନିତ ରୋଗର ଭାର କମାଇବା ପାଇଁ ଭଲ ସ୍ୱାସ୍ଥ୍ୟ, ଶକ୍ତିଶାଳୀ ଜୀବିକା ଏବଂ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସଙ୍କଳ୍ପ ।

# ଅଧାପନ୍ତରିଆ ରାସ୍ତା ବଢ଼ାଉଛି ଅଞ୍ଚଳବାସୀଙ୍କ ଦୁର୍ଦ୍ଦଶା

ଜୟପୁର,(ହି.ସ.)- ବର୍ଷ ବର୍ଷ ଧରି ଅଧାପନ୍ତରିଆ ହୋଇ ପଡିଛି ରାସ୍ତା । ବଢୁଛି ଦୁର୍ଗମବାସୀଙ୍କ ଦୁର୍ଦ୍ଦଶା । ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ନେଇ ଭିଜିଲାନ୍ସରେ ମାମଲା ପହଂଚିଥିଲା । ସରକାରଙ୍କ ଅପାରଗତା କାରଣରୁ ୨୦୧୪ ର ଏହି ମାମଲା ଏ ପର୍ଯ୍ୟନ୍ତ ତଦନ୍ତ ଶେଷ ହୋଇପାରିଲା ନାହିଁ । ଯଦ୍ୱାର ରାସ୍ତା ନିର୍ମାଣ ପାଇଁ ରି ଟେଣ୍ଡର ହୋଇ ପାରୁନାହିଁ । ସରକାର ଏବଂ ପୂର୍ତ୍ତ ବିଭାଗର ଅବହେଳା କାରଣରୁ ବର୍ଷ ବର୍ଷ ଧରି ଦୁର୍ଦ୍ଦଶା ଭୋଗୁଛନ୍ତି ଦୁର୍ଗମ ଅଞ୍ଚଳବାସୀ । ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ଦାବି କରିଛନ୍ତି ଅଞ୍ଚଳବାସୀ । ବୋରିଗୁମ୍ମା ବ୍ଲକ ତରାଭାଙ୍ଗା ଠାରୁ କାଠରଗଡା ରାସ୍ତା । ୧୩ କି.ମି. ରାସ୍ତା ୧୨ ବର୍ଷ ହେବ ନିର୍ମାଣ କାର୍ଯ୍ୟ ବନ୍ଦ ହୋଇପଡ଼ିଛି । ବର୍ଷ ବର୍ଷ ଧରି ଦୁର୍ଦ୍ଦଶା ଭୋଗୁଛନ୍ତି ଦୁର୍ଗମ ଅଞ୍ଚଳ ବାସୀ । ରାସ୍ତାରୁ ମେଟାଲ ପଥର ଉଠି ଯାଉଛି, ସ୍ଥାନେ ସ୍ଥାନେ ବଡ଼ ବଡ଼ ଖାଲଖମା ତା ସାଙ୍ଗକୁ ଧୂଳି ସରସର ରହିଛି ରାସ୍ତା । ୧୨ ବର୍ଷ ହେବ ଏଭଳି ଅବସ୍ଥାରେ ପଡି ରହିଛି ଏହି ରାସ୍ତା । ଦୀର୍ଘ ବର୍ଷ ହେବ ପକ୍କା ରାସ୍ତା ନିର୍ମାଣ ନ ହେବା ଯୋଗୁଁ ଦୁର୍ଦ୍ଦଶା ଭୋଗୁଛନ୍ତି ୪ ପଂଚାୟତବାସୀ । ଏହି ରାସ୍ତା ପୂର୍ତ୍ତ ବିଭାଗ ଅଧୀନରେ ରହିଥିବା ବେଳେ ଏହି ରାସ୍ତା ଉପରେ ଗୁମୁଡା, କାଠରଗଡା, ଚମ୍ପାପଦର, ହରଡ଼ାଗୁଡା ଭଳି ପଂଚାୟତବାସୀ ନିର୍ଭର କରନ୍ତି । ଏହି ରାସ୍ତାରେ ଦୈନିକ ଅନେକ ଘରୋଇ ବସ୍ ସହ ମୁରାନ ମେଗା ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ଭାରୀଜାନ ଚଳାଚଳ କରୁଛି । ଶୀତ ଓ ଖରା ଦିନେ କଷ୍ଟେ ମଷ୍ଟେ ଏହି ରାସ୍ତାରେ ଯାତାୟାତ ହେଉଛି । କିନ୍ତୁ ବର୍ଷା ଦିନେ ବସ୍ ଯାଏନି କି ରୋଗୀଙ୍କୁ ନେବା ପାଇଁ ଆମ୍ବୁଲାନ୍ସ ଆସି ପାରୁ ନାହିଁ । ଫଳରେ ଏହି ରାସ୍ତା ଯୋଗୁଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅଧାପନ୍ତରିଆ ହୋଇ ପଡିରହିଥିବା ଏହି ରାସ୍ତାଟିକୁ ପୁନଃନିର୍ମାଣ କାର୍ଯ୍ୟ ଆରମ୍ଭ କରନ୍ତୁ ବୋଲି ୪ଖଣ୍ଡ ପଞ୍ଚାୟତବାସୀ ଦାବି କରିଛନ୍ତି ।

ସେପଟେ ଗତ ୨୦୧୩-୧୪ ଆର୍ଥିକ ବର୍ଷରେ ଏହି ୧୩ କି.ମି. ରାସ୍ତା ନିର୍ମାଣ ପାଇଁ ୧୪ କୋଟି ଟଙ୍କା ମଞ୍ଜୁର ହୋଇଥିଲା । ରାସ୍ତା ନିର୍ମାଣ କାର୍ଯ୍ୟ ଏକ ବର୍ଷ ମଧ୍ୟରେ ସରିବା ପାଇଁ ଚୁକ୍ତି ହୋଇ ବୋରିଗୁମ୍ମା ପୂର୍ତ୍ତ ବିଭାଗ ଅଧୀନରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । କିନ୍ତୁ ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ନେଇ ସଂପୃକ୍ତ ଠିକାଦାରଙ୍କ ବିରୋଧରେ ଭିଜିଲାନ୍ସରେ ତଦନ୍ତ ପାଇଁ ଅଭିଯୋଗ ହୋଇଥିଲା । ସେହି ଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାମଟି ବନ୍ଦ ହୋଇ ପଡିଛି ।

ସରକାରଙ୍କ ଅଣଦେଖା ଏବଂ ପୂର୍ତ୍ତ ବିଭାଗର ନୀରବତା ଯୋଗୁଁ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ବନ୍ଦ ହୋଇପଡିଛି । ଏବେ ସରକାର ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ଦାବି କରିଛନ୍ତି ଅଞ୍ଚଳ ବାସୀ । ରାସ୍ତା ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ ହେଉ ନଚେତ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ବାଧ ହେବୁ ବୋଲି ଚେତାବନୀ ଦେଇଛନ୍ତି ଅଞ୍ଚଳବାସୀ । ତେବେ ବାର ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ତାରାଭଙ୍ଗା ଠାରୁ କାଠରଗଡ଼ା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ବନ୍ଦ ହୋଇଛି ଯଦ୍ୱାରା ଅଞ୍ଚଳ ବାସୀ ପୂର୍ତ୍ତ ବିଭାଗ ଏବଂ ରାଜନେତାଙ୍କୁ ବାରମ୍ବାର ଗୁହାରି କଲେ ବି କୌଣସି ସୁଫଳ ମିଳି ପାରୁନି । ସରକାର ବଦଳିଲା ଭଳି ଏବେ ଏହି ରାସ୍ତାର ରୂପରେଖ ବି ବଦଳିବା ଦରକାର ବୋଲି ସାଧାରଣରେ ଦାବି ହେଉଛି । ତେଣୁ ରାଜ୍ୟ ସରକାର ରାସ୍ତା ନିର୍ମାଣ କରି ୪ ପଂଚାୟତ ବାସୀଙ୍କ ଦୁଃଖ ଦୂର କରିବାକୁ ଦାବି କରିଛନ୍ତି ।

## ଦେବୋତ୍ତର ବିଭାଗ ଜମି ଓ ଜାଗା ଜବରଦଖଲରେ
### ବାରମ୍ବାର ଅଭିଯୋଗ ପରେ କିଛି ଜମି ଉଚ୍ଛେଦ

ଆଠଗଡ,(ନିପ୍ର) : ଆଠଗଡ ଦେବୋତ୍ତର ବିଭାଗ ଅଧୀନରେ ଥିବା ଠାକୁର ଓ ଠାକୁରାଣୀଙ୍କ ଜମିବାଡ଼ି ବର୍ଷ ବର୍ଷ ଧରି ଦଖଲକାରୀଙ୍କ କବ୍‌ଜାରେ । ଏଥିପାଇଁ ବାରମ୍ବାର ଅଭିଯୋଗ ହୋଇଆସୁଥିଲେ ମଧ୍ୟ ବିଭାଗ କିଛି ପଦକ୍ଷେପ ନେଉ ନଥିବା ସାଧାରଣରେ ବାରମ୍ବାର ଚର୍ଚ୍ଚା ହୁଏ । ବିଭାଗର କିଛି ଅସାଧୁ କର୍ମଚାରୀଙ୍କ ସହିତ ମିଳି ମିଶି ଦେବୋତ୍ତର ବିଭାଗର ଜମିବାଡିକୁ ବହୁ ଜବରଦଖଲକାରୀ, ପ୍ରଭାବଶାଳୀ ଶ୍ରେଣୀର ଲୋକମାନେ ଜବର ଦଖଲ କରିବା ସହିତ ଅଟ୍ଟାଳିକା ନିର୍ମାଣ କରିଥିବା ଅଭିଯୋଗ ହୋଇଆସୁଅଛି । ହେଲେ ଫଳ ସବୁବେଳେ ଶୂନ । ଏହି ପରିପ୍ରେକ୍ଷୀରେ କଟକ ଜିଲ୍ଲା ଆଠଗଡ଼ ବ୍ଲକ ଅନ୍ତର୍ଗତ ମଞ୍ଜେଶ୍ୱର ପଂଚାୟତ ବାବା ଧବଳେଶ୍ୱରଙ୍କ ଜାଗାକୁ ମଧ୍ୟ କିଛି ଲୋକ ଜବରଦଖଲ କରିଥିଲେ । ଏହି ଖବର ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ ପରେ ଉଚ୍ଛେଦ ହୋଇଥିଲା । ଧବଳେଶ୍ୱରଙ୍କ ଜମି ସ୍ଥାନୀୟ ଅଞ୍ଚଳର କିଛି ଲୋକ ଜବରଦଖଲ କରିଥିଲେ । ଅଭିଯୋଗ ପରେ



ଆଠଗଡ଼ ପ୍ରଶାସନ ପକ୍ଷରୁ ପାଇକେରାପୁର ଅଞ୍ଚଳରେ ଥିବା ଠାକୁରଙ୍କ ଜମି ଜବରଦଖଲକୁ ଉଚ୍ଛେଦ କରାଯାଇଥିବା ଜଣାପଡିଛି । ରାଜ୍ୟର ପ୍ରସିଦ୍ଧ ତଥା ଆଠଗଡ଼ର ଆରାଧ୍ୟ ଶ୍ରୀ ଧବଳେଶ୍ୱରଙ୍କ ଅନେକ ଭୂସଂପତ୍ତି ଦୀର୍ଘ ଦିନ ଧରି ଜବର ଦଖଲକାରୀଙ୍କ କବ୍‌ଜାରେ ରହିଥିବା ଅଭିଯୋଗ ହୋଇଆସୁଛି । ମଞ୍ଜେଶ୍ୱର ଗ୍ରାମ ପଞ୍ଚାୟତ ଅଧୀନସ୍ଥ ପାଇକେରାପୁରରେ ପ୍ରାୟ ୯ ଏକରରୁ ଊର୍ଦ୍ଧ୍ୱ ଜମି କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ଓ ବିଲଡର ସଂସ୍ଥା ଦ୍ୱାରା ଜବର ଦଖଲ କରି ରଖିଥିଲେ । ଲୋକଙ୍କ ଅଭିଯୋଗ ପରେ ଏ ସଂପର୍କରେ ଦେବୋତ୍ତର ବିଭାଗ ପକ୍ଷରୁ ଆଠଗଡ ଉପ ଜିଲ୍ଲାପାଳଙ୍କ ଅଦାଲତରେ ଏକ ମାମଲା ବିଚାରାଧୀନ ରହିଥିଲା । ଉକ୍ତ ମାମଲାର ବିଚାର କରି ଦେବୋତ୍ତର ଜମି ଉପରୁ ଜବର ଦଖଲ ଉଚ୍ଛେଦ କରିବା ପାଇଁ ଆଦେଶ ଦେଇଥିଲେ । ଆଦେଶ ଅନୁଯାୟୀ ଆଠଗଡ଼ ତହସିଲଦାର କୁଞ୍ଜ ବିହାରୀ ବଡ଼ଜେନା, ଅତିରକ୍ତ ତହସିଲଦାର ତଥା ମାଜିଷ୍ଟ୍ରେଟ ସୌମେନ୍ଦ୍ର କୁମାର ଭଟ୍ଟ, ରାଜସ୍ୱ ନିରୀକ୍ଷକ ସତ୍ୟବ୍ରତ ସାହୁଙ୍କ ସମେତ ସୁରକ୍ଷା ପାଇଁ ଚୌଦ୍ୱାର ଆରକ୍ଷୀ ଅଧୀକ୍ଷକ ଉମାକାନ୍ତ ନାୟକ ଓ ଗୁରୁଡିଝାଟିଆ ଥାନା ଅଧିକାରୀ ଶୁଭେନ୍ଦୁ କୁମାର ମିଶ୍ର ଏକ ପ୍ଲାଟୁନ ସଶସ୍ତ୍ର ପୋଲିସ ବାହିନୀଙ୍କ ଉପସ୍ଥିତିରେ ଜମି ଉପରେ ନିର୍ମିତ ହୋଇଥିବା ବେଆଇନ ରାସ୍ତା ଓ ମାଙ୍କଡା ପଥର ସବୁ ଉଠାଯାଇ ଜବରଦଖଲ ମୁକ୍ତ କରାଯାଇଥିଲା । ସେହିପରି ଆଠଗଡରେ ଅନେକ ଦେବୋତ୍ତର ଜମିକୁ ଜବରଦଖଲକାରୀମାନେ ଜବର ଦଖଲ କରିଥିବା ଜମି ବାଡ଼ିକୁ ତୁରନ୍ତ ଉଚ୍ଛେଦ କରିବା ଦେବୋତ୍ତର ବିଭାଗୀୟ ଅଧିକାରୀଙ୍କ ସହିତ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି ଉଚ୍ଛେଦ କରିବା ପାଇଁ ସାଧାରଣ ଦାବି ଜୋର ଧରିଛି ।

## ଉତ୍କଳମଣି ଉପ୍ରା ବିଦ୍ୟାଳୟ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟରେ ରୂପାନ୍ତରିତ

ଧାମନଗର,(ନିପ୍ର) : ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଅଧୀନ ବୟାଙ୍ଗଡିହି ଠାରେ ଅବସ୍ଥିତ ଉତ୍କଳମଣୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ରବିବାର ରାଜ୍ୟ ସରକାରଙ୍କ ପକ୍ଷରୁ 'ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ' ଭାବରେ ଘୋଷଣା କରାଯାଇଛି । ଧାମନଗର ବ୍ଲକରେ ଦ୍ୱିତୀୟ ଥର ପାଇଁ ଏଭଳି ଏକ ମହତ୍ତ୍ୱପୂର୍ଣ୍ଣ ଶିକ୍ଷାଭିମୁଖୀ ଘୋଷଣା ହୋଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି । ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଆଭାସୀ (ଭର୍ଚୁଆଲ) ମାଧ୍ୟମରେ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ଶିଳାନ୍ୟାସ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ଯୋଗଦେଇ ଅତିଥିମାନେ କହିଥିଲେ ଯେ, ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ଗ୍ରାମାଞ୍ଚଳର ଛାତ୍ରଛାତ୍ରୀମାନେ ଅତ୍ୟାଧୁନିକ ଶିକ୍ଷା ବ୍ୟବସ୍ଥା ସହ ଯୋଡି ହୋଇପାରିବେ । ଏହି ବିଦ୍ୟାଳୟ ପିଲାମାନଙ୍କ ମଧ୍ୟରେ ସୃଜନଶୀଳତା ଓ ମେଧାର ବିକାଶ ପାଇଁ ଏକ କେନ୍ଦ୍ର ବିନ୍ଦୁ ପାଲଟିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ବ୍ଲକ ଶିକ୍ଷା ଅଧିକାରୀ ଡ଼. ପ୍ରଫୁଲ୍ଲ ସାହୁଙ୍କ ସଭାପତିତ୍ୱ କରିଥିଲେ । ଅତିରିକ୍ତ ଶିକ୍ଷା ଅଧିକାରୀ ସତ୍ୟ ସୁନ୍ଦର ପରିଡ଼ା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ପ୍ରଧାନ ଶିକ୍ଷୟତ୍ରୀ ତିଳୋତ୍ତମା ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଧାମନଗର ଅତିରିକ୍ତ ତହସିଲଦାର ପଲ୍ଲୀ ଭାରତ ମହାଳିକ, ଶିକ୍ଷାମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ କୁମାର ପୁହାଣ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନି ବାଳା ବିଶ୍ୱାଳ, ସମିତି ସଭ୍ୟା ଭାରତୀ ବେହେରା ଓ ଶିକ୍ଷକ ପ୍ରଶିକ୍ଷକ ନିର୍ମଳ ସେଠୀ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ବିଆରସିସି ଭୀମସେନ ହୋ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ସ୍ଥାନୀୟ ଜନପ୍ରତିନିଧି, ଶିକ୍ଷକ, ସିଆରସିସି ଏବଂ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଓ ଅଭିଭାବକ ଅଂଶଗ୍ରହଣ କରିଥିଲେ ।

## ମହେନ୍ଦ୍ରଗିରି ମେଳାରେ ଶ୍ରଦ୍ଧାଳୁଙ୍କ ଭିଡ଼

ପାରଳାଖେମୁଣ୍ଡି,(ନିପ୍ର): ପବିତ୍ର ଶୈବପୀଠ ମହେନ୍ଦ୍ରଗିରି ଚଳଚଞ୍ଚଳ । ପାହାଡ଼ର ସୁଉଚ୍ଚ ଶିଖରରେ ଚାଲିଥିବା ପ୍ରସିଦ୍ଧ 'ମହେନ୍ଦ୍ର ମେଳା'ରେ ରବିବାର ହୋଇଥିବାରୁ ଅଭୂତପୂର୍ବ ଜନସମାଗମ ଦେଖିବାକୁ ମିଳିଛି । ଆଖପାଖ ଅଞ୍ଚଳ ସମେତ ରାଜ୍ୟ ଓ ରାଜ୍ୟ ବାହାରୁ ହଜାର ହଜାର ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ



ଆଗମନରେ ସମଗ୍ର ମହେନ୍ଦ୍ରଗିରି ଅଞ୍ଚଳ ଏବେ ଏକ ପ୍ରକାର ଜନସମୁଦ୍ରରେ ପରିଣତ ହୋଇଛି । ପ୍ରାୟ କୋଡିଏ ହଜାରରୁ ଅଧିକ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଛି । ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଏହି ଐତିହାସିକ ପୀଠରେ ଆଧ୍ୟାତ୍ମିକ ପରିବେଶ ସହ ମେଳାର ଆନନ୍ଦ ନେବା ପାଇଁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପ୍ରକାଶ ପାଇଛି । ମେଳା ଅବସରରେ ଭୋର ସମୟରୁ ହିଁ ଶ୍ରଦ୍ଧାଳୁମାନେ ଭଗବାନ ଶିବଙ୍କ ଦର୍ଶନ କରିବା ସହ ବିଭିନ୍ନ ପୌରାଣିକ ମନ୍ଦିର ବୁଲି ଦେଖୁଛନ୍ତି । 'ହର ହର ମହାଦେବ' ଏବଂ 'ଜୟ ଜଗନ୍ନାଥ' ଧ୍ୱନିରେ ସମଗ୍ର ପାର୍ବତ୍ୟ ଅଞ୍ଚଳ ପ୍ରକମ୍ପିତ ହେଉଛି । ଲୋକଙ୍କ ଗହଳିକୁ ଦୃଷ୍ଟିରେ ରଖି ଟ୍ରାଫିକ ନିୟନ୍ତ୍ରଣ, ପାନୀୟ ଜଳ ଯୋଗାଣ ଏବଂ ସ୍ୱାସ୍ଥ୍ୟ ସେବା ପ୍ରତି ବିଶେଷ ଧ୍ୟାନ ଦିଆଯାଇଛି । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ କରାଯିବା ସହ ବରିଷ୍ଠ ଅଧିକାରୀମାନେ ସ୍ଥିତି ଉପରେ ସିଧାସଳଖ ନଜର ରଖିଛନ୍ତି । ମେଳାର ଏହି ଅପୂର୍ବ ସଫଳତା ସ୍ଥାନୀୟ ପର୍ଯ୍ୟଟନ ଶିଳ୍ପକୁ ଆହୁରି ସମୃଦ୍ଧ କରିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

## ଆଞ୍ଚଳିକ ମୁରବୀଙ୍କୁ ଶ୍ରଦ୍ଧାଞ୍ଜଳି

ପୁରୀ,(ନିପ୍ର): ଜିଲ୍ଲା ସଦର ବ୍ଲକ ଅର୍ନ୍ତଗତ ପିଳିପିଳା ଗାଁର ଆଞ୍ଚଳିକ ମୁରବୀ ଗୁଡୁ ପ୍ରଧାନଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସ୍ମୃତି ସଭା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶିକ୍ଷକ ପବିତ୍ର ମୋହନ ଦାସ ଅଧ୍ୟକ୍ଷତା କରିଥିଲେ । ଏକାଧାରରେ ଜଣେ ଅତ୍ୟନ୍ତ ସ୍ନେହୀ,ଭଦ୍ର ,ପରୋପକାରୀ ଓ ଶାନ୍ତ ସ୍ୱଭାବର ମଣିଷ ଥିଲେ ଗୁଡୁ ପ୍ରଧାନ । ସେ ପିଳିପିଳା ଗ୍ରାମ କମିଟିର ଆଜୀବନ ସଭାପତି ଥିଲେ ।ସେ ଥିଲେ ସେହି ଅଞ୍ଚଳର ଦଶଖଣ୍ଡ ମୌଜାର ଚାଷୀମାନଙ୍କର ନେତା ତଥା ସଭାପତି । ସେ ମଧ୍ୟ ପାରମ୍ପରିକ ଜାତିଆଣ ତିନି ଦେଶର ସଭାପତି ଥିଲେ । କେଉଁଠି ସମସ୍ୟା ସୃଷ୍ଟି ହେଲେ ସେଠାରେ ତାଙ୍କର ଉପସ୍ଥିତିକୁ ସମସ୍ତେ ଲୋଡୁଥିଲେ ।ନ୍ୟାୟ ପ୍ରଦାନରେ ନିରପେକ୍ଷତା, ଉପସ୍ଥିତ ବୁଦ୍ଧି ଓ ବୈଚାରିକ ଶୁଦ୍ଧତା ଯୋଗୁଁ ସେହି ଅଞ୍ଚଳରେ ସେ ସର୍ବମାନ୍ୟ ମୁରବି ରୂପେ ଜନତାଙ୍କ ଦ୍ୱାରା ଗୃହୀତ ହୋଇଥିଲେ ।

## ନିରାପଦ ଓ ପୁଷ୍ଟିକର ଖାଦ୍ୟ ସୁସ୍ଥ ଜୀବନର ମୂଳ ଆଧାର: ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର,(ହି.ସ.)- ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ଅବସରରେ ନିରାପଦ ଓ ପୁଷ୍ଟିକର ଖାଦ୍ୟ ସୁସ୍ଥ ଜୀବନର ମୂଳ ଆଧାର ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ କହିଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ଏକ ବାର୍ତ୍ତା ଜାରି କରି ମନ୍ତ୍ରୀ କହିଛନ୍ତି ଯେ, ନିରାପଦ ଓ ପୁଷ୍ଟିକର ଖାଦ୍ୟ ସୁସ୍ଥ ଜୀବନର ମୂଳ ଆଧାର । ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ଅବସରରେ ଆସନ୍ତୁ, ଖାଦ୍ୟର ଗୁଣବତ୍ତା ଓ ସୁରକ୍ଷା ପ୍ରତି ସଚେତନ ହୋଇ ଏକ ସୁସ୍ଥ, ସଶକ୍ତ ଓ ସମୃଦ୍ଧ ସମାଜ ଗଠନରେ ସହଯୋଗ କରିବା ।

## ମୋଟାବାଡି ଶ୍ରୀଗୋପୀନାଥ ବିଦ୍ୟାପୀଠକୁ ପ୍ରକୃତି ମିତ୍ର ପୁରସ୍କାର

ବୁଗୁଡ଼ା,(ନିପ୍ର): ବୃଦ୍ଧି ପାଉଥିବା ପ୍ରଦୂଷଣ, ଜଙ୍ଗଲ ନଷ୍ଟ ଏବଂ ଜଳବାୟୁ ପରିବର୍ତ୍ତନ ମାନବ ସମାଜ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହୋଇଛି । ତେଣୁ ପରିବେଶର ସନ୍ତୁଳନ ରକ୍ଷା ପାଇଁ ପ୍ରତ୍ୟେକ ନାଗରିକଙ୍କ ସକ୍ରିୟ ଭୂମିକା ଆବଶ୍ୟକ । ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲ୍ଲା ବୁଗୁଡ଼ା ବ୍ଲକ ଅଧିନସ୍ଥ ମୋଟାବାଡି ଶ୍ରୀ ଗୋପୀନାଥ ବିଦ୍ୟାପୀଠ ଦ୍ୱାରା ବିଭିନ୍ନ ସମୟରେ ବିଦ୍ୟାଳୟ ତାରଫରୁ ଗଛ ଲଗାଇବା ବହୁ କାର୍ଯକ୍ରମ ହାତକୁ ନେଇଥାଏ । ଯଦ୍ୱାରା କି ବ୍ରହ୍ମପୁର



ସ୍ଥିତ ଡିଏଫ୍‌ଓ କାର୍ଯ୍ୟାଳୟ ଠାରେ ବୁଗୁଡ଼ା ବ୍ଲକ ଅନ୍ତର୍ଗତ ମୋଟାବାଡ଼ି ସ୍ଥିତ ଶ୍ରୀଗୋପୀନାଥ ବିଦ୍ୟାପୀଠକୁ ପ୍ରକୃତି ମିତ୍ର ପୁରସ୍କାର ସହ କୋଡ଼ିଏ ହଜାର ଟଙ୍କାର ଏକ ଚେକ୍ ସହିତ ମାନପତ୍ର ପ୍ରଦାନ କରାଯାଇଛି । ଏହି ପୁରସ୍କାର ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଉମାକାନ୍ତ ଦାସ ବ୍ରହ୍ମପୁର ଡ଼ି.ଏଫ.ଓ.ଙ୍କ ଠାରୁ ଗ୍ରହଣ କରିଛନ୍ତି ।

ଏହି ପୁରସ୍କାର ପାଇଥିବା ଯୋଗୁଁ ବୁଗୁଡ଼ା ବନ ବିଭାଗ କର୍ମଚାରୀମାନଙ୍କୁ ଅନୁଷ୍ଠାନ ତରଫରୁ ଧନ୍ୟବାଦ ପ୍ରଦାନ କରାଯାଇଥିବା ବେଳେ ପରିବେଶ ପ୍ରେମୀ ତଥା ସମାଜସେବୀ ଗୋପାଳ ପାତ୍ରଙ୍କ ସହଯୋଗ କରିଥିବା ଯୋଗୁଁ ତାଙ୍କୁ ଅନୁଷ୍ଠାନ ତରଫରୁ ମଧ୍ୟ ଧନ୍ୟବାଦ ପ୍ରଦାନ କରାଯାଇଛି । ଏଥି ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷକ,ଶିକ୍ଷୟତ୍ରୀମାନଙ୍କ ସହିତ ସମସ୍ତ କର୍ମଚାରୀମାନଙ୍କ ଅକ୍ଳାନ୍ତ ପରିଶ୍ରମ ଓ ମିଳିତ ପ୍ରୟାସରେ ଅନୁଷ୍ଠାନ ପ୍ରକୃତି ମିତ୍ର ପୁରସ୍କାର ପାଇବା ପାଇଁ ସଫଳ ହୋଇ ପାରିଛି ବୋଲି କହିଛନ୍ତି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ।

## କୁଶଭଦ୍ରା ବଞ୍ଚାଅ ଅଭିଯାନ
## ଗାଁ ଗାଁରେ ଅଭିଯାନ କମିଟି ଗଠନ

ନିମାପଡ଼ା,(ନି.ପ୍ର.): କୁଶଭଦ୍ରା ନଦୀକୁ ଚିରସ୍ରୋତା କରିବା ନିମନ୍ତେ କୁଶଭଦ୍ରା ବଂଚାଅ ଅଭିଯାନ ପକ୍ଷରୁ ନଦୀକୂଳ ଗ୍ରମବାସୀଙ୍କ ସହ ଆଲୋଚନା କରାଯାଇ ଜରାଜୀର୍ଣ୍ଣ ସ୍ଥିତି ଅନୁଧ୍ୟାନ କରି ବଡ଼ ଧରଣର ଆନ୍ଦୋଳନ ପାଇଁ ପ୍ରସ୍ତୁତି ଚାଲିଥିବା ଜଣାପଡ଼ିଛି । ଡ଼େଣ୍ଡୁଅଁ, ନାକଡ଼ି, ପାଟପୁର, ବିଜିପୁର, ଷୋଳପୁର ଆଦି ଗ୍ରାମବାସୀଙ୍କ ସହ ଆଲୋଚନା କରି ନଦୀକୁ ଚିରସ୍ରୋତା କରିବା ନିମନ୍ତେ ମିଳିତ ନିଷ୍ପତ୍ତି ନିଆଯାଇଛି । ବିଜିପୁର ଗ୍ରାମରେ ଅଭିଯାନ ଆବାହକ ଆଦର୍ଶ ଦାଶ, ସଂଯୋଜକ ସମୀର ରାଉତରାୟ, ଉପଦେଷ୍ଟା ଅଜୟ ମିଶ୍ର, କାର୍ଯ୍ୟକାରୀ କମିଟି ସଭ୍ୟ ରଂଜିତ ରଥ ଏବଂ ଅଜୟ କୁମାର ପଣ୍ଡା ପ୍ରମୁଖ ନଦୀ କୂଳରେ ପହଞ୍ଚି ଚାଷୀ ଓ ଗୋପାଳକଙ୍କ ସହ ନଦୀ ସମସ୍ୟା ନେଇ ବିଚାର ବିମର୍ଷ କରିଥିଲେ । କେନାଲରେ ପାଣି ନ ଆସିବା, ଗୋ ସଂପଦଙ୍କ ନିମନ୍ତେ ଉତ୍କଟ ଜଳାଭାବ ଇତ୍ୟାଦି ସଂପର୍କରେ



ବିଭିନ୍ନ ତଥ୍ୟ ଉପସ୍ଥାପନ କରାଯାଇଥିଲା । ଷୋଳପୁର ଠାରେ ନଦୀ ଶଯ୍ୟାରୁ ଜଳ ସଫା ହେବା, ପାନୀୟ ଜଳ ସମସ୍ୟା ଲାଗି ରହିବା, ପ୍ରଦୂଷିତ ଜଳ ବ୍ୟବହାର ନେଇ ସାଧାରଣ ଜନତାଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖା ଦେଇଛି ବୋଲି ଅଭିଯାନ ଆବାହକ ଆଦର୍ଶ ଦାଶ ସୂଚନା ଦେଇଥିଲେ । ଜଳ ଶୂନ୍ୟ ଯୋଗୁଁ ଚାଷ କାର୍ଯ୍ୟରେ ବାଧା ସୃଷ୍ଟି ହେବା ସାଙ୍ଗକୁ ବନ୍ୟା ଅଭାବରୁ ପଟୁ ନ ପଡ଼ି ଜମିର ଉର୍ବରତା ହ୍ରାସ ପାଉ ଥିବାରୁ ଅଂଚଳର କୃଷିଭିତ୍ତିକ ଅର୍ଥନୀତି ଦୁର୍ବଳ ହେବା ନେଇ ଚାଷୀମାନେ ଅଭିଯୋଗ କରିଥିଲେ ।

# ଆଗକୁ ଆସୁଛି ରଥଯାତ୍ରା : ପୁରୀ ପୋଲିସ ପକ୍ଷରୁ ଆଚରଣଗତ ପ୍ରଶିକ୍ଷଣ

ପୁରୀ,(ନିପ୍ର): ବିଶ୍ୱପ୍ରସିଦ୍ଧ ରଥଯାତ୍ରା ୨୦୨୬କୁ ଦୃଷ୍ଟିରେ ରଖି ପୁରୀ ପୋଲିସ ପକ୍ଷରୁ ପୋଲିସ ଲାଇନ କନଫରେନ୍ସ ହଲ୍, ପୁରୀଠାରେ ଏକ ସ୍ୱତନ୍ତ୍ର ଆଚରଣଗତ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାର ମୂଳ ଉଦ୍ଦେଶ୍ୟ ଥିଲା ରଥଯାତ୍ରା ଡ୍ୟୁଟିରେ ନିୟୋଜିତ ପୋଲିସ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ଜନସାଧାରଣ ଓ ଶ୍ରଦ୍ଧାଳୁମାନଙ୍କ ସହ ଅଧିକ ସୌହାର୍ଦ୍ଦ୍ୟପୂର୍ଣ୍ଣ, ସମ୍ବେଦନଶୀଳ ଏବଂ ସେବାଭାବପୂର୍ଣ୍ଣ ବ୍ୟବହାର କରିବା ସହିତ ବୃହତ୍ ଜନସମାଗମର ସୁଚାରୁ ପରିଚାଳନା ସମ୍ପର୍କରେ ପ୍ରଶିକ୍ଷିତ କରିବା । ଏହି କର୍ମଶାଳା ପୁରୀ ଏସ୍ପି ପ୍ରତୀକ ସିଂଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ କମାଣ୍ଡାଣ୍ଟ ତପସ ରଞ୍ଜନ ଦାସ, ଅବସରପ୍ରାପ୍ତ ବରିଷ୍ଠ ପୋଲିସ ଅଧିକାରୀ ତଥା ପୂର୍ବତନ ଏସ୍.ପି.ଜ୍ଞାନରଞ୍ଜନ ମହାପାତ୍ର, ଏସ୍.ଏସ୍.ଏମ୍.ଏସ୍.ବି.ର ଡେପୁଟି କମାଣ୍ଡାଣ୍ଟ କୌଶିକ ନାୟକ, ଦୀପକ ଗଡ଼ନାୟକ, ମିସ ଅନାଖା କେ ବିଜୟାଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ, ଏସ୍.ଏସ୍.ଏମ୍.ଏସ୍.ବି. ଅଧିକାରୀ ଏବଂ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ସହ ଜଡିତ ଅଧିକାରୀମାନେ ଉପସ୍ଥିତ ଥିଲେ । କର୍ମଶାଳାରେ ହାଇଟେକ୍ ମେଡିକାଲ୍ କଲେଜ ଓ



ହସ୍ପିଟାଲ, ଭୁବନେଶ୍ୱରର ବିଶିଷ୍ଟ ବିଶେଷଜ୍ଞ ଡ଼ଃ ଅମ୍ରିତ ପଟ୍ଟଯୋଶୀ ଏବଂ ଡ଼ଃ ଜ୍ୟୋତି ପ୍ରକାଶ ଆଚାର୍ଯ୍ୟ ରିସୋର୍ସ ପର୍ସନ୍ ଭାବେ ଯୋଗଦେଇଥିଲେ । ସେମାନେ ଜନଗହଳିର ମନସ୍ତତ୍ତ୍ୱ, ଚାପପୂର୍ଣ୍ଣ ପରିସ୍ଥିତିରେ ପୋଲିସର ଭୂମିକା, ଜନସାଧାରଣଙ୍କ ସହ ପ୍ରଭାବଶାଳୀ ଯୋଗାଯୋଗ, ସକାରାତ୍ମକ ବ୍ୟବହାର ଓ ମାନସିକ ସନ୍ତୁଳନ ବଜାୟ ରଖିବା ଭଳି ବିଷୟ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ବିଶେଷକରି ରଥଯାତ୍ରା ଭଳି ବୃହତ୍ ଧାର୍ମିକ ସମାବେଶରେ କିପରି ଧୈର୍ଯ୍ୟ, ସହନଶୀଳତା ଏବଂ ଭଲ ଆଚରଣ ମାଧ୍ୟମରେ ଜନଗହଳିକୁ ସଫଳତାର ସହ ପରିଚାଳନା କରାଯାଇପାରିବ ସେ ସମ୍ପର୍କରେ ମୂଲ୍ୟବାନ ପରାମର୍ଶ ପ୍ରଦାନ କରିଥିଲେ । ସଭାକୁ ସମ୍ବୋଧିତ କରି ପୁରୀ ଏସ୍ପି ପ୍ରତୀକ ସିଂ କହିଥିଲେ ଯେ ରଥଯାତ୍ରା ସମୟରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ପୁରୀ ଆସିଥାନ୍ତି । ସେମାନଙ୍କ ସହ ପୋଲିସର ଆଚରଣ ହିଁ ପୁରୀ ପୋଲିସର ପ୍ରକୃତ ପରିଚୟ ବହନ କରିଥାଏ । ତେଣୁ ପ୍ରତ୍ୟେକ ପୋଲିସ କର୍ମଚାରୀଙ୍କୁ ଜନବନ୍ଧୁ ପୋଲିସିଂର ମନୋଭାବ ନେଇ କାର୍ଯ୍ୟ କରିବାକୁ ହେବ । ଶ୍ରଦ୍ଧାଳୁମାନଙ୍କ ସମସ୍ୟାକୁ ବୁଝିବା, ସେମାନଙ୍କୁ ଆବଶ୍ୟକ ସହାୟତା ପ୍ରଦାନ କରିବା ଏବଂ ସମ୍ମାନଜନକ ବ୍ୟବହାର ମାଧ୍ୟମରେ ପୁରୀ ପୋଲିସର ସକାରାତ୍ମକ ଭାବମୂର୍ତ୍ତିକୁ ଆହୁରି ସୁଦୃଢ଼ କରିବା ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ । କର୍ମଶାଳାରେ ଜନଗହଳି ନିୟନ୍ତ୍ରଣ, ଜରୁରୀକାଳୀନ ପରିସ୍ଥିତିର ମୁକାବିଲା, ଭିଡ଼ ମଧ୍ୟରେ ହଜିଯାଇଥିବା ବ୍ୟକ୍ତିଙ୍କୁ ସହାୟତା, ବୃଦ୍ଧ, ମହିଳା ଓ ଦିବ୍ୟାଙ୍ଗ ଭକ୍ତଙ୍କ ପ୍ରତି ସମ୍ବେଦନଶୀଳ ବ୍ୟବହାର ଏବଂ ଦର୍ଶନ ବ୍ୟବସ୍ଥାକୁ ସୁଚାରୁ ରଖିବା ସମ୍ପର୍କରେ ବିଭିନ୍ନ ବ୍ୟବହାରିକ ପରାମର୍ଶ ପ୍ରଦାନ କରାଯାଇଥିଲା । ଅବସରପ୍ରାପ୍ତ ପୋଲିସ ଅଧିକାରୀ ଜ୍ଞାନରଞ୍ଜନ ମହାପାତ୍ର ନିଜ ଦୀର୍ଘ ପ୍ରଶାସନିକ ଅନୁଭୂତି ଆଧାରରେ ରଥଯାତ୍ରା ଭଳି ବିଶାଳ ଧାର୍ମିକ ଉତ୍ସବରେ ଜନସାଧାରଣଙ୍କ ସହ ଉତ୍ତମ ବ୍ୟବହାରର ଆବଶ୍ୟକତା ଓ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ ଭଲ ଆଚରଣ ଓ ମାନବିକ ଦୃଷ୍ଟିଭଙ୍ଗୀ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ବିଶ୍ୱାସ ଓ ସମ୍ପର୍କକୁ ଆହୁରି ଦୃଢ଼ କରିଥାଏ । ଏହି କର୍ମଶାଳାରେ ପୁରୀ ପୋଲିସ, ଏସ୍.ଏସ୍.ଏମ୍.ଏସ୍.ବି.ର ଅଧିକାରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ । ଉପସ୍ଥିତ ସମସ୍ତ ଅଧିକାରୀ ଓ କର୍ମଚାରୀ ରଥଯାତ୍ରା ସମୟରେ ଉତ୍ତମ ଆଚରଣ, ଦକ୍ଷ ଜନଗହଳି ପରିଚାଳନା ଏବଂ ଭକ୍ତମାନଙ୍କୁ ଉନ୍ନତ ସେବା ପ୍ରଦାନ ପାଇଁ ସଂକଳ୍ପବଦ୍ଧ ହୋଇଥିଲେ । ପୁରୀ ପୋଲିସ ଆସନ୍ତା ରଥଯାତ୍ରା ୨୦୨୬କୁ ସୁରକ୍ଷିତ, ଶାନ୍ତିପୂର୍ଣ୍ଣ, ସୁଶୃଙ୍ଖଳ ଏବଂ ଭକ୍ତମାନଙ୍କ ପାଇଁ ସ୍ମରଣୀୟ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରତିବଦ୍ଧ ରହିଛି ।

ତିଥି :(ଅଷ୍ଟମୀ): (ଶତଭିଷା କୁମ୍ଭ)
ଅମୃତ ବେଳା: ଦିବା ଘ ୮।୨୨ ଗତେ ଘ ୯।୫୮ ମଧ୍ୟେ

## ଆଜିର ଅନୁଚିନ୍ତନ

ଯେ ସମସ୍ତ ନାଶବାନ୍ ପ୍ରାଣୀଙ୍କ ମଧ୍ୟରେ ପରମାତ୍ମାଙ୍କୁ ନାଶରହିତ ଓ ସମରୂପେ ସ୍ଥିତ ଦେଖେ, ସେ ବାସ୍ତବରେ ଠିକ୍ ଦେଖେ।।

- ଶ୍ରୀମଦ୍ ଭଗବଦ୍ ଗୀତା

# ସବୁଠୁ ଅଧିକ ଆବଶ୍ୟକ

ଜୁନ ୬ରେ ଦିଲ୍ଲୀ ଜନ୍ତରମନ୍ତର ଠାରେ ଆୟୋଜିତ କକ୍‌ରୋଚ ଜନତା ପାର୍ଟି (ସିଜେପି)ର ପ୍ରତିବାଦ ସଭା ପଛରେ ବର୍ତ୍ତମାନର ପରୀକ୍ଷା ଓ ନିଯୁକ୍ତି ପରୀକ୍ଷା ଆଧାରିତ ଅନିୟମିତତା /ତ୍ରୁଟି ଅଭିଯୋଗ ମୁଖ୍ୟ ଆଧାର। ମୋଟ ଉପରେ ଶାନ୍ତିପୂର୍ଣ୍ଣ ଭାବରେ ସିଜେପିର ଆୟୋଜିତ ହୋଇଥିଲା ପ୍ରତିବାଦ ସଭା। ଏହାର ଲକ୍ଷ୍ୟଣୀୟ ଦିଗ ଯେ କୌଣସି କେନ୍ଦ୍ରମନ୍ତ୍ରୀଙ୍କ ଇସ୍ତଫା ଦାବି କରି ଶହ ଶହ ସଂଖ୍ୟାରେ ପ୍ରତିବାଦକାରୀ ଗୋଟିଏ ସ୍ଥାନରେ ଏକାଠି ହେବା କେନ୍ଦ୍ରର ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାରରେ ବୋଧହୁଏ ପ୍ରଥମ। ପ୍ରତିବାଦ ସଭାରେ ଯେଉଁମାନେ ଉପସ୍ଥିତ ଥିଲେ ସେମାନେ ହେଲେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ, ପ୍ରତିଯୋଗିତା ପରୀକ୍ଷା ଆଶାୟୀ ଓ ସେମାନଙ୍କ ବାପାମା’, ଅଭିଭାବକ। ଏକ ସପ୍ତାହରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଯଦି ଇସ୍ତଫା ନ ଦିଅନ୍ତି ତେବେ ସିଜେପି ଦେଶବ୍ୟାପୀ ବଡ଼ ଧରଣର ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛି। ସମ୍ଭାବ୍ୟ ଆନ୍ଦୋଳନ କେତେ ଦୂର ପ୍ରଭାବୀ ହେବ, ତାହାକୁ ନେଇ ବହୁ ମହଲରେ ଯେତିକି କୌତୂହଳ ସେତିକି ପ୍ରତୀକ୍ଷା ଥିବା ମନେହୁଏ।

ସିଜେପିର ପ୍ରତିଷ୍ଠାତା ଅଭିଜିତ ଦୀପକେଙ୍କ ଉକ୍ତି ଯେ ଆମେ ଭୟଭୀତ ନୋହୁଁ। ଏ ଉକ୍ତି ସ୍ୱତଃ ଏକ ଆହ୍ୱାନ। ସାଧାରଣ ଭାବରେ ଯେଉଁମାନେ ସରକାର ବିରୋଧରେ ପ୍ରତିବାଦ ସଭା କରିଥାଆନ୍ତି ତାହାର ମୁଖ୍ୟ ନେତାଙ୍କ ମନରେ ଥାଏ ନାନା ଆଶଙ୍କା ଓ ଭୟ। କିନ୍ତୁ ଦୀପକେଙ୍କ ଭୟଭୀତ ନୋହୁଁ ବୋଲି ଦୃଢୋକ୍ତି ଏକ ଅଗ୍ନିସଦୃଶ। ଜେଲ ଯିବା ଭୟରେ ଆଜିକାଲି ଅନେକ ବିକ୍ରି ହୋଇଯାଇଛନ୍ତି। କିନ୍ତୁ ଦେଶର ଯୁବ ଓ ଶିକ୍ଷାର୍ଥୀମାନେ କଦାପି ବିକ୍ରି ହେବେନାହିଁ। ତାହା ସହିତ ସାଲିସ କରିବେ ନାହିଁ। ଏପରି ଆହ୍ୱାନ ସାଙ୍ଗକୁ ଦୀପକେ ନିଜେ ଏହି କାରଣ ପାଇଁ ଆପଣା ସ୍ୱାଧୀନତାକୁ ଉତ୍ସର୍ଗ କରିବାକୁ ସଂପୂର୍ଣ୍ଣ ପ୍ରସ୍ତୁତ ଥିବା ଦାବି, ତାହାସହିତ ଆକ୍ଟିଭିଷ୍ଟ ସୋନମୱାଙ୍ଗଚୁକଙ୍କ ବିବୃତି ଯେ ଯଦି ଦୀପକେଙ୍କୁ ଗିରଫ କରାଯାଏ, ତେବେ ୬ ସପ୍ତାହ ପର୍ଯ୍ୟନ୍ତ ନିଜେ ସେ ଅନଶନ ଧାରଣା ଦେବେ। ଏ ବିବୃତି ସହିତ ବିଶେଷକରି ଆନ୍ଦୋଳନରେ ସାମିଲ ଥିବା ଯୁବପିଢିର ପ୍ରଶ୍ନ ଦେଶରେ କିପରି ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ହୋଇଯାଉଛି ? ଏହା କେତେଦୂର ଠିକ୍ ? ଏହା ମଧ୍ୟ ଏକ ବିଶେଷ ଆହ୍ୱାନ ରଖେ। ଏବଂ ସେମାନଙ୍କ ଭିତରର ଅସନ୍ତୋଷକୁ ପ୍ରତିଫଳିତ କରେ। ପ୍ରଚଳିତ ବ୍ୟବସ୍ଥାକୁ ପୁନଃ ନିରୀକ୍ଷଣ କରିବାର ଏହା ଅବସର ଦେଇଛି, ଏପରି କୁହାଯିବା ଅସଙ୍ଗତ ହେବନାହିଁ।

ଯେତେଦୂର ସମ୍ଭବଃ କେନ୍ଦ୍ର ମନ୍ତ୍ରିମଣ୍ଡଳର ସଂପ୍ରସାରଣ ଜୁନ ୧୫ ବେଳକୁ ହେବାନେଇ ଚର୍ଚ୍ଚା ଦୃଷ୍ଟିରୁ ହୁଏତ କେନ୍ଦ୍ର ସରକାର ଶିକ୍ଷାମନ୍ତ୍ରୀଙ୍କୁ ଅନ୍ୟ ମନ୍ତ୍ରଣାଳୟକୁ ପଠାଇ ସିଜେପିର ମୁହଁ ଚୁପ୍ କରିପାରନ୍ତି। ଉକ୍ତ ସ୍ଥାନରେ ନୂଆ କେନ୍ଦ୍ର ମନ୍ତ୍ରୀଙ୍କୁ ନିଯୁକ୍ତି ଦେଇ ଅସନ୍ତୋଷକୁ ପ୍ରଶମିତ କରିପାରନ୍ତି। ଏପରି ସମ୍ଭାବ୍ୟ ଆକଳନ କିଛି ମହଲ ସିଜେପିର ପ୍ରତିବାଦ ସଭା ପରଠାରୁ ଆରମ୍ଭ କଲେଣି।

ତେବେ ବାସ୍ତବତା ହେଉଛି,ଯେଉଁଠି ଏକ ବ୍ୟବସ୍ଥାରେ ତ୍ରୁଟି ପରିଲକ୍ଷିତ ହୁଏ ସେତେବେଳେ ବ୍ୟକ୍ତି ଅପେକ୍ଷା ବ୍ୟବସ୍ଥାର ସୁଧାର ଅଣାଯିବା ଅତ୍ୟନ୍ତ ଆବଶ୍ୟକ।

# ସଂଗ୍ରାମୀଙ୍କ ଏନ୍ତୁଡ଼ିଶାଳ ‘ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ’

ମନୋରମା ନନ୍ଦ

ଦେଶ ତଥା ଜନ୍ମମାଟିର ସୁରକ୍ଷା ପାଇଁ ଲଢେଇ କରି ଅନେକ ସ୍ୱାଧୀନତା ସଂଗ୍ରାମୀ ଜୀବନକୁ ବଳି ଦେଇଛନ୍ତି । ଏମିତି କେତେକ ଆଗଧାଡ଼ିର ସ୍ୱାଧୀନତା ସଂଗ୍ରାମୀଙ୍କୁ ଏକଜୁଟ୍ କରିଥିବା ସଂଗଠନ ହେଉଛି ‘ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ’। କହିବାକୁ ଗଲେ, ଏହି ସଦନ ପାଲଟିଥିଲା ଅବିଭକ୍ତ ପୁରୀ ଜିଲାର ସ୍ୱାଧୀନତା ସଂଗ୍ରାମୀଙ୍କ ଏନ୍ତୁଡ଼ିଶାଳ। ଦେଶ ସ୍ୱାଧୀନ ହେବା ପୂର୍ବରୁ ଅର୍ଥାତ୍ ୧୯୪୦ ମସିହାରେ ଅବିଭକ୍ତ ପୁରୀ ଜିଲା (ଏବେ ଖୋରଧା)ର ବାଜପୁର ଗ୍ରାମରେ ପ୍ରତିଷ୍ଠା କରାଯାଇଥିବା ଏହି ସଦନକୁ ଇତିମଧ୍ୟରେ ୮୬ ବର୍ଷ ଅତିକ୍ରାନ୍ତ ହୋଇଛି। ହେଲେ ଏହା ଏବେ ବି ବିଗତ ଦିନର ସେହି ମହାନ୍ ସଂଗ୍ରାମୀଙ୍କ ଉଚ୍ଚ ଆଦର୍ଶରୁ ତିଳେ ମାତ୍ର ବିଚ୍ୟୁତ ନହୋଇ ତା’ର କାର୍ଯ୍ୟଧାରା ଜାରି ରଖିଛି। ଏହାର ସେତେବେଳେ ନେତୃତ୍ୱ ନେଇଥିଲେ ବାଜପୁରର ବରପୁତ୍ର ସ୍ୱାଧୀନତା ସଂଗ୍ରାମୀ କବିଗୌରବ ପଣ୍ଡିତ ନାରାୟଣ ମିଶ୍ର। ଆଉ ଏହି ସଦନ ଗଢ଼ିବାରେ ତାଙ୍କୁ ‘ନବଜୀବନ’ର ପ୍ରତିଷ୍ଠାତା ଚିନ୍ତାମଣି ମିଶ୍ର, ସଂଗ୍ରାମୀ ବାନାମ୍ବର ପଟ୍ଟନାୟକ, ପଦ୍ମନାଭ ମିଶ୍ର ଓ ନାରାୟଣ ସେଠୀ ପ୍ରମୁଖଙ୍କ ଭଳି ଧୂରୀଣ ବ୍ୟକ୍ତିତ୍ୱ ସହଯୋଗର ହାତ ବଢ଼ାଇଥିଲେ।

ମୁକ୍ତିସଂଗ୍ରାମୀ ପଣ୍ଡିତ ନାରାୟଣ ମିଶ୍ର ମାତ୍ର ୩ ବର୍ଷ ବର୍ଷ ବୟସରେ ପିତା ଦିଗମ୍ବର ମିଶ୍ରଙ୍କୁ ହରାଇ ପିତୃହୀନ ହୋଇଥିଲେ। ପରେ ତାଙ୍କ ବଡ଼ମାମୁଁ ବିଶ୍ୱନାଥ ମିଶ୍ରଙ୍କ ପରାମର୍ଶ କ୍ରମେ ୧୯୨୧ରେ ପଞ୍ଚସଖାଙ୍କ ନେତୃତ୍ୱରେ ଗଢ଼ି ଉଠିଥିବା ସତ୍ୟବାଦୀ ବକୁଳ ବନ ବିଦ୍ୟାଳୟରେ ଶିକ୍ଷାଗ୍ରହଣ ପାଇଁ ପାଇଁ ସେ ସାକ୍ଷୀଗୋପାଳ ଅଭିମୁଖେ ଯାଇଥିଲେ। ପ୍ରଥମ ଥର ପାଇଁ ପଞ୍ଚସଖା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ଆଚାର୍ଯ୍ୟ ହରିହର ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର, ପଣ୍ଡିତ ନୀଳକଣ୍ଠ ଦାସ ଓ କୃପାସିନ୍ଧୁ ମିଶ୍ର ପ୍ରମୁଖଙ୍କ ସଂସ୍ପର୍ଶରେ ଆସିବା ପରେ ସ୍ୱାଧୀନତାର ମହାମନ୍ତ୍ରରେ ଉଦ୍‌ଭାସିତ ହୋଇଥିଲେ। ଆଉ ସେହିଠାରୁ ହିଁ ବାନରସେନା ଗଢ଼ିବା ଲାଗି ‘ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ’ ପ୍ରତିଷ୍ଠା କରିବାର କୌଶଳ ଶିଖିଥିଲେ।

୧୯୩୦ରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ରାଜ୍ୟର ବିଭିନ୍ନ ଗ୍ରାମରେ ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ ପାଇଁ ‘ବାନରସେନା’ ଗଠନ କରାଯାଉଥାଏ। ଆଉ ସେହି ‘ବାନରସେନା’ରେ ସାମିଲ ହେବା ପାଇଁ ସୈନିକ ବା କର୍ମୀ ଯୋଗାଡ଼ କରିବାକୁ ଆହ୍ୱାନ ଦିଆଯାଇଥିବାରୁ ବାଜପୁରରେ ଏଥିପାଇଁ ମୂଳଦୁଆ ପକାଇବାକୁ ନିଷ୍ପତ୍ତି ହୋଇଥିଲା। ପାଠପଢ଼ା, ପରିବାର, ଭବିଷ୍ୟତ ଜୀବନର ସୁଖ ସ୍ୱାଚ୍ଛନ୍ଦ୍ୟ ଆଦି ପରିତ୍ୟାଗ କରି ଗତିଧାରାରେ ସମ୍ପୂର୍ଣ୍ଣ ପୂର୍ଣ୍ଣଚ୍ଛେଦ ଟାଣି ‘ବାନରସେନା’ ପାଇଁ କର୍ମୀ ଯୋଗାଡ଼ କରିବାର ଦୁର୍ବାର ଶପଥ ନିଆଯାଇଥିଲା।

ସେତେବେଳେ ଅସହଯୋଗ ଆନ୍ଦୋଳନର ନିଶା ସମସ୍ତଙ୍କୁ ଘାରିଥାଏ । ଦିନକର କଥା। ସ୍ୱାଧୀନତା ସଂଗ୍ରାମ ସୈନିକ ସଦନର ସଦସ୍ୟମାନେ ରାତି ପାହିବା ପୂର୍ବରୁ କଣାସ ନିକଟବର୍ତ୍ତୀ ଦୟାନଦୀ ନିକଟରେ ପହଞ୍ଚିବାକୁ କୁହାଯାଇଥିଲା। ସେହି କ୍ୟାମ୍ପରୁ ଅସହଯୋଗ ଆନ୍ଦୋଳନର ନୂତନ ପର୍ଯ୍ୟାୟ ଆରମ୍ଭ ହେବ ବୋଲି କୁହାଯାଇଥିଲା। ଆଖିରେ ଆଖିଏ ନିଦ। ଅବଶ ହୋଇପଡ଼ିଲାଣି ସଂଗ୍ରାମୀଙ୍କ ଶରୀର। କାହାର କାହାର ଗୋଡ଼ ଖଣ୍ଡିଆ ହୋଇ ଛୁଟିଲାଣି ରକ୍ତଧାର। ଖୁବ୍ ଦୂରରୁ ଦେଖାଯାଉଛି କଣାସର ନଦୀକୂଳ ବରଗଛ। ସଭା ପାଇଁ ସେଠାରେ ଚାଲିଛି ପ୍ରସ୍ତୁତି। ଲାଠି, ବେଡ଼ିକୁ ଖାତିର ନାହିଁ। ରାତି ଅନିଦ୍ରା ହୋଇ ବହୁ ପଥ ଅତିକ୍ରମ କରି ଆସିଥିବା ୫ଜଣଙ୍କୁ ଦିଆଗଲା ପିକେଟିଂ ଦାୟିତ୍ୱ। ସେହି ନିଃସଙ୍ଗ ବାନର ସେନାର ସେନାପତିତ୍ୱ ଗ୍ରହଣ କରିଥାନ୍ତି ସଦନର ସବଳ, ବପୁବାନ୍, ତେଜସମ୍ପନ୍ନ ସଂଗ୍ରାମୀମାନେ। ଲକ୍ଷ୍ୟ ଥିଲା ପିକେଟିଂ। ଜାତୀୟ ସଙ୍ଗୀତ ଆବୃତ୍ତି ଏବଂ ହସ୍ତଶୋଭିତ ତ୍ରିରଙ୍ଗା ପତାକାର ଲହରୀଳ ନୃତ୍ୟ। ତା’ପରେ କର୍ତ୍ତବ୍ୟନିଷ୍ଠ ବ୍ରିଟିଶ ପୋଲିସ ଏବଂ ବାନରସେନା ଭିତରେ ବେଶ୍ ଉପଭୋଗ୍ୟ ଖଣ୍ଡଯୁଦ୍ଧ। ହାତରେ ବେଡ଼ି, ଅଣ୍ଟାରେ ଦଉଡ଼ି, କଣ୍ଠରେ ଜାତୀୟ ସଙ୍ଗୀତର ଆବୃତ୍ତି। ପତାକାଟା କିନ୍ତୁ ପୋଲିସ ବୁଟ୍ ତଳେ ଛିନ୍ନଭିନ୍ନ ହୋଇ ସୁଦ୍ଧା ଶୋଭା ପାଉଥିଲା ପଣ୍ଡିତ ଶ୍ରୀ ମିଶ୍ରଙ୍କ ମସ୍ତକରେ। ୧୯୩୧ ମସିହାରେ ଅନୁଷ୍ଠିତ ‘ଲବଣ ସତ୍ୟାଗ୍ରହ’ରେ ପଣ୍ଡିତ ମିଶ୍ରଙ୍କ ସମେତ ସଂଗ୍ରାମୀମାନେ ସାମିଲ ହୋଇ ଲୁଣ ମାରିବାକୁ ଯାଇଥିବାବେଳେ ଇଂରେଜ ସରକାରଙ୍କ ଅକଥନୀୟ ଅତ୍ୟାଚାରର ଶିକାର ହୋଇଥିଲେ।

ସୈନିକ ସଦନ ହିଁ ସଂଗ୍ରାମୀଙ୍କୁ ସାରସ୍ୱତ ସାଧନା ପାଇଁ ପ୍ରବର୍ତ୍ତାଇଥିଲା। ଏହାର ଫଳସ୍ୱରୂପ ୧୯୬୧ରେ ପଣ୍ଡିତ ମିଶ୍ର ‘ଚିଲିକା ଦର୍ଶନ’, ‘ଭୋଟର ଭାବନା’, ‘ସାମୟିକୀ’ ଓ ‘ଦଶଦିଗ’ ଆଦି କାବ୍ୟ ରଚନା କରି ସାହିତ୍ୟ ଆକାଶକୁ ଋଦ୍ଧିମନ୍ତ କରିଥିଲେ। ସେ ଯାହାହେଉ, ୮୬ ବର୍ଷ ବୟସରେ ପହଞ୍ଚିଥିବା ସୈନିକ ସଦନ ଆଜି ବି ସଗର୍ବେ ମୁଣ୍ଡ ଟେକି ସଂଗ୍ରାମୀଙ୍କ ସ୍ମୃତିଚାରଣ କରିଆସୁଛି।

ଟ୍ରଷ୍ଟି, ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ, ବାଜପୁର
ମୋ- ୯୭୭୮୫-୨୨୮୮୨

# ଖେଳର ନାମ ପଶ୍ଚିମବଙ୍ଗ

ସୌମେନ୍ଦ୍ର ଜେନା

> “ମମତାଙ୍କ ନିର୍ବାଚନରେ ବିଜୟର ରାଜ ଥିଲା ହିଂସା ମାଧ୍ୟମରେ ଭୋଟରଙ୍କୁ ଭୟଭୀତ କରାଇବା । ବାଂଲାଦେଶୀ ଏବଂ ନିଜ ସମର୍ଥନଙ୍କ ମାଧ୍ୟମରେ ବିରୋଧୀ ଭୋଟରଙ୍କୁ ଭୋଟଦାନରୁ ରୋକିବା ସହ ସେମାନଙ୍କ ଭୋଟ ନିଜ ଲୋକଙ୍କ ଦ୍ୱାରା କରାଇବା । ତୃଣମୂଳର ସମର୍ଥନରେ ଆସୁନଥିବା ଲୋକମାନଙ୍କୁ ରାସ୍ତାରୁ ହଟାଇବା, ପ୍ରଶାସନ ଓ ପୋଲିସକୁ ଏହାର ମୂକଦର୍ଶକ କରି ରଖିବା ।

ନିକଟରେ ପଶ୍ଚିମବଙ୍ଗରେ ସରକାରର ପରିବର୍ତ୍ତନ ହୋଇଛି । ନିର୍ବାଚନରେ ତୃଣମୂଳ କଂଗ୍ରେସ ସରକାରର ପତନ ଘଟି ବିଜେପି ସରକାର ଆସୀନ ହୋଇଛି । ଏହା କେବଳ ଏକ ପ୍ରାଦେଶିକ ନିର୍ବାଚନ ବୋଲି ବାହାରକୁ ଜଣାପଡୁଥିଲେ ମଧ୍ୟ ପ୍ରକୃତରେ ତାହା ଥିଲା ଭିନ୍ନ । ତା’ ନ ହୋଇଥିଲେ ଆମେରିକାର ସରକାରଙ୍କ ମୁଣ୍ଡବିନ୍ଧା ହୋଇନଥାନ୍ତା, କି ଆମେରିକାର ବିଦେଶ ସଚିବ ମାର୍କୋ ରୁବିଓ ନୂଆଦିଲ୍ଲୀ ବଦଳରେ କୋଲକାତାକୁ ଗସ୍ତର କେନ୍ଦ୍ର କରିନଥାନ୍ତେ, କିମ୍ବା ଆମେରିକାର ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ଭାରତର ପ୍ରଧାନମନ୍ତ୍ରୀଙ୍କୁ ପ୍ରାଦେଶିକ ନିର୍ବାଚନରେ ସଫଳତା ପାଇଁ ବଧେଇ ଜଣାଇ ନ ଥାନ୍ତେ । ତୃଣମୂଳ କଂଗ୍ରେସର ନେତ୍ରୀ ତଥା ବିଦାୟୀ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅନେକ ସମୟରେ “ଖେଳା ହୋବେ” ବୋଲି ସ୍ଲୋଗାନ ଦେଇ ଆସୁଥିଲେ । ୨୦୨୧ ନିର୍ବାଚନ ବେଳେ ମଧ୍ୟ ସେ ଏହି ସ୍ଲୋଗାନ ଦେଇଥିଲେ । ଏଥର “ଆମାର ବାଙ୍ଗଲା” ସ୍ଲୋଗାନ ୨୦୨୬ ନିର୍ବାଚନ ପାଇଁ ଦେଇଥିଲେ। ତା ପୂର୍ବରୁ ‘ମା, ମାଟି ମାନୁଷ’ ସ୍ଲୋଗାନ ମଧ୍ୟ ସେ ଦେଇଥିଲେ। ଦେଖିବାକୁ ଗଲେ ଏହିସବୁ ସ୍ଲୋଗାନ ଆଦୌ ମମତାଙ୍କର ନିଜସ୍ୱ ନୁହେଁ ବରଂ ଉଧାରକରା । ବାଂଲାଦେଶରେ ଭିନ୍ନ ଭିନ୍ନ ନିର୍ବାଚନ ବେଳେ ସେଠାକାର ରାଜନୈତିକ ଦଳଗୁଡିକ ଯେଉଁ ସ୍ଲୋଗାନ ସବୁ ଅତୀତରେ ଦେଇଥିଲେ ମମତା ସେ ସବୁକୁ ନିଜ ଢଙ୍ଗରେ ପଶ୍ଚିମବଙ୍ଗରେ ବାଣ୍ଟୁଥିଲେ । ମମତାଙ୍କ ସ୍ଲୋଗାନ ‘ଖେଲା ହୋବେ’ ଅର୍ଥାତ୍ ‘ଖେଳ ହେବ’ ସ୍ଲୋଗାନଟି ବଙ୍ଗଳାଦେଶର ରାଜନେତା ସମିମ ଉସ୍ମାନଙ୍କର ଥିଲା । ମମତାଙ୍କ ଅନ୍ୟ ଏକ ସ୍ଲୋଗାନ “ମା,ମାଟି, ମାନୁଷ” ଥିଲା ବଙ୍ଗଳାଦେଶର ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ବେଗମ ଖାଲେଦା ଜିଆଙ୍କର । ଗତ ବିଧାନସଭା ନିର୍ବାଚନରେ ମମତାଙ୍କ ସ୍ଲୋଗାନ “ଆମାର ବାଂଲା” ଶେଖ ମୁଜିବୁର ରହମାନ । (ବଙ୍ଗଳାଦେଶର ପ୍ରଥମ ପ୍ରଧାନମନ୍ତ୍ରୀ)ଙ୍କ “ଆମାର ସୋନାର ବାଂଲା”ରୁ ଉଦ୍ଧୃତ ହୋଇଛି । ମମତା ତାଙ୍କ ଶିକ୍ଷା ସମୟରୁ ଇସଲାମ ଧର୍ମ ସହ ଅଧିକ ଜଡିତ ରହିଆସିଛନ୍ତି ।

ତେଣୁ ବିଶ୍ୱବିଦ୍ୟାଳୟ ଶିକ୍ଷାବେଳେ ସେ ଇସଲାମକୁ କେନ୍ଦ୍ର କରି ଗବେଷଣା କରିଥିଲେ । ତେଣୁ ଅନେକଙ୍କ ମତରେ ମମତାଙ୍କ କାର୍ଯ୍ୟରୁ ଜଣାପଡେ ଯେ ସେ ଅଧିକ ମୁସଲିମ୍, କମ୍ ହିନ୍ଦୁ । ଅର୍ଥାତ୍ ହିନ୍ଦୁ ନାମଧାରୀ ମୁସଲମାନ । ଭାରତରେ କେବଳ ନାମ ବା ସାଂଙ୍ଗା ଦେଖିକରି ଧର୍ମ ବିଚାରିବା ସବୁବେଳେ ଠିକ୍ ହୁଏ ନାହିଁ। ଅନେକ ଲୋକ ହିନ୍ଦୁ ନାମରେ ଚଳପ୍ରଚଳ ହେଉଥିଲେ ମଧ୍ୟ ମୁସଲିମ କିମ୍ବା ଖ୍ରୀଷ୍ଟିଆନ୍ ହୋଇଥାଆନ୍ତି। ଯେମିତି ପଞ୍ଜାବରେ ମୂଳ ନାମ ପରିବର୍ତ୍ତନ ନ କରି ବହୁଲୋକ ଧର୍ମାନ୍ତରିତ ହୋଇଛନ୍ତି।

ବିଧାନସଭା ନିର୍ବାଚନରେ ତୃଣମୂଳ କଂଗ୍ରେସ ପାର୍ଟିର ପରାଜୟ ଏବଂ ବିଜେପିର ବିଜୟ ହୋଇଥିବା କଥା ବାହାରକୁ ଜଣାପଡୁଥିଲେ ହେଁ ପ୍ରକୃତରେ ବହୁଦେଶୀୟ ଶକ୍ତିର ପରାଜୟ ଏବଂ ରାଷ୍ଟ୍ରବାଦର ବିଜୟ ହୋଇଛି ବୋଲି କୁହାଯିବ । କାରଣ ଏହି ନିର୍ବାଚନରେ ମମତା ବାନାର୍ଜୀଙ୍କ ଦଳକୁ ପୁଣି କ୍ଷମତାକୁ ଆଣିବାକୁ ପାକିସ୍ଥାନ, ଆମେରିକା, ଚୀନ, ବଙ୍ଗଳାଦେଶର ଯେଉଁ ଯୋଜନା ଥିଲା ତାହା ପଣ୍ଡ ହୋଇଯାଇଛି । ବିଗତ ଦିନରେ ପାକ୍‌ର ଆଇଏସ୍‌ଆଇ ଭାରତର ସୀମାନ୍ତରେ ଜମାତେ ଇସଲାମୀ ଏବଂ ଅନ୍ୟ ମୌଳବାଦୀ ନେତାମାନଙ୍କୁ ବିଜୟୀ କରାଇବାକୁ ସବୁପ୍ରକାର ଯୋଜନା କରି ସଫଳ ହୋଇଥିଲା । ମହମ୍ମଦ ୟୁନୁସଙ୍କ ସରକାର ସମୟରେ ଆଇଏସଆଇ ଅଧିକ ସକ୍ରିୟ ହୋଇ କାର୍ଯ୍ୟ କରୁଥିଲା । ଚୀନ ୟୁନୁସଙ୍କ ମାଧ୍ୟମରେ ଚିକେନନେକ୍ ଅଞ୍ଚଳରେ ସକ୍ରିୟ ହେବା ଦେଖାଯାଇଥିଲା । ଆମେରିକାର ଏଜେଣ୍ଟମାନେ ଏବଂ ସିଆଇଏର ଅଧିକାରୀଗଣ ଢାକାରେ ଅଧିକ ସକ୍ରିୟ ରହିଥିଲେ । ସେମାନେ ଭାରତର ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡିକରେ ଚର୍ଚ୍ଚ ଅନୁଦାନରେ ଚାଲୁଥିବା ସଂସ୍ଥାମାନଙ୍କୁ ନିଜ ସପକ୍ଷକୁ ନେଇ ମଣିପୁରରେ ଢେର୍ ଜଳାପୋଡା କରିବାକୁ ସକ୍ଷମ ହୋଇଥିଲେ । ଆମେରିକାର ସେନାରେ କାର୍ଯ୍ୟରତ ଜଣେ ଯବାନ ଯିଏକି ଏଜେଣ୍ଟ ଭାବେ ଅନେକ ଦେଶରେ ଉଡ଼ାଟିଆ ହୋଇ ଯୁଦ୍ଧ ଲଢିସାରିଛି, ସେ ମ୍ୟାନମାର ମଧ୍ୟରେ ୟୁକ୍ରେନର ଲୋକଙ୍କ ସହ ମ୍ୟାନମାର ବିଚ୍ଛିନ୍ନତାବାଦୀଙ୍କୁ ସନ୍ତ୍ରାସବାଦ ଏବଂ ଡ୍ରୋନ ଆକ୍ରମଣର ପ୍ରଶିକ୍ଷଣ ଦେଇ ଭାରତରେ ପ୍ରବେଶ କରିଥିବା ବେଳେ ଗିରଫ ହୋଇଥିଲା । ତା ସଙ୍ଗେ ସଙ୍ଗେ ଅନ୍ୟ ଏଜେଣ୍ଟମାନେ ମଧ୍ୟ ଧରାପଡିଥିଲେ । ସେମିତି ଢାକାର ଏକ ହୋଟେଲ ଭିତରେ ଥିବା ଆମେରିକାର ଏକ ଏଜେଣ୍ଟର ମୃତଦେହ ମିଳିବାପରେ ବିନା ପୋଷ୍ଟମର୍ଟମରେ ମରଦେହକୁ ଆମେରିକା



ଫେରାଇ ନେଇଥିଲା । ସେହି ଏଜେଣ୍ଟ ଜଣକ ନରେନ୍ଦ୍ର ମୋଦିଙ୍କୁ ହତ୍ୟା କରିବାକୁ ଆସିଥିବାର ସମ୍ବାଦ ପୂର୍ବରୁ ପ୍ରକାଶ ପାଇଛି ।

ବାଂଲାଦେଶରେ ଶେଖ ହାସିନା କ୍ଷମତା ଛାଡିବା ପରଠାରୁ ତାହା ଅନେକ ରାଷ୍ଟ୍ରଙ୍କ ପାଇଁ ଖେଳପଡିଆ ପାଲଟିଛି । ଏବେ ମଧ୍ୟ ସେଠାକାର ମୁଲ୍ଲାମାନେ ମମତା ବାନାର୍ଜୀଙ୍କ ପାଇଁ ଧର୍ମଯୁଦ୍ଧ କରିବାକୁ ଘୋଷଣା କରିଛନ୍ତି । ଯେମିତି ମମତା ସେମାନଙ୍କ ପାଇଁ ଧର୍ମର ଭଉଣୀ । ଅନ୍ୟପକ୍ଷରେ ଦେଖିଲେ ମମତା ବାଂଲାଦେଶୀଙ୍କ ପାଇଁ ଯେମିତି ଆଶ୍ରା ଓ ଆଶା ପାଲଟିଥିଲେ । ସୀମାରେ ତାରବାଡ ଲଗାଇବାକୁ ବିରୋଧ କରି ବାଂଲାଦେଶୀଙ୍କ ଭାରତରେ ଅନୁପ୍ରବେଶକୁ ପ୍ରକାରାନ୍ତରେ ସେ ସମର୍ଥନ କରୁଥିଲେ । ଏପରିକି ପଶ୍ଚିମବଙ୍ଗରେ ଜାଲ କାଗଜପତ୍ର ପ୍ରସ୍ତୁତ କରିବାପରେ ସାରାଦେଶରେ ସେମାନେ ଖେଳିଯାଉଥିଲେ । ସେମାନେ ତୃଣମୂଳର ଭୋଟର ଭାବେ ନିର୍ବାଚନ ବେଳେ ପଶ୍ଚିମବଙ୍ଗକୁ ଆସି ଭୋଟ ଦେବାପରେ ପରେ ଅନ୍ୟ ରାଜ୍ୟମାନଙ୍କୁ ଚାଲିଯାଉଥିଲେ । ଫଳତଃ ପ୍ରକୃତ ଭୋଟରଙ୍କୁ ଭୋଟରୁ ବଞ୍ଚିତ କରି ବଙ୍ଗଳାଦେଶୀଙ୍କ ଭୋଟ ମାଧ୍ୟମରେ ମମତା ତିନୋଟି ବିଧାନସଭା ନିର୍ବାଚନରେ ବିଜୟୀ ହୋଇଥିଲେ । ମମତାଙ୍କ ନିର୍ବାଚନରେ ବିଜୟର ରାଜ ଥିଲା ହିଂସା ମାଧ୍ୟମରେ ଭୋଟରଙ୍କୁ ଭୟଭୀତ କରାଇବା । ବଙ୍ଗଳାଦେଶୀ ଏବଂ ନିଜ ସମର୍ଥନଙ୍କ ମାଧ୍ୟମରେ ବିରୋଧୀ ଭୋଟରଙ୍କୁ ଭୋଟଦାନରୁ ରୋକିବା ସହ ସେମାନଙ୍କ ଭୋଟ ନିଜ ଲୋକଙ୍କ ଦ୍ୱାରା କରାଇବା । ତୃଣମୂଳର ସମର୍ଥନରେ ଆସୁନଥିବା ଲୋକମାନଙ୍କୁ ରାସ୍ତାରୁ ହଟାଇବା, ପ୍ରଶାସନ ଓ ପୋଲିସକୁ ଏହାର ମୂକଦର୍ଶକ କରି ରଖିବା । ସବୁ ନିର୍ବାଚନ ପରେ ପଶ୍ଚିମବଙ୍ଗର କିଛି ଲୋକ ଗ୍ରାମଛାଡି ବାହାର ରାଜ୍ୟକୁ କିମ୍ବା ସହରାଞ୍ଚଳକୁ ଚାଲିଯିବା ଏକ ଧାରା ପାଲଟିଯାଇଥିଲା ।

ଏହାଛଡା ସହର ଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସଡକରେ ଟଙ୍କା ଅସୁଲ କରିବା ତୃଣମୂଳର କର୍ମୀମାନଙ୍କ ପାଇଁ ଏକ ସାଧାରଣ କଥା ହୋଇଥିଲା । ଯେମିତି ଏହା ସେମାନଙ୍କର ଏକ ରାଜନୈତିକ ଅଧିକାର । ଥାନାଗୁଡିକରେ ତୃଣମୂଳର କର୍ମୀମାନଙ୍କୁ ସିଭିଲ ଭଲେଣ୍ଟିଅର ଭାବେ ନିଯୁକ୍ତି ଦେଇ ମମତା ପୁଲିସ ସେବାକୁ ନିଷ୍କ୍ରିୟ କରିଦେଇଥିଲେ । କମ୍ୟୁନିଷ୍ଟ ସରକାର ୩୪ବର୍ଷର ଶାସନ କାଳରେ ଯେମିତି ୨୬ହଜାର ଲୋକଙ୍କୁ ହିଂସାର ଶିକାର କରିଥିଲେ ଠିକ୍ ସେମିତି ମମତା ନିଜ ଶାସନ କାଳରେ ୧୦୦୦ରୁ ଅଧିକ କମ୍ୟୁନିଷ୍ଟ ଓ ୩୦୦ରୁ ଅଧିକ ବିଜେପି କର୍ମୀଙ୍କୁ ହତ୍ୟା କରାଇଥିଲେ । ସେହିପରି କେତେ ଯେ ମହିଳାଙ୍କୁ ନିର୍ଯାତନା ଏବଂ ଅତ୍ୟାଚାର କରିଥିଲେ ତା’ର ହିସାବ ନାହିଁ । ଦେଶର ଆଇନ, ସମ୍ବିଧାନ, ବିଧି ବ୍ୟବସ୍ଥାର ଉପରେ ନିଜକୁ ରଖିଥିଲେ ମମତା । ଏସବୁ ପଛରେ ଏକ ‘ଇକୋସିଷ୍ଟମ’ ରହିଥିଲା , ଯାହା ଏକ ସଂଗଠିତ ଅପରାଧକୁ ସମର୍ଥନ ଦେଉଥିଲା । ଅନ୍ୟମାନଙ୍କ ଜମିକୁ ଦଖଲ କରିବା, ମଠ-ମନ୍ଦିର ଦାନ ଅର୍ଥକୁ ନିଜର କରିନେବା, ପ୍ରତିଟି ନିର୍ମାଣ ଏବଂ ଯୋଜନା ପ୍ରଦାନ ବେଳେ ନିଜ ଅର୍ଥ ସଂଗ୍ରହ କରିବା, ଏସବୁ ତୃଣମୂଳ କର୍ମୀଙ୍କ ପାଇଁ ନିତିଦିନିଆ କାମ ହୋଇଥିଲା । ଏସବୁ ଅରାଜକତାକୁ ଗ୍ରହଣ କରି ନେଇଥିଲେ ମମତାଙ୍କ ସମର୍ଥକ, ବିଦେଶରେ ଥାଇ ତାଙ୍କୁ ଅର୍ଥ ଓ ସମର୍ଥନ ଦେଉଥିବା ଗୋଷ୍ଠୀ ।

ପଶ୍ଚିମବଙ୍ଗରେ ମମତାଙ୍କ କ୍ଷମତାକୁ କାଏମ ରଖି ବାଂଲାଦେଶ ମାଧ୍ୟମରେ ଏକ ବୃହତବଙ୍ଗ ନିର୍ମାଣ ଯୋଜନା ବିଦେଶୀ ଷଡ଼ଯନ୍ତ୍ରକାରୀ କରିଥିଲେ । ଏହା ବଦଳରେ ଭାରତର ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡିକୁ ଭାରତ ଠାରୁ ଅଲଗାକରି ସ୍ୱାଧୀନ ଖ୍ରୀଷ୍ଟିଆନ ରାଷ୍ଟ୍ର ଗଠନ ପାଇଁ ମଧ୍ୟ ଆମେରିକାରେ ପ୍ରଚ୍ଚର ଅଭିଯାନ ଚଳାଇ ଆସିଥିଲେ ।

ହିଂସାକାଣ୍ଡ ମାଧ୍ୟମରେ ହିନ୍ଦୁମାନଙ୍କୁ ଭୟଭୀତ କରି ମଣିପୁରରୁ ହଟାଇପାରିଲେ ମଣିପୁର, ନାଗାଲାଣ୍ଡ, ମିଜୋରାମ, ସମେତ ମ୍ୟାନମାର ଅଞ୍ଚଳକୁ ମିଶାଇ ଏକ ଖ୍ରୀଷ୍ଟିଆନ୍ ଆଦିବାସୀ ରାଷ୍ଟ୍ର ଗଠନର ସ୍ୱପ୍ନରେ ଆମେରିକା ସକ୍ରିୟ ରହିଥିଲା । ବାଂଲାଦେଶରେ ନିର୍ବାଚିତ ସରକାରକୁ ହଟାଇ ହିଂସା, ରକ୍ତପାତ ଓ ରାଜନୈତିକ ଅରାଜକତା ସୃଷ୍ଟି ପଛରେ ଯେଉଁ ସବୁ ଶକ୍ତି ସକ୍ରିୟ ଥିଲେ, ଏବେ ସେମାନେ ମମତାଙ୍କ ପଛରେ ମେଳି ବାନ୍ଧିଛନ୍ତି । ସେ ରାଜରାସ୍ତାକୁ ଓହ୍ଲାଇ ପଶ୍ଚିମବଙ୍ଗକୁ ବଙ୍ଗଳାଦେଶରେ ପରିଣତ କରିପାରିବେ ବୋଲି ଆଶା ରଖିଛନ୍ତି । ଯେଉଁମାନେ ଭାରତ-ମ୍ୟାନମାର-ଥାଇଲାଣ୍ଡ ସଡକ ନିର୍ମାଣ, ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର ବିକାଶ, ଭାରତ ବଙ୍ଗଳାଦେଶ -ତ୍ରିପୁରା ରେଳପଥ ଯୋଗାଯୋଗକୁ ବିରୋଧ କରି ଆସିଛନ୍ତି, ଏବେ ସେମାନେ ମମତାଙ୍କ ପଛରେ ସମର୍ଥନ ଦେବାରେ ଲାଗିଛନ୍ତି । ଯେଉଁଲୋକଙ୍କ ସୁବିଧାପାଇଁ ଆଜିଯାଏଁ ବଙ୍ଗଳାଦେଶ-ପଶ୍ଚିମବଙ୍ଗ ସୀମାକୁ ମମତା ମୁକୁଳା ରଖି ଆସିଥିଲେ ସେହିସବୁ ଗୋଷ୍ଠୀ ମମତାଙ୍କୁ ବଙ୍ଗଳାଦେଶରୁ ସମର୍ଥନ ଜଣାଇଛନ୍ତି । ତୃଣମୂଳ ପକ୍ଷରୁ ଏ ବାବଦରେ କୌଣସି ପ୍ରକାର ମନ୍ତବ୍ୟ କିମ୍ବା ସେମାନଙ୍କ ସହ ସଂପର୍କ ନାହିଁ ବୋଲି ପ୍ରକାଶ ପାଇନାହିଁ।

ତେଣୁ ପଶ୍ଚିମବଙ୍ଗରେ ନିର୍ବାଚନ ଶେଷ ହୋଇଥିଲେ ମଧ୍ୟ ଖେଳ ସରିନାହିଁ । ଅନେକ ବିଦେଶୀ ଏବଂ ଦେଶୀ ଖେଳାଳି ବୋଲି ଏକାଠି ହୋଇ ଏବେ ଖେଳିବାକୁ ମଇଦାନକୁ ଓହ୍ଲାଇବେ ଜଣାପଡୁଛି ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

# ମନର ବାଣୀ ଆକାଶବାଣୀ

ଅଧ୍ୟାପକ ରାଜେଶ ରାୟ

> “ଆକାଶବାଣୀରେ ଆପଣ ଏବେ ବି ପାଲା, ଦାସ କାଠିଆ , ଲୋକଗୀତ, ପୁରାଣ ଓ ନାଟକ ପରି ସଂସ୍କୃତି ସମ୍ପନ୍ନ କାର୍ଯ୍ୟକ୍ରମ ଶୁଣି ପାରୁଛନ୍ତି ଯାହା ଅନ୍ୟ ଗଣମାଧ୍ୟମରେ ଉପଲବ୍ଧ ନାହିଁ । ଖୁବ୍ କମ୍ କର୍ମଚାରୀମାନଙ୍କୁ ନେଇ ଆକାଶବାଣୀର ବିଭିନ୍ନ କେନ୍ଦ୍ର ଏବେ ପରିଚାଳିତ ହେଉଛି । ସ୍ଥାୟୀ ନିଯୁକ୍ତି ସଂଖ୍ୟା କମି ଅସ୍ଥାୟୀ ଭାବେ ଲୋକଙ୍କୁ ଆକାଶବାଣୀରେ କାମ କରିବା ପାଇଁ ସୁଯୋଗ ମିଳୁଛି । ଏହା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଭାବେ ଦଣ୍ଡାୟମାନ । ପ୍ରଯୁକ୍ତିବିଦ୍ୟାର ଶ୍ରେଷ୍ଠ ଉପହାର ଭାବେ ବର୍ତ୍ତମାନ ମୁଣ୍ଡ ଟେକିଥିବା କୃତ୍ରିମ ବୁଦ୍ଧିମତ୍ତାକୁ ଆକାଶବାଣୀର ବିକାଶ ନିମନ୍ତେ ବ୍ୟବହାର କରିବା ପାଇଁ ଯୋଜନା ପ୍ରସ୍ତୁତ କରିବାର ଯଥେଷ୍ଟ ଆବଶ୍ୟକତା ରହିଛି ।

‘ଆକାଶବାଣୀ’ ଏହି ଶବ୍ଦଟି ସାମ୍ନାକୁ ଆସିଲେ ମନରେ ଉଙ୍କିମାରେ ଶିକ୍ଷା ଓ ମନୋରଞ୍ଜନର ପରଶକୁ ଗୁଣ୍ଡୁ ଗୁଣ୍ଡୁ ହୋଇ ବାଣ୍ଟୁଥିବା ଆଦ୍ୟ ଗଣଯୋଗାଯୋଗର ଅନନ୍ୟ ସୃଷ୍ଟି ରେଡ଼ିଓର କଥା । ପ୍ରଯୁକ୍ତିବିଦ୍ୟାର ସ୍ରୋତରେ ବର୍ତ୍ତମାନ ଆଧୁନିକ ଯନ୍ତ୍ରପାତି ଯେତେ ବିକାଶ କରୁଥିଲେ ମଧ୍ୟ ରେଡ଼ିଓ ଏକ ବିଶ୍ୱସନୀୟ ଏବଂ ଲୋକାଦୃତ ଗଣମାଧ୍ୟମ ରୂପେ ଆଜି ବି ନିଜର କାର୍ଯ୍ୟକୁ ସମ୍ପାଦନ କରୁଛି । ଏହା ସତ ଯେ ବିବର୍ତ୍ତନର ଚକ୍ରରେ ବାନ୍ଧି ହୋଇ ରେଡ଼ିଓର ରୂପରେଖ ବଦଳିଛି । ଆଉ ସେ ପୁରୁଣା କାଠବାକ୍ସର ଚାରିକାନ୍ଥ ଭିତରେ ରେଡ଼ିଓ ଆବଦ୍ଧ ହୋଇ ନାହିଁ ବରଂ ନିଜର ମୁକ୍ତ ଡେଣା ଝାଡ଼ି ପ୍ରଯୁକ୍ତିବିଦ୍ୟାର ବିଶାଳ କ୍ଷେତ୍ରରେ ପାଦ ଥାପିଛି । ମୋବାଇଲ୍ ଫୋନର ଆପ୍ ଯୋଗେ ଏବେ ଆମେ ରେଡ଼ିଓକୁ ଏଫ୍‌ଏମ୍ ମାଧ୍ୟମରେ ଆମେ ଶୁଣି ପାରୁଛୁ । ବିଶ୍ୱର ଯେକୌଣସି ସ୍ଥାନରେ ଏବେ ରେଡ଼ିଓ ପହଞ୍ଚି ପାରୁଛି । ଅତୀତର ପୃଷ୍ଠାକୁ ଓଲଟାଇଲେ ଆମେ ଦେଖିବା ଯେ ୧୮୮୬ ରୁ ୧୮୮୮ ମଧ୍ୟରେ ପ୍ରଖ୍ୟାତ ବୈଜ୍ଞାନିକ ହେନରିଚ୍ ରୁଡୋଲ୍ଫ ହର୍ଜଙ୍କ ବୈଦ୍ୟୁତିକ ଚୁମ୍ବକୀୟ ତରଙ୍ଗ ପରୀକ୍ଷଣ ଏବଂ ୧୯୦୧ ମସିହାରେ ଇଟାଲୀର ବୈଜ୍ଞାନିକ ଜି. ମାର୍କୋନୀଙ୍କ ଉଦ୍ୟମରେ ଗଢ଼ା ହୋଇଥିବା ଯନ୍ତ୍ରଦ୍ୱାରା ପ୍ରଥମେ ତାରବିହୀନ ବା ବେତାର ବାର୍ତ୍ତା ପ୍ରେରଣ କରାଯାଇଥିଲା । ସେଇଠୁ ହିଁ ରେଡ଼ିଓର ଜନ୍ମ । ୧୯୦୬ ମସିହାରେ ରେଜିନାଲଡ୍ ଫେସେନଡେନଙ୍କ ଦ୍ୱାରା ପ୍ରଥମେ ମଣିଷର ସ୍ୱର ରେଡ଼ିଓ ଯୋଗେ ପ୍ରସାରିତ ହୋଇଥିଲା । ଭାରତରେ ସର୍ବପ୍ରଥମେ ୧୯୨୩ ମସିହାରେ ‘ ରେଡ଼ିଓ କ୍ଲବ୍ ଅଫ୍ ବମ୍ବେ’ ନାମରେ ରେଡ଼ିଓ ପ୍ରବେଶ କଲା । ୧୯୩୬ ମସିହାରେ ଅଲ୍ ଇଣ୍ଡିଆ ରେଡ଼ିଓ ଏବଂ ୧୯୫୬ ମସିହାରେ ଆକାଶବାଣୀ ଭାବେ ଜନମାନସରେ ରେଡ଼ିଓ ଆଦୃତି ଲାଭ କଲା । ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ମାନସ ସନ୍ତାନ ହେଉଛି ଆକାଶବାଣୀ ଯାହାର ଆକ୍ଷରିକ ଅର୍ଥ ଆକାଶରୁ ଭାସି ଆସୁଥିବା ବାଣୀ । ରେଡ଼ିଓ ଆକାଶର ଉଜ୍ଜଳ ନକ୍ଷତ୍ର ଭାବେ ଆକାଶବାଣୀ ନିଜର ଚମକକୁ ବାଣ୍ଟି ମନର କଥାକୁ ଖୁବ୍ ସୁନ୍ଦର ଭାବେ ପରିପ୍ରକାଶ କରୁଛି । ୨୦୨୫-୨୬ ର ତଥ୍ୟ ଅନୁଯାୟୀ ଆକାଶବାଣୀ ଭାରତର ୯୮ ପ୍ରତିଶତ ଲୋକଙ୍କ ପାଖରେ ପହଞ୍ଚିଛି ଏବଂ ଭାରତ ଛଡା ୧୦୦ରୁ ଅଧିକ ଦେଶରେ ମଧ୍ୟ ଏହା କାର୍ଯ୍ୟକ୍ରମ ପ୍ରସାରଣ କରୁଛି । ଭାରତରେ ଏବେ ଆକାଶବାଣୀର ୫୯୧ ଟି କେନ୍ଦ୍ର କାମ କରିବା ସହ ୨୩ ଟି ଭାଷା ଏବଂ ୧୪୬ଟି ଉପଭାଷାରେ ଏହା ଶ୍ରୋତାଙ୍କ ମନ ପସନ୍ଦର ବିଭିନ୍ନ କାର୍ଯ୍ୟକ୍ରମକୁ



ଭେଟି ଦେଉଛି । ଅନବରତ ସେବା ଯୋଗାଇ ଚାହୁଁ ଚାହୁଁ ଆକାଶବାଣୀ ଆଜି ୯୦ ବର୍ଷରେ ପାଦ ଥାପିଛି । ସତ କିନ୍ତୁ ଅନେକ ଚ୍ୟାଲେଞ୍ଜ ମଧ୍ୟରେ ଏବେ ତାର ଭବିଷ୍ୟତ ଗତି କରୁଛି । ବଡ଼ କଥା ହେଲା ବର୍ତ୍ତମାନ ରେଡ଼ିଓକୁ ଶୁଣୁଥିବା ଶ୍ରୋତାଙ୍କ ସଂଖ୍ୟା ଅତି ନଗଣ୍ୟ ସ୍ଥିତିରେ ରହିଛି । ଦୁଃଖର ସହ ଏଠି କହିବାକୁ ପଡୁଛି ଯେ କିଛି ସୀମିତ ଶ୍ରୋତାଙ୍କୁ ନେଇ ବର୍ତ୍ତମାନ ଆକାଶବାଣୀର ପ୍ରତିଟି କେନ୍ଦ୍ର ପରିଚାଳିତ ହେଉଛି । ଯୁବ ଶ୍ରୋତାଙ୍କ ସଂଖ୍ୟା ନ କହିଲେ ଭଲ । ସମୟ , ଶବ୍ଦ ଓ ସ୍ୱରକୁ ସର୍ବଦା ପ୍ରାଧାନ୍ୟ ଦେଇଥାଏ ଆକାଶବାଣୀ। ଉଦ୍‌ଘୋଷକ ଏବଂ ଉଦ୍‌ଘୋଷିକାମାନେ ଯେଉଁ ଶୁଦ୍ଧ ଶୈଳୀରେ କାର୍ଯ୍ୟକ୍ରମ ଉପସ୍ଥାପନା କରନ୍ତି ତାହା ବେଶ୍ ରୁଚିକର ଏବଂ ଉଚ୍ଚକୋଟିର । କିନ୍ତୁ ସମୟ ସହ ତାଳ ଦେଇ ତଥା ବର୍ତ୍ତମାନ ପିଢ଼ିର ଭାବନାକୁ ବୁଝି ସେହି ଚିରାଚରିତ ଢଙ୍ଗରେ ପରିବର୍ତ୍ତନ ଆସିବାର ଯଥେଷ୍ଟ ଆବଶ୍ୟକତା ରହିଛି । ରେଡ଼ିଓର ଏକ ଆକର୍ଷଣୀୟ ଏବଂ ପ୍ରଭାବୀ କାର୍ଯ୍ୟକ୍ରମ ହେଉଛି ଲାଇଭ ଫୋନ ଇନ୍ ଯେଉଁଥିରେ ଶ୍ରୋତାମାନେ ସିଧାସଳଖ ଯୋଡ଼ି ହୋଇ ନିଜ ମନର କଥା



ରଖନ୍ତି କିନ୍ତୁ ଆକାଶବାଣୀ ପରି ପୁରାତନ ଏବଂ ସର୍ବାଧିକ ଲୋକଙ୍କ ପାଖେ ପହଞ୍ଚିଥିବା ଗଣମାଧ୍ୟମରେ ଏବେ ଅନୁଷ୍ଠିତ ହେଉଥିବା ଫୋନ ଇନ୍ କାର୍ଯ୍ୟକ୍ରମ କିଛି ନିର୍ଦ୍ଦିଷ୍ଟ ଶ୍ରୋତାଙ୍କୁ ନେଇକି ଗତି କରୁଛି । ଯେଉଁଠି ସାମାଜିକ ଗଣମାଧ୍ୟମ ଏବଂ ଅତ୍ୟାଧୁନିକ ମନୋରଞ୍ଜନର ମାଧ୍ୟମକୁ ଆମେ ପ୍ରାଧାନ୍ୟ ଦେଉଛୁ ସେଠାରେ ଆକାଶବାଣୀ ପରି ବିଶ୍ୱସନୀୟ ଏବଂ ସଠିକ୍ ସୂଚନା ଦେଉଥିବା ମାଧ୍ୟମକୁ ନଜର ଅନ୍ଦାଜ କରୁଛେ ।

ଆକାଶବାଣୀରେ ଆପଣ ଏବେବି ପାଲା, ଦାସ କାଠିଆ , ଲୋକଗୀତ, ପୁରାଣ ଓ ନାଟକ ପରି ସଂସ୍କୃତି ସମ୍ପନ୍ନ କାର୍ଯ୍ୟକ୍ରମ ଶୁଣି ପାରୁଛନ୍ତି ଯାହା ଅନ୍ୟ ଗଣମାଧ୍ୟମରେ ଉପଲବ୍ଧ ନାହିଁ । ଖୁବ୍ କମ୍ କର୍ମଚାରୀଙ୍କୁ ନେଇ ଆକାଶବାଣୀର ବିଭିନ୍ନ କେନ୍ଦ୍ର ଏବେ ପରିଚାଳିତ ହେଉଛି । ସ୍ଥାୟୀ ନିଯୁକ୍ତି ସଂଖ୍ୟା କମି ଅସ୍ଥାୟୀ ଭାବେ ଲୋକଙ୍କୁ ଆକାଶବାଣୀରେ କାମ କରିବା ପାଇଁ ସୁଯୋଗ ମିଳୁଛି । ଏହାମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଭାବେ ଦଣ୍ଡାୟମାନ । ପ୍ରଯୁକ୍ତିବିଦ୍ୟାର ଶ୍ରେଷ୍ଠ ଉପହାର ଭାବେ ବର୍ତ୍ତମାନ ମୁଣ୍ଡ ଟେକିଥିବା କୃତ୍ରିମ ବୁଦ୍ଧିମତ୍ତାକୁ ଆକାଶବାଣୀର ବିକାଶ ନିମନ୍ତେ ବ୍ୟବହାର କରିବା ପାଇଁ ଯୋଜନା ପ୍ରସ୍ତୁତ କରିବାର ଯଥେଷ୍ଟ ଆବଶ୍ୟକତା ରହିଛି । ଏବେବି ପ୍ରାକୃତିକ ବିପର୍ଯ୍ୟୟ ଆସିଲେ ଲୋକେ ପ୍ରଥମେ ଆକାଶବାଣୀକୁ ଖୋଜନ୍ତି ତେଣୁ ଏହାର ଉପସ୍ଥିତି ସଦା ଚିର ସବୁଜ। ଆକାଶବାଣୀର ଆଜି ଶୁଭ ଜନ୍ମଦିନ । ରେଡ଼ିଓକୁ ଭଲ ପାଉଥିବା ଏବଂ ରେଡିଓରେ କାମ କରୁଥିବା ଜଣେ ବ୍ୟକ୍ତି ଭାବେ ମୋର ଅନ୍ତରାତ୍ମା ଆକାଶବାଣୀ ପ୍ରତି ସମର୍ପିତ ଏବଂ ଆଗାମୀ ଦିନରେ କିପରି ଏହା ନିଜର ସମସ୍ତ ଉଦ୍ଦେଶ୍ୟକୁ ପୂର୍ଣ୍ଣ କରିବ ସେଥିନିମନ୍ତେ ସମସ୍ତଙ୍କୁ ବିନମ୍ର ଅନୁରୋଧ । ଗଣମାଧ୍ୟମର ଆଧୁନିକ ପରିପନ୍ଥୀ ଗୁଡ଼ିକ ଛାତିରେ ହାତ ବାଡ଼େଇ, ଅଣନିଃଶ୍ୱାସୀ ହୋଇ ଯେତେ ଚିତ୍କାର କରୁଥିଲେ ମଧ୍ୟ ଆକାଶବାଣୀ ସତ୍ୟ ଏବଂ ବିକାଶର ଗାଥାକୁ ସର୍ବଦା ଶ୍ରୋତାଙ୍କ ମନରେ ଯୋଡୁଥିବ ଏଥିରେ ଦ୍ୱିରୁକ୍ତି ନାହିଁ ।

ଉଦ୍‌ଘୋଷକ , ଆକାଶବାଣୀ ଜୟପୁର
ମୋ:- ୬୩୭୧୫୫୫୯୪୦

# ସ୍ୱତନ୍ତ୍ର ସଘନ ସଂଶୋଧନ: ବିଏଲଓଙ୍କ ଘରକୁ ଘର ପରିଦର୍ଶନ

ପିପିଲି,୭।୬ (ନିପ୍ର): ଜିଲ୍ଲା ରେ ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସଆଇଆର କାର୍ଯ୍ୟ ଆରମ୍ଭ ହୋଇ ଯାଇଥିବା ବେଳେ ବିଏଲଓ ବା ବୁଥ ସ୍ତରୀୟ ଅଧିକାରୀ ମାନେ ଘରକୁ ଘର ପରିଦର୍ଶନ କରି ବର୍ତ୍ତମାନ ସୁଦ୍ଧା ଶତକଡା ୫୪ ଭାଗରୁ ଅଧିକ ଭୋଟରଙ୍କୁ ଏନୁମେରେସନ ଫର୍ମ ପ୍ରଦାନ କରିସାରିଲେଣି। ବିଏଲଓ ସମସ୍ତ ଭୋଟରଙ୍କୁ ଏ ସମ୍ପର୍କରେ ସଚେତନ ସହ ଫର୍ମ ପୂରଣ ରେ ମଧ୍ୟ ସହାୟତା କରୁଛନ୍ତି । ଏକ ସ୍ୱଚ୍ଛ ଓ ନିର୍ଭୁଲ ଭୋଟର




ତାଲିକା ପ୍ରସ୍ତୁତି ନିର୍ବାଚନ କମିଶନରଙ୍କ ଉଦ୍ଦେଶ୍ୟ।ତେଣୁ ଭୋଟର ମାନେ ସେମାନଙ୍କ ପରିବାରର ସଠିକ ତଥ୍ୟ ଯଥା ୧୮ ବର୍ଷ ବା ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମ ଯୋଗ କରିବା, ମୃତ, ସ୍ଥାନାନ୍ତର, ବିବାହ ଇତ୍ୟାଦି କ୍ଷେତ୍ରରେ ନାମ ବାଦ ଦେବା, ପରିଚୟ ପତ୍ରରେ ତ୍ରୁଟି ଥିଲେ ସଂଶୋଧନ ସମ୍ପର୍କିତ ସୂଚନା ପ୍ରଦାନ କରିପାରିବେ। ପୁରୀ ଜିଲ୍ଲାରେ ଜୁନ ୬ ତାରିଖ ସୁଦ୍ଧା ୧୩୮୭୯୩୦ ଜଣ ଭୋଟର ଥିବା ବେଳେ ସମାନ ସଂଖ୍ୟକ ଏନୁମେରେସନ ଫର୍ମ ପ୍ରସ୍ତୁତି କରି ବଣ୍ଟନ କରାଯାଉଛି। କାର୍ଯ୍ୟସୂଚୀ ଅନୁସାରେ ଏସଆଇଆର ପାଇଁ ଯୋଗ୍ୟତା ତାରିଖ ଜୁଲାଇ ୧ ତାରିଖ ଧାର୍ଯ୍ୟ କରାଯାଇଥିବା ବେଳେ ମଇ ୩୦ ତାରିଖ ଠାରୁ ଜୁନ ୨୮ ତାରିଖ ପର୍ଯ୍ୟନ୍ତ ବିଏଲଓ ମାନେ ଘରକୁ ଘର ପରିଦର୍ଶନ କରିବା କାର୍ଯ୍ୟ ଆରମ୍ଭ କରି ଦେଇଛନ୍ତି। ଜୁନ ୨୮ ତାରିଖ ସୁଦ୍ଧା ମତଦାନ କେନ୍ଦ୍ର ଗୁଡିକର ଯୁକ୍ତି ସଂଗତ ପୁନର୍ବିନ୍ୟାସ କରାଯିବ। ଜୁଲାଇ ୫ ତାରିଖରେ ଖସଡା ଭୋଟର ତାଲିକା ପ୍ରକାଶ କରାଯିବ।ଦାବି ଓ ଆପତ୍ତି ଦାଖଲ ସମୟ ସୀମା ଜୁଲାଇ ୫ରୁ ଅଗଷ୍ଟ ୮ ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି। ଜୁଲାଇ ୫ ରୁ ସେପ୍ଟେମ୍ବର ୨ ତାରିଖ ପର୍ଯ୍ୟନ୍ତ ନୋଟିସ ପର୍ଯ୍ୟାୟ, ଦାବି ଓ ଆପତ୍ତିର ନିଷ୍ପତ୍ତି ଗ୍ରହଣ କରାଯିବ।ସେପ୍ଟେମ୍ବର ୬ ତାରିଖରେ ଚୁଡାନ୍ତ ଭୋଟର ତାଲିକାରେ ପ୍ରକାଶନ କରାଯିବ ବୋଲି ନିର୍ବାଚନ କମିଶନ କାର୍ଯ୍ୟସୂଚୀ ପ୍ରସ୍ତୁତ କରିଛନ୍ତି।ପୁରୀ ଜିଲ୍ଲାରେ ୧୬୦୯ ଜଣ ବିଏଲଓମାନେ ଭୋଟରମାନଙ୍କ ଘରକୁ ଘର ପରିଦର୍ଶନ କରୁଛନ୍ତି।

# ସ୍ୱତନ୍ତ୍ର ସଘନ ସଂଶୋଧନ ନେଇ ଭୋଟର ସଚେତନତା

ରାୟଗଡ଼ା,୭।୬ (ନିପ୍ର); ସ୍ୱତନ୍ତ୍ର ସଘନ ସଂଶୋଧନ -୨୦୨୬ କାର୍ଯ୍ୟକ୍ରମକୁ ସଫଳ ଓ ସର୍ବସମାବେଶୀ କରିବା ଉଦ୍ଦେଶ୍ୟରେ ୧୪୦-ରାୟଗଡ଼ ବିଧାନସଭା ମଣ୍ଡଳୀରେ ଏକ ଭୋଟର ଜନସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ସହମତିକ୍ରମେ ଏବଂ ଉପ-ଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ରମେଶ କୁମାର ଜେନାଙ୍କ ନିର୍ଦ୍ଦେଶକ୍ରମେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ଉପ-ଜିଲ୍ଲାପାଳ ତଥା ଶ୍ରୀ ଜେନା ସମସ୍ତ ନାଗରିକଙ୍କୁ ବୁଥ୍ ଲେବୁଲ୍ ଅଫିସର ମାନଙ୍କ ଘର ପରିଦର୍ଶନ ସମୟରେ ସହଯୋଗ କରିବା ସହ ନିଜର ଏବଂ ଯୋଗ୍ୟ ପରିବାର ସଦସ୍ୟମାନଙ୍କର ନାମ ଭୋଟର ତାଲିକାରେ ସଠିକ୍ ଭାବେ ଅନ୍ତର୍ଭୁକ୍ତ ହୋଇଥିବା ନିଶ୍ଚିତ କରିବାକୁ ନିବେଦନ କରିଥିଲେ।

# ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞଙ୍କ ପରଲୋକ

ଭବାନୀପାଟଣା,୭।୬ (ନିପ୍ର) :ବରିଷ୍ଠ ଶିଶୁ ବିଶେଷଜ୍ଞ ତଥା ଅବସରପ୍ରାପ୍ତ ଡାକ୍ତର ପଲଉ ପ୍ରଧାନ (୭୦)ଙ୍କ ଶନିବାର ସକାଳେ ପରଲୋକ ହୋଇଯାଇଛି। ତାମିଲନାଡୁର କୋଏମ୍ବାଟୁରର ଏକ ହୋଟେଲରେ ହୃଦଘାତ ଯୋଗୁଁ ସେ ଶେଷନିଶ୍ୱାସ ତ୍ୟାଗ କରିଥିବା ଜଣାପଡିଛି। ଡ. ପଲଉ ପ୍ରଧାନ କଳାହାଣ୍ଡି ଜିଲାର ଧର୍ମଗଡ଼,ଜୟପାଟଣା ଭବାନୀପାଟଣା ଓ ପାର୍ଷ୍ଣିକୁଡି ଭଳି ବିଭିନ୍ନ ଡାକ୍ତର ଖାନାରେ ରହି ନିଜ କାର୍ଯ୍ୟକୁ ସୁଚାରୁ ରୂପେ ପ୍ରତିପାଦନ କରିଥିଲେ। କେବଳ ସେ ଜଣେ ଡାକ୍ତର ନ ଥିଲେ, ବରଂ ଅନେକଙ୍କ ପାଇଁ ଏକ ଆଶାର ଆଲୋକ ଥିଲେ। ତାଙ୍କର କାର୍ଯ୍ୟଦକ୍ଷତା, ଦୟା ଏବଂ ନିଃସ୍ୱାର୍ଥପର ସେବା ସମାଜରେ ସ୍ୱାସ୍ଥ୍ୟସେବାରମାନକୁ ବଢ଼ାଇଥିଲା। ଆଜିର ଯୁଗରେ ଯେଉଁଠାରେ ଡାକ୍ତରୀ ଚିକିତ୍ସା ପ୍ରାୟତଃ ତରବରିଆ ହୋଇଯାଇଛି, ସେଠାରେ ଡାକ୍ତର ପ୍ରଧାନ ପ୍ରତ୍ୟେକ ଶିଶୁଙ୍କୁ ସମ୍ମାନର ସହ ଦେଖି, ତାଙ୍କ କଥାକୁ ଗଭୀର ଭାବରେ ଶୁଣି ଏବଂ ପ୍ରକୃତ ଯତ୍ନ ନେଇ ସମସ୍ତଙ୍କଠାରୁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କ ପରଲୋକ ଖବର ଶୁଣି କଳାହାଣ୍ଡି ଜିଲାରେ ଶୋକର ଛାୟା ଖେଳି ଯାଇଛି। ତାଙ୍କରୀ ବିୟୋଗରେ କଳାହାଣ୍ଡି ପେସାଦାର ସାମ୍ବାଦିକ ସଂଘ ପକ୍ଷରୁ ସ୍ଥାନୀୟ ଅମଳା ଭବନ ଠାରେ ଏକ ସ୍ମୃତି ସଭା ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।

# କୁଚିଣ୍ଡା ପେଟ୍ରୋଲ ପମ୍ପରେ ମାଲିକଙ୍କ ମନମାନି

## ନୋ ଷ୍ଟକ ବୋର୍ଡ ଲଗାଇ ତେଲ କଳାବଜାର ଅଭିଯୋଗ

କୁଚିଣ୍ଡା,୭।୬ (ନିପ୍ର): ସମଗ୍ର ଭାରତ ବର୍ଷରେ ତୈଳ ସଙ୍କଟ ଦେଖାଦେଇଥିବା ବେଳେ ସମ୍ବଲପୁର ଜିଲ୍ଲା କୁଚିଣ୍ଡାରେ ଡିଜେଲର ଉତ୍କଟ ସମସ୍ୟା ଯୋଗୁଁ ଚାଷୀଙ୍କୁ ନାହିଁନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡୁଛି। କୁଚିଣ୍ଡାର ସର୍ବପୁରାତନ ଗଣପତି ଶ୍ରୀକୃଷ୍ଣ ନାମକ ପେଟ୍ରୋଲ ପମ୍ପରେ ନୋ ଷ୍ଟକ ବୋର୍ଡ ଲଗାଇ କର୍ମଚାରୀମାନେ ଏକ ଘରୋଇ ବସ୍‌କୁ ଶହଶହ ଲିଟର




ଡିଜେଲ୍ ଦେବା ଘଟଣା ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଶନିବାର ସନ୍ଧ୍ୟାରେ ବାଉରୀଗୋଡା ଗ୍ରାମର ଲିପୁର ଚାନ୍ଦ ନାମକ ଯୁବକ ନିଜ ବୋଲେରୋ ଧରି ଡିଜେଲ ଭର୍ତ୍ତି ପାଇଁ ଉକ୍ତ ପେଟ୍ରୋଲ ପମ୍ପକୁ ଯାଇଥିଲେ। ହେଲେ ନୋ ଷ୍ଟକ ବୋର୍ଡ ଲଗାଇଯାଇଥିବା ଦେଖି ଗାଡ଼ିଟି ପମ୍ପ ବାହାରକୁ ଆଣିଥିଲେ।ହେଲେ ଠିକ ସେତେବେଳେ ଏକ ଘରୋଇ ବସ ଡିଜେଲ ଭର୍ତ୍ତି ପାଇଁ ପମ୍ପ ଭିତରକୁ ପଶିବା ଦେଖି ଅଭିଯୋଗକାରୀ ସାହୁ ଅଟକି ଗଲେ।ପମ୍ପରେ ନିୟୋଜିତ ଥିବା କର୍ମଚାରୀ ଜଣକ ବସରେ ଡିଜେଲ ଭର୍ତ୍ତି କରୁଥିବା ଦେଖି ପଚାରିବାରେ ସେ କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ପାରି ନଥିଲେ। ଫଳରେ ଲିପୁର ଚାନ୍ଦ ନିଜ ମୋବାଇଲରେ ଭିଡିଓ ଉତ୍ତୋଳନ କରି ସମ୍ବଲପୁର ଜିଲ୍ଲାପାଳଙ୍କୁ ଅନଲାଇନ ଅଭିଯୋଗ କରିଥିଲେ। ସେ ଅଭିଯୋଗ କହିଛନ୍ତି ଯେ,ତେଲ ସମସ୍ୟାକୁ ଆଳ କରି ପେଟ୍ରୋଲ ପମ୍ପ ମାଲିକ ମାନେ କଳାବଜାର କରି ଏହାର ବେଶ ଫାଇଦା ଉଠାଉଛନ୍ତି। ବର୍ତ୍ତମାନ ଚାଷ ସମୟ ହୋଇ ଥିବା ବେଳେ ଆବଶ୍ୟକ କରୁଥିବା ବ୍ୟକ୍ତିଙ୍କୁ ଡିଜେଲ ନଦେଇ ପ୍ରଭାବଶାଳୀ ବ୍ୟକ୍ତି ଓ ବସ୍ ମାଲିକ ମାନଙ୍କୁ ଚଡା ଦରରେ ତେଲ ବିକ୍ରି କରୁଥିବା ସେ ଅଭିଯୋଗ କରିଛନ୍ତି। ଏଥି ପାଇଁ ଯୋଜନା ବଦ୍ଧ ଭାବେ ଅଧିକାଂଶ ସମୟରେ ତେଲ ଟାଙ୍କିରେ ନୋ ଷ୍ଟକ ବୋର୍ଡ ଲଗାଇ ରଖୁଛନ୍ତି। ତେଣୁ ଏହାର ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଭିଡିଓ ସହ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସଂପୃକ୍ତ ପେଟ୍ରୋଲ ପମ୍ପ ମ୍ୟାନେଜରଙ୍କୁ ପଚାରିବାରେ ଜରୁରୀ କାଳିନ ସେବା,ନାଇଟ କୋଚ ବସ୍ ମାନଙ୍କ ପାଇଁ ନୋ ଷ୍ଟକ ବୋର୍ଡ ଲଗାଯାଇ ଥିଲେ ମଧ୍ୟ ତେଲ ବ୍ୟବସ୍ଥା କରାଯାଏ ବୋଲି କହିଛନ୍ତି।

## ରଥଯାତ୍ରା ଅବସରରେ ନଗର ଉନ୍ନୟନ ବିଭାଗର ସମୀକ୍ଷା

# ପରିବେଶ ଅସ୍ୱଚ୍ଛ କଲେ ନିୟମ ଅନୁସାରେ ହେବ ଜରିମାନା

ପୁରୀ,୭।୬ (ନିପ୍ର): ରଥଯାତ୍ରାରେ ନଗର ଉନ୍ନୟନ ବିଭାଗ ପାଇଁ ଅନେକ ଆହ୍ୱାନ ରହିଥାଏ। ଏହାକୁ ସମ୍ମିଳିତ ଭାବେ କାର୍ଯ୍ୟ କରି, ଉନ୍ନତ ସେବା ଯୋଗାଇ ଶୃଙ୍ଖଳିତ ରଥଯାତ୍ରା କୁ ସଫଳ କରିବା ବୋଲି କହିଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ। ଆଗାମୀ ରଥଯାତ୍ରା ପରିପ୍ରେକ୍ଷୀରେ ନଗର ଉନ୍ନୟନ ବିଭାଗର ପ୍ରସ୍ତୁତି ଓ ପରିଚାଳନା ସମ୍ପର୍କରେ ଏକ ସମୀକ୍ଷା ବୈଠକ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏଥିରେ ସମସ୍ତଙ୍କୁ ସ୍ୱାଗତ କରିବା ସହ ରଥଯାତ୍ରା ଅବସରରେ ବଡଦାଣ୍ଡ ଓ ପୁରୀ ସହରରେ ଗ୍ରହଣ କରାଯାଇଥିବା ଓ ରଥଯାତ୍ରା ପାଇଁ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ।ରଥଯାତ୍ରା ସମୟରେ ଶ୍ରଦ୍ଧାଳୁ ଓ ଯାତ୍ରୀମାନଙ୍କ ସୁସ୍ଥ ଓ ସୁରକ୍ଷିତ ଦର୍ଶନ ପାଇଁ ନଗର ଉନ୍ନୟନ ବିଭାଗ ଏକ ପ୍ରମୁଖ ମାଧ୍ୟମ। ସହରକୁ ସଫା ସୁତୁରା ରଖିବା, ସୁସ୍ଥ ପରିବେଶ ସୃଷ୍ଟି କରିବା,ଶୌଚାଳୟ ବ୍ୟବସ୍ଥା କରିବା, ପାର୍କିଂ, ଆଲୋକିକରଣ ଇତ୍ୟାଦି ସମସ୍ତ କାର୍ଯ୍ୟର ସୁପରିଚାଳନା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ପାଢ଼ୀ ନିର୍ଦ୍ଦେଶ ଦେଇଥିଲେ। ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଲା କାର୍ଯ୍ୟସୂଚୀ ଅନୁସାରେ ପୁରୀ ମହାନଗର ନିଗମର ବିବିଧ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ।ସର୍ବାଧିକ ଗୁରୁତ୍ୱ ସ୍ୱଚ୍ଛତା ଉପରେ ଦିଆଯିବା ସହ ସମସ୍ତ ନାଗରିକ ମାନଙ୍କୁ ସଚେତନ କରାଯିବ।କେହି ସ୍ୱଚ୍ଛତା ନିୟମ ଉଲ୍ଲଙ୍ଘନ କରୁଥିଲେ ତାଙ୍କୁ ଫାଇନ କରାଯିବ। ଲଗାତାର ଏନଫୋର୍ସମେଣ୍ଟ କରାଯିବ,୩୦ ଜୁନ ସୁଦ୍ଧା ସମସ୍ତ ଡ୍ରେନ ରେ ସ୍ଲାବ ପଡିବ, ଜବରଦଖଲ ଉଚ୍ଛେଦ ସହ ସ୍ୱଚ୍ଛତା ପ୍ରତି ଏନଫୋର୍ସମେଣ୍ଟ ଟିମ ଦୃଷ୍ଟି ଦିଆଯିବ। ଅଧିକ ଲୋକ ଲଗାଯାଇ ପୁରା ସହରକୁ ନିରବଚ୍ଛିନ୍ନ ପରିଷ୍କାର ପରିଚ୍ଛନ୍ନତା ରଖାଯିବ । ପାର୍କିଂ ସ୍ଥଳ ଉନ୍ନତି ସହ ସେଠାରେ ଡ୍ରାଇଭର ବିଶ୍ରାମ ସ୍ଥାନ, ରଥଯାତ୍ରା ରେ ଅଧିକ ଶୌଚାଳୟର ବ୍ୟବସ୍ଥା କରାଯିବ।ଡ୍ରେନ ସଫା ତ୍ୱରାନ୍ୱିତ କରାଯାଇଛି,ରାସ୍ତାରେ ବୁଲୁଥିବା ଗୋରୁ ଗାଇ ମାନଙ୍କୁ ଗୋଶାଳା ଅବା କାଞ୍ଜିଆହୁଦା ରେ ରଖାଯିବ, ବର୍ଷା ହେଲେ ଯେଉଁ ଠାରେ ଜଳ ଜମିବା ଆଶଙ୍କା ରହୁଛି ତାହାକୁ ଚିହ୍ନଟ ସହ ତ୍ୱରିତ ଜଳ ନିଷ୍କାସନ ବ୍ୟବସ୍ଥା କରିବା,ଉଚ୍ଚ ଶକ୍ତି ସମ୍ପର୍ଣ୍ଣ ପମ୍ପ ରଖାଯିବ, ହୋଟେଲ ମାନଙ୍କୁ ସଚେତନ କରାଯାଇ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯାଉଛି ।ଚଳିତ ରଥଯାତ୍ରା ରେ ବଡଦାଣ୍ଡରେ ଆଦୌ ରନ୍ଧା ଖାଦ୍ୟ ଦିଆଯିବ ନାହିଁ।ଗଳି ମାନଙ୍କରେ ନିର୍ଦ୍ଦିଷ୍ଟ ସ୍ଥାନ ମାନଙ୍କ ରେ ଅନ୍ନଦାନ ବ୍ୟବସ୍ଥା କରାଯିବ ଯାହା ଫଳରେ ପରିବେଶ ଅସ୍ୱଚ୍ଛ ରହିବ ନାହିଁ,ବିଭିନ୍ନ ସାଇନଏଜ ବା ସୂଚନା ଫଳକ ଲଗାଯାଇ ଖାଦ୍ୟ, ପାନୀୟ, ଚିକିତ୍ସା ଇତ୍ୟାଦି ସମ୍ପର୍କରେ ଲୋକଙ୍କୁ ସୂଚିତ କରାଯିବ, ପାନୀୟ ଜଳର ବ୍ୟବସ୍ଥା କରିବା, ଅସୁରକ୍ଷିତ ବିଲ୍ଡିଂକୁ ଚିହ୍ନଟ କରି ଉପଯୁକ୍ତ ପଦକ୍ଷେପ ନେବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମୀକ୍ଷା ବୈଠକରେ ଏସପି ପ୍ରତୀକ ସିଂ,ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ର ସ୍ୱତନ୍ତ୍ର ସଚିବ ବିନୟ କୁମାର ଦାସ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ କୃଷ୍ଣ ଚନ୍ଦ୍ର ସାମନ୍ତରାୟ, ରାମ ନାରାୟଣ ଗୋଛିକାର, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ.ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ମହାନଗର ନିଗମର ଯୁଗ୍ମ ସଚିବ ଅଭିମନ୍ୟୁ ବେହେରା, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା ପ୍ରମୁଖ ଯୋଗ ଦେଇଥିଲେ।

# ଆଧୁନିକ ଯନ୍ତ୍ରପାତି ଭିତରେ ଅଲୋଡ଼ା କମାରଶାଳ

## ହଜିବାକୁ ବସିଲାଣି କୁଳ ବେଉସା, ବୃତ୍ତି ବଞ୍ଚାଇବାକୁ ସଂଘର୍ଷ

ଗୋଲାମୁଣ୍ଡା,୭।୬ (ନିପ୍ର): କମାର କୌଳିକ ବୃତ୍ତିକୁ ବଞ୍ଚାଇ ରଖିବାକୁ କିଛି ବୟସ୍କ ଲୁହା ସହିତ ସଂଘର୍ଷ କରୁଥିବା ବେଳେ ପ୍ରୋତ୍ସାହନ ମିଳୁ ନଥିବାରୁ ଯୁବପିଢ଼ି କମାର ବୃତ୍ତି ଆପଣାଇବାକୁ ଅନାଗ୍ରହ ପ୍ରକାଶ କରୁଛନ୍ତି। ଆଧୁନିକତାର ଚାକଚକ୍ୟ ଭିତରେ ଯେଉ କୌଳିକ ବୃତ୍ତି ଦିନେ ପରିବାର ଚଳାଉଥିଲା ତାହା ଏବେ ହଜିଯି ବାକୁ ବସିଲାଣି । ଯେଉଁ କାରିଗରମାନଙ୍କୁ ଦିନେ ରାଜ୍ୟ ଓ ରାଜ୍ୟ ବାହାରେ ପରିଚୟ ସୃଷ୍ଟି କରିବାରେ ସହାୟକ ହୋଇଥିଲା ସେହି ବୃତ୍ତି ଏବେ ସଙ୍କଟ ମଧ୍ୟକୁ ଠେଲି ହୋଇଗଲାଣି। ପ୍ରୋତ୍ସାହନ ଅଭାବରୁ କମାରଶାଳର ଚମକ ଆଉ ନାହିଁ । ପୁରୁଷ ପୁରୁଷ ଧରି କୌଳିକ ବୃତ୍ତି ଭାବରେ ଗ୍ରହଣ କରି ଆସୁଥିବା କମାର ପରିବାର ଏବେ ଅଭାବ ଅନଟନ ମଧ୍ୟରେ କାଳାତିପାତ କରୁଛି । ଆଗଭଳି ଶାଳ ଆଗରେ ଲୋକମାନଙ୍କର ଭିଡରେ ଦେଖିବାକୁ ମିଳୁନି । ଫଳରେ କମାର ବୃତ୍ତି କରି ଚଳୁଥିବା ପରିବାରର ଆୟପନ୍ଥା ଧୀରେ ଧୀରେ କମି କମି ଯାଉଛି। ଏଭଳି ସ୍ଥିତି କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ବିଭିନ୍ନ କିଛି ଗ୍ରାମରେ ଦେଖିବାକୁ ମିଳିଛି ସ୍ୱଳ୍ପ କମାରଶାଳ। ଶାଳରେ କାରିଗରମାନେ ଲୁହାଲଙ୍ଗଳ, କୁରାଢ଼ୀ, ଦା, କଟୁରୀ, ଶାବଳ, କୋଦାଳ, ପନିକି, ଗୁଆକାଟି ଆଦି ବିଭିନ୍ନ ଜିନିଷ ତିଆରି କରି ବିକ୍ରି କରିବା ସହ ସେଗୁଡିକର ଦାଢ କମିଗଲେ ପୁନର୍ବାର ଦାଢ



କରିଦେଇ ସେଥିରୁ ଯାହା ପାରିଶ୍ରମିକ ପାଉଥିଲେ ସେଥିରେ ପରିବାର ପ୍ରତିପୋଷଣ କରୁଥିଲେ। ବର୍ତ୍ତମାନ ଲୁହା ଦୋକାନମାନଙ୍କରେ କମ୍ ମୂଲ୍ୟରେ ସେ ସବୁ ଜିନିଷ ମିଳି ଯାଉଥିବାରୁ ଲୋକେ କମାରଶାଳ ଉପରେ ବିଶେଷ ନିର୍ଭର କରୁ ନାହାନ୍ତି। ଏପରି କି ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ କମାର କାରିଗରଙ୍କୁ ପ୍ରୋତ୍ସାହନ ଦେଉ ନଥିବାରୁ ଅଭାବ ଅନଟନରେ ରହିବା ଅପେକ୍ଷା ଅନ୍ୟତ୍ର କାର୍ଯ୍ୟ କରି ପେଟ ପୋଷିବାକୁ ବାହାରକୁ ଚାଲି ଯାଉଛନ୍ତି । କମାରଶାଳକୁ ଆଉ ଲୋକେ ଯାଉ ନଥିବାରୁ କାରିଗର ନିଜ ପେଟ ପୋଷି ବାକୁ ବିଭିନ୍ନ ସାପ୍ତାହିକ ହାଟ ମାନଙ୍କରେ ଶାଳ ଖୋଲୁଥିଲେ ମଧ୍ୟ କଞ୍ଚାମାଲ ବାଧକ ସାଜୁଛି। ଶାଳରେ ବ୍ୟବହାର ପାଇଁ କାଠ, ଅଙ୍ଗାର, କୋଇଲା ତଥା ଆବଶ୍ୟକ ଲୁହା ମିଳୁନାହିଁ। ଏପରିକି ମଜୁରୀ ଦାମ ଆକାଶ ଛୁଆଁ ହୋଇଥିବାରୁ ଶାଳ କରି ପେଟ ପୋଷିବା ଏବେ କଷ୍ଟକର ବ୍ୟାପାର ହୋଇପଡିଛି । ଆଜିର ଦିନରେ କମାର ଶାଳ କାମ କରିବାକୁ ଯୁବପିଢ଼ି ମାନେ ଆଗ୍ରହ ପ୍ରକାଶ କରୁ ନାହାନ୍ତି । କାରଣ ଶାଳରେ ଆଗଭଳି ଆଉ ରୋଜଗାର ନାହିଁ । ପୂର୍ବ ପୁରୁଷମାନେ ଚାଷୀ ମାନଙ୍କ ଲଙ୍ଗଳଲୁହା, ଦାଆ ଇତ୍ୟାଦି ତିଆରି କରି ଚାଷୀମାନଙ୍କ ବିଲରୁ ହଳ ନେଉଥିଲେ ।

କିନ୍ତୁ ହଳ ବଳଦ ନଥିବାରୁ ସେ ସବୁ ବର୍ତ୍ତମାନ ଆଉ ଦେଖାଯାଉ ନାହିଁ । କୁଶଳି କାରିଗର ମାନଙ୍କୁ ବ୍ୟାଙ୍କ ଋଣ ସହଜରେ ମିଳିପାରୁ ନାହିଁ। ଶାଳ ପାଇଁ ଉପଯୁକ୍ତ ଭିତ୍ତିଭୂମି ବିକାଶ ଦିଗରେ ସରକାରୀ ସହାୟତା ମଧ୍ୟ ମିଳିପାରୁ ନାହିଁ। ସରକାର ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବହୁ ଯୋଜନା କରିଥିବାବେଳେ କମାର ମାନଙ୍କ କୌଳିକବୃତ୍ତି ବୃଦ୍ଧି ପାଇଁ କୌଣସି ଯୋଜନା କରିନାହାନ୍ତି । ଯଦି ସରକାର କମାରମାନଙ୍କୁ ପ୍ରୋତ୍ସାହନ ପ୍ରଦାନ ନକରନ୍ତି ତେବେ ଦିନ ଆସିବ ଏହି କୌଳିକ ବୃତ୍ତି ସବୁଦିନ ପାଇଁ ହଜିଯିବ।

# ପାନୀୟ ଜଳ ଯୋଗାଣ ପ୍ରକଳ୍ପରେ ବ୍ୟାପକ ଅନିୟମିତତା

**ସୋଲାର ଜଳପ୍ରକଳ୍ପରେ ଦୁର୍ନୀତି, ଛାଇରେ ଲାଗିଛି ପ୍ୟାନେଲ !**

**ନିମ୍ନମାନର ସାମଗ୍ରୀ ବ୍ୟବହାର ଓ ତ୍ରୁଟିପୂର୍ଣ୍ଣ ସ୍ଥାପନକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ**

ଧାମନଗର,୭।୬ (ନିପ୍ର): ଧାମନଗର ବ୍ଲକ ଅନ୍ତର୍ଗତ ଦୋବଲ ଗ୍ରାମପଞ୍ଚାୟତରେ ଆର.ଡବ୍ଲ୍ୟୁ.ଏସ୍.ଏସ୍. ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସୋଲାର ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଏବେ ବିବାଦ ଘେରରେ। ପ୍ରକଳ୍ପଟି ସମ୍ପୂର୍ଣ୍ଣ ହେବା ପୂର୍ବରୁ ହିଁ ଏହାର ନିର୍ମାଣ ଶୈଳୀ ଓ ବ୍ୟବହୃତ ସାମଗ୍ରୀର ଗୁଣବତ୍ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।ସୂଚନା ଥାଉକି ଗ୍ରାମବାସୀଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇବା ଲକ୍ଷ୍ୟରେ ଏହି ସୋଲାର ପ୍ରକଳ୍ପ ହାତକୁ ନିଆଯାଇଥିଲା। ତେବେ ଘଟଣାସ୍ଥଳ ରେ ଦେଖିଲେ ବିଭାଗୀୟ କାର୍ଯ୍ୟର ଅବହେଳା ସ୍ପଷ୍ଟ ବାରି ହୋଇପଡୁଛି। ପ୍ରଥମତଃ, ସୋଲାର ପ୍ୟାନେଲ ଗୁଡ଼ିକୁ ମାତ୍ର ୧୦ ଫୁଟ ଉଚ୍ଚତାରେ ସ୍ଥାପନ କରାଯାଇଛି, ଯାହାକି ସୂର୍ଯ୍ୟକିରଣ ପାଇବା ପାଇଁ ସମ୍ପୂର୍ଣ୍ଣ ଅନୁପଯୁକ୍ତ। ଏପରିକି ଅନେକ ସ୍ଥାନରେ ଛାଇ ପଡୁଥିବା ଜାଗାରେ ଏହି ପ୍ୟାନେଲ ଗୁଡ଼ିକ ଲଗାଯାଇ ଥିବାରୁ ଏହା କିପରି ସଠିକ୍ ଭାବେ ଶକ୍ତି ଉତ୍ପାଦନ କରିବ, ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି।ଦ୍ୱିତୀୟରେ, ପ୍ରକଳ୍ପ ପାଇଁ ବ୍ୟବହାର କରାଯାଉଥିବା ପାଇପ୍‌ଗୁଡ଼ିକ ଅତି ନିମ୍ନମାନର ବୋଲି ଅଭିଯୋଗ ହୋଇଛି। ସାଧାରଣ ଚାପରେ ମଧ୍ୟ ଏହି ପାଇପ୍ ଗୁଡ଼ିକ ଫାଟିଯିବାର ଆଶଙ୍କା ରହିଛି। ସରକାରୀ ସ୍ତରରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ୍ୟ, ଦାୟିତ୍ୱରେ ଥିବା ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ଏଭଳି ନିମ୍ନମାନର କାମ ଚାଲିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ସମ୍ପର୍କରେ ସ୍ଥାନୀୟ ବାସିନ୍ଦା କୁହନ୍ତି, 'ଯଦି ଆରମ୍ଭରୁ କାମ ଏଭଳି ହୋଇଥାଏ, ତେବେ ଭବିଷ୍ୟତରେ ଏହି ପ୍ରକଳ୍ପରୁ ପାଣି ମିଳିବା ନିଶ୍ଚିତ ଭାବେ ସନ୍ଦେହଜନକ।

ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ କରି ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଉନ୍ନତମାନର ସାମଗ୍ରୀ ବ୍ୟବହାର ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ପାଇଁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନାହିଁ।

# ଜଳବାୟୁ ସଂକ୍ରାନ୍ତ ଆଲୋଚନା

ଯାଜପୁର, ୭।୬ (ନିପ୍ର): ଯାଜପୁର ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଯାଜପୁର ବ୍ଲକର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ନାଥସାହି ପରିସରରେ ବିଶ୍ୱ ପରିବେଶ ଦିବସ ଜିଲ୍ଲା ଦୌରାଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଅଛି। ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ତଥା ପ୍ରାଧିକରଣ ସଚିବ ନେହା ଅଗ୍ରୱାଲ୍ ପ୍ରାରମ୍ଭିକ ବକ୍ତବ୍ୟ ସହ ସୂଚନା ପ୍ରଦାନ କରିଥିଲେ। ଏଥିରେ ଅତିଥି ଆଲୋଚକ ଭାବେ ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ୍ ସର୍ବେଶ୍ୱର ଦାସ, ସିଭିଲ୍ ଜଜ୍ ସୁନୀତା ବିଶ୍ୱାଳ , ଆଡିସନାଲ୍ ଏସ୍ ପି ରତିକାନ୍ତ ଗିରି ,ଫରେଷ୍ଟ ରେଞ୍ଜ ଅଫିସର ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରାଧିକରଣ ପ୍ରାକ୍ତନ ସଦସ୍ୟ ତଥା ସାମାଜିକ କାର୍ଯ୍ୟକର୍ତ୍ତା ଡ. ରୁଦ୍ରନାରାୟଣ ପୃଷ୍ଟି ପ୍ରମୁଖ ଯୋଗଦେଇ ଦିବସର ବିଶେଷତ୍ୱ, ସନ୍ତୁଳିତ ଓ ଅସନ୍ତୁଳିତ ପରିବେଶର ଜନଜୀବନ ଉପରେ ପ୍ରଭାବ ସହିତ ଚଳିତ ବର୍ଷର କଥାବସ୍ତୁ ଏବେଠୁ ଜଳବାୟୁ ପାଇଁ ଶୀର୍ଷକରେ ବିସ୍ତୃତ ଆଲୋଚନା କରିଥିଲେ। ବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ପ୍ରଦୂଷଣ ପରିବେଶ ଓ ତାର କୁପରିଣତି ବିଷୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଦିପ୍ତିମୟୀ ପୃଷ୍ଟି, କ୍ଷୀରାବଧୀତନୟା ରାୟ ଓ ରାହୁଲ ଦାସଙ୍କୁ ପ୍ରାଧିକରଣ ଅଧ୍ୟକ୍ଷ ସିଲ୍ ଓ ପ୍ରମାଣ ପତ୍ର ଦେଇ ପୁରସ୍କୃତ କରିଥିଲେ।

# ଧର୍ମଗଡ଼ରେ ସ୍ୱତନ୍ତ୍ର ସଘନ ସଂଶୋଧନ -୨୦୨୬କୁ ନେଇ ଜନ ସଚେତନତା

ଧର୍ମଗଡ଼,୭।୬ (ନିପ୍ର) ଭୋଟର ତାଲିକାର ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ - ୨୦୨୬ ସମ୍ପର୍କରେ ସାଧାରଣ ଜନତାଙ୍କ ମଧ୍ୟରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବା ଆଭିମୁଖ୍ୟ ନେଇ ଧର୍ମଗଡ଼ ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି ।ଏହି ପରିପ୍ରେକ୍ଷୀରେ ଆଜି ଧର୍ମଗଡ଼ ଉପ ଜିଲ୍ଲାପାଳ ତଥା ୭୯- ଧର୍ମଗଡ଼ ବିଧାନସଭା କ୍ଷେତ୍ରର ପଞ୍ଜୀକରଣ ଅଧିକାରୀ ପ୍ରେକ୍ଷା ଅଗ୍ରୱାଲଙ୍କ ନେତୃତ୍ୱରେ ଏକ ବିରାଟ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି ।ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଆରମ୍ଭ ହୋଇ




ଧର୍ମଗଡ଼ ଉତ୍ସବ ପଡ଼ିଆ ପର୍ଯ୍ୟନ୍ତ ହୋଇଥିବା ଏହି ଶୋଭାଯାତ୍ରାରେ ସମସ୍ତ ସରକାରୀ ଅଧିକାରୀ,କର୍ମଚାରୀ ସାମିଲ ହୋଇଥିଲେ। ଭୋଟର ତାଲିକା ସଂଶୋଧନର ଗୁରୁତ୍ୱ, ଗଣନା ଫର୍ମ ବଣ୍ଟନ ଓ ଦାଖଲ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଏବଂ ପ୍ରକ୍ରିୟାରେ ଯୋଗ୍ୟ ଭୋଟରମାନଙ୍କର ସର୍ବାଧିକ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ପାଇଁ ଏହି ଶୋଭାଯାତ୍ରା ଆୟୋଜନର ମୂଳଲକ୍ଷ୍ୟ ଥିଲା । ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଧର୍ମଗଡ଼ ତହସିଲଦାର କୀର୍ତି ଚନ୍ଦ୍ର ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ, ଡେପୁଟି କଲେକ୍ଟର ପୁନମ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ (ନିର୍ବାଚନ) ଶ୍ରୀକାନ୍ତ ଶତପଥୀ, ସମସ୍ତ ସରକାରୀ କର୍ମଚାରୀ, ଅଙ୍ଗନବାଡି କର୍ମୀ, ଆଶା କର୍ମୀ ଓ ଘୁମୁରା ଦଳ ସାମିଲ ହୋଇଥିଲେ।

# ଲୟର୍ସ ଆସୋସିଏସନ କର୍ମକର୍ତ୍ତା ଚୟନରେ ଅନିୟମିତତା !

## ସମ୍ପାଦକ ଓ ନିର୍ବାଚନ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନୋଟିସ ଜାରି

ଜଟଣୀ,୭।୬ (ନିପ୍ର) : ଓଡିଶା ରାଜ୍ୟ ଆଇନଜୀବୀ ପରିଷଦର ନିର୍ଦ୍ଦେଶକୁ କାର୍ଯ୍ୟକାରୀ ନ କରିବା ଏବଂ ଉଦ୍ଦେଶ୍ୟମୂଳକ ଭାବରେ ଦୁଇଦୁଇ ଥର ନିର୍ବାଚନ ପ୍ରତିହିତ କରିବା ଜନିତ ବିଶୃଙ୍ଖଳା ପାଇଁ ଏବଂ ସର୍ବ ପରିବାର ଆସୋସିଏସନର ନିର୍ବାଚନ ଅଧିକାରୀ ଭାବରେ ନିଜ ଦାୟିତ୍ୱ ସମ୍ପାଦନ ନ କରିବା ଜନିତ ଅଣପେସାଦାରୀ ବିଶୃଙ୍ଖଳିତ ଆଚରଣ ଯାହା ଆଇନଜୀବୀ ଅଧିନିୟମ ଦ୍ୱାରା ନିର୍ଦ୍ଧାରିତ ଆଚରଣ ସଂହିତାର ଉଲ୍ଲଂଘନ, ନିମନ୍ତେ ଜଟଣୀ ଲୟର୍ସ ଆସୋସିଏସନ ସମ୍ପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ ଏବଂ ନିର୍ବାଚନ ଅଧିକାରୀ ନିହାର ରଞ୍ଜନ ସୁନ୍ଦରରାୟଙ୍କ ବିରୁଦ୍ଧରେ କାହିଁକି ଆବଶ୍ୟକୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବ ସେଥିପାଇଁ ଓଡିଶା ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସିତାଂଶୁମୋହନ ଦ୍ୱିବେଦୀଙ୍କ ନିର୍ଦ୍ଦେଶ କ୍ରମେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଅଛି । ଉଲ୍ଲେଖ ଯୋଗ୍ୟ ଯେ ଓଡିଶାରେ ୨୮. ୦୩. ୨୦୨୬ ତାରିଖରେ ହୋଇଥିବା ଆଇନଜୀବୀ ପରିଷଦ ଦ୍ୱାରା ସ୍ଥିର କରାଯାଇ ଜଟଣୀ ଲୟରସ ଆସୋସିଏସନର ନିର୍ବାଚନକୁ ସମ୍ପୃକ୍ତ ଆସୋସିଏସନର ସମ୍ପାଦକ ତଥା ନିର୍ବାଚନ ଅଧିକାରୀଙ୍କ ବିରୁଦ୍ଧରେ ନିର୍ବାଚନ ସଂକ୍ରାନ୍ତୀୟ ନିୟମକୁ ଉଲଂଘନ ଅଭିଯୋଗ କ୍ରମେ ଉକ୍ତ ନିର୍ବାଚନକୁ ସ୍ଥଗିତ ରଖାଯାଇଥିଲା। ପୁନଃରାୟ ଓଡିଶା ରାଜ୍ୟ ଆଇନଜୀବୀ ପରିଷଦର ନିଷ୍ପତ୍ତି ଅନୁଯାୟୀ ଉକ୍ତ ଆସୋସିଏସନ ନିର୍ବାଚନକୁ ୨୩. ୦୫, ୨୦୨୬ ତାରିଖରେ ଅନୁଷ୍ଠିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏବଂ ତଦନୁଯାୟୀ ସମ୍ପୃକ୍ତ ଆସୋସିଏସନର ସମ୍ପାଦକଙ୍କୁ ନିର୍ବାଚନ ଆଇନର ଧାରା ୫୧ ତଥା ୭୧ ଅନୁଯାଇ ସାଧାରଣ ବୈଠକ ଆହୂତ ପୂର୍ବକ ନିର୍ବାଚନ ଅଧିକାରୀଙ୍କୁ ନିଯୁକ୍ତି କରି ଓଡିଶା ରାଜ୍ୟ ଆଇନଜୀବୀ ପରିଷଦକୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଫଳରେ ସମ୍ପୃକ୍ତ ନିର୍ବାଚନ ଅଧିକାରୀଙ୍କୁ ନିର୍ବାଚନ ସଂକ୍ରାନ୍ତୀୟ ସମସ୍ତ କାର୍ଯ୍ୟସୂଚୀ ଯଥା ନାମାଙ୍କନପତ୍ର ଦାଖଲ, ପ୍ରତ୍ୟାହାର ଇତ୍ୟାଦି ବିଷୟ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ନିର୍ଦ୍ଦେଶାବଳୀ ପତ୍ର ଦ୍ୱାରା ସୂଚିତ କରାଯାଇଥାନ୍ତା କିନ୍ତୁ ଜଟଣୀ ଲୟରସ ଆସୋସିଏସନର ସମ୍ପାଦକ ଓଡିଶା ରାଜ୍ୟ ଆଇନଜୀବୀ ପରିଷଦର ଉକ୍ତ ନିର୍ଦ୍ଦେଶ ଅନୁଯାୟୀ କୌଣସି ପଦକ୍ଷେପ ନେଲେ ନାହିଁ କିମ୍ବା ଓଡିଶା ରାଜ୍ୟ ଆଇନଜୀବୀ ପରିଷଦକୁ ବିଧିବଦ୍ଧ ଭାବରେ କୌଣସି ସୂଚନା ପ୍ରଦାନ କଲେ ନାହିଁ। ଅଗତ୍ୟା ଉକ୍ତ ସମସ୍ୟାର ସମାଧାନ ନିମନ୍ତେ ଓଡିଶା ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ,ଓଡିଶା ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ଅକ୍ଷୟ କୁମାର ସାମନ୍ତରାୟଙ୍କୁ, ଓଡିଶା ରାଜ୍ୟ ଆଇନଜୀବୀ ପରିଷଦ ତରଫରୁ ଅଧିକୃତ ପ୍ରତିନିଧି ଭାବରେ ଦାୟିତ୍ୱ ଅର୍ପଣ କରିଥିଲେ। ଅଧ୍ୟକ୍ଷଙ୍କର ନିର୍ଦ୍ଦେଶ କ୍ରମେ ଶ୍ରୀ ସାମନ୍ତରାୟ ସମ୍ପୃକ୍ତ ସମ୍ପାଦକଙ୍କୁ ୨୯. ୦୪, ୨୦୨୬ ଦିନ ସାଧାରଣ ବୈଠକ ଡକାଇବାକୁ ନିର୍ଦ୍ଦେଶ ଦେଇଥିଲେ।ଉକ୍ତ ଦିନ ଶ୍ରୀ ସାମନ୍ତରାୟ ଉକ୍ତ ସାଧାରଣ ବୈଠକରେ ଉପସ୍ଥିତ ରହି ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରିଥିଲେ। ସମ୍ପାଦକ ଉକ୍ତ ବୈଠକରେ ଯଦି ଓ ପ୍ରଥମେ ଉପସ୍ଥିତ ଥିଲେ, ବସ୍ତୁତଃ ସମ୍ପୂର୍ଣ୍ଣ ଅସହଯୋଗ ମନୋଭାବ ପ୍ରଦର୍ଶନ କରିବା ପୂର୍ବକ ତୁରନ୍ତ ବୈଠକ ଛାଡି ପ୍ରସ୍ଥାନ କରିଥିଲେ। ଏହାପରେ ସଦସ୍ୟ ଶ୍ରୀ ସାମନ୍ତରାୟଙ୍କ ଉଦ୍ୟମ କ୍ରମେ ଉକ୍ତ ସାଧାରଣ ବୈଠକରେ ସଂଖ୍ୟାଧିକ ସଦସ୍ୟଙ୍କ ଉପସ୍ଥିତିରେ ସର୍ବସମ୍ମତି କ୍ରମେ ଉକ୍ତ ଆସୋସିଏସନର କର୍ମକର୍ତ୍ତାମାନଙ୍କୁ ଚୟନ କରାଯାଇଥିଲା। ଏ ନେଇ ଓଡିଶା ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ସମ୍ପାଦକ ଜେକେ ସାମନ୍ତସିଂହାର ଲିଖିତ ପ୍ରେସ ବିବୃତି ମାଧ୍ୟମରେ ଅଭିଯୋଗ ପୂର୍ବକ ସୂଚନା ଦେଇଛନ୍ତି ।

## କେରଳରେ ସିଗେଲା ସଂକ୍ରମଣରେ ୪ ବର୍ଷର ଶିଶୁ ମୃତ

ତିରୁଅନନ୍ତପୁରମ୍,୭।୬: କେରଳରେ ସିଗେଲା ସଂକ୍ରମଣରେ ଜଣେ ୪ ବର୍ଷର ଶିଶୁର ମୃତ୍ୟୁ ହୋଇଛି। କେରଳ ସ୍ୱାସ୍ଥ୍ୟମନ୍ତ୍ରୀ କେ. ମୁରଲୀଧରନ ରବିବାର କହିଛନ୍ତି ଯେ, କୋଝିକୋଡରେ ସିଗେଲା



ସଂକ୍ରମଣରେ ଚାରି ବର୍ଷର ଶିଶୁର ମୃତ୍ୟୁ ହେବା ପରେ ସରକାର ସର୍ଭେଲାନ୍ସ ଓ ପ୍ରତିଷେଧକ ପଦକ୍ଷେପକୁ ତୀବ୍ର କରିଛନ୍ତି। ଏହା ରାଜ୍ୟରେ ସିଗେଲା ସଂକ୍ରମଣ ରୋଗରେ ପ୍ରଥମ ମୃତ୍ୟୁ ମାମଲା ବୋଲି ରିପୋର୍ଟ ହୋଇଛି। ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ମନ୍ତ୍ରୀ କହିଛନ୍ତି ଯେ, ସଂକ୍ରମଣ ଯୋଗୁଁ ତିନି ଜଣ ପିଲାଙ୍କୁ କୋଝିକୋଡ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଦୁଇଜଣ ସୁସ୍ଥ ହୋଇ ଡିସଚାର୍ଜ ହୋଇଥିବା ବେଳେ, ଥାଲକ୍କୁଲାଥୁରର ଜଣେ ଚାରି ବର୍ଷର ଝିଅ ନିଲାଙ୍କର ଶନିବାର ଏହି ରୋଗରେ ମୃତ୍ୟୁ ହୋଇଛି। ମୁରଲୀଧରନ କହିଛନ୍ତି ଯେ, ସିଗେଲା ଏକ ଜୀବାଣୁ ସଂକ୍ରମଣ ଯାହା ମୁଖ୍ୟତଃ ଅନ୍ତଃନଳୀକୁ ପ୍ରଭାବିତ କରେ ଓ ଡାଇରିଆ, ଜ୍ୱର ଓ ପେଟ ଯନ୍ତ୍ରଣା ଭଳି ଲକ୍ଷଣ ଦେଖାଯାଏ। ସିଗେଲା ସଂକ୍ରମଣ ଦୂଷିତ ଖାଦ୍ୟ ଓ ପାଣି ମାଧ୍ୟମରେ ବ୍ୟାପିଥାଏ। ଗତ ସପ୍ତାହରେ ଆଲାପୁଝା ଓ ପଠାନମଥିଟ୍ଟା ଜିଲ୍ଲାରେ ପ୍ରାୟ ୧୨୩ ଟି ମାମଲା ରିପୋର୍ଟ ହୋଇଥିଲା। ୱାୟନାଡରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପାକସ୍ଥଳୀ ରୋଗର ରିପୋର୍ଟ ନେଇ ଚିନ୍ତା ମଧ୍ୟରେ ମନ୍ତ୍ରୀ କହିଛନ୍ତି ଯେ, ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ, ଏହି ମାମଲାଗୁଡ଼ିକ ସିଗେଲା ସହିତ ଜଡିତ ନୁହେଁ। ସୁଲତାନ ବାଥେରୀ ଅଞ୍ଚଳର ଶିକ୍ଷାନୁଷ୍ଠାନର ପ୍ରାୟ ୧୬୪ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବାନ୍ତି ଓ ଝାଡ଼ା ଭଳି ଲକ୍ଷଣ ଦେଖାଦେଇଥିବା ଜଣାପଡ଼ିଛି। ମନ୍ତ୍ରୀ କହିଛନ୍ତି ଯେ, କୋଝିକୋଡ ମେଡିକାଲ କଲେଜର ଏକ ଡାକ୍ତରୀ ଦଳକୁ ଶନିବାର ସନ୍ଧ୍ୟାରେ ଉକ୍ତ ଅଞ୍ଚଳକୁ ପଠାଯାଇଥିଲା ଓ ବିସ୍ତୃତ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରାଯାଇଥିଲା। ପ୍ରାଥମିକ ରିପୋର୍ଟରୁ ଜଣାପଡିଛି ଯେ ମାମଲାଗୁଡ଼ିକ ସିଗେଲା ସହିତ ଜଡିତ ନୁହେଁ, କିନ୍ତୁ ଅଧିକ ପରୀକ୍ଷା ଚାଲିଛି ଓ ଚୂଡ଼ାନ୍ତ ରିପୋର୍ଟକୁ ଅପେକ୍ଷା କରାଯାଇଛି ବୋଲି ମୁରଲୀଧରନ କହିଛନ୍ତି।

## ଚୀନ ତୁଳନାରେ ଭାରତରେ କମ୍ପାନିଙ୍କୁ କମ୍ ସବସିଡି ମିଳୁଛି: ରିପୋର୍ଟ

ନୂଆଦିଲ୍ଲୀ,୭।୬: ଚୀନ ତୁଳନାରେ ଭାରତରେ କମ୍ପାନିଗୁଡ଼ିକୁ କମ୍ ସବସିଡି ବା ସରକାରୀ ସହାୟତା ମିଳୁଛି। ଅର୍ଥନୈତିକ ସହଯୋଗ ଓ ବିକାଶ ସଂଗଠନ (ଓଇସିଡି) ପକ୍ଷରୁ ପ୍ରକାଶିତ ରିପୋର୍ଟରୁ ଏହା ଜଣାଯାଇଛି। ୨୦୨୫ରୁ ୨୦୨୪ ମସିହା ପର୍ଯ୍ୟନ୍ତ ତଥ୍ୟକୁ ଆଧାର କରି ଓଇସିଡି ଏହି ରିପୋର୍ଟ ପ୍ରସ୍ତୁତ କରିଛି।୨୦୦୫ରୁ ୨୦୨୪ ମଧ୍ୟରେ ଚୀନ କମ୍ପାନିଗୁଡ଼ିକ ଓଇସିଡିର ସଦସ୍ୟ ଦେଶଗୁଡ଼ିକ ତୁଳନାରେ ହାରାହାରି ୩ରୁ ୮ ଗୁଣା ଅଧିକ ସବସିଡି ପାଇଛନ୍ତି। ଏପରିକି ଭାରତ, ବ୍ରାଜିଲ ଏବଂ ଇଣ୍ଡୋନେସିଆ ଭଳି ଅଣ-ଓଇସିଡି ଦେଶ ତୁଳନାରେ ଚୀନ କମ୍ପାନିଗୁଡ଼ିକ ପାଇଥିବା ସବସିଡି ବହୁ ଅଧିକ ବୋଲି ରିପୋର୍ଟରେ କୁହାଯାଇଛି। ମ୍ୟାନୁଫାକଚରିଂ ବା ବିନିର୍ମାଣ କ୍ଷେତ୍ରରେ ଚୀନ ଆଗରେ ରହିବାର ଏହା ଏକ ପ୍ରମୁଖ କାରଣ। ସବସିଡି ପାଇଁ ବିଶ୍ୱରେ ଚୀନ କମ୍ପାନିଙ୍କ ବଜାରଅଂଶ ପ୍ରାୟ ୬୦ ପ୍ରତିଶତ ବଢ଼ିଛି। ସରକାର ସବସିଡି ସଂପର୍କରେ ଯାହା ଘୋଷଣା କରୁଛନ୍ତି ତାହା ନୁହେଁ ବରଂ କମ୍ପାନିଗୁଡ଼ିକ ବାସ୍ତବରେ ଯେତିକି ସବସିଡି ପାଉଛନ୍ତି ତାହାକୁ ଆଧାର କରି ଏହି ରିପୋର୍ଟ ତିଆରି ହୋଇଛି। ୧୫ଟି ପ୍ରମୁଖ କ୍ଷେତ୍ରର ୫୨୫ଟି ବଡ଼ କମ୍ପାନିକୁ ନେଇ ଏହି ଅନୁଧ୍ୟାନ କରାଯାଇଛି।

## ଭାରତର ପ୍ରଜନନ ହାର ନେଇ ଚିନ୍ତା ପ୍ରକଟ କଲେ ମସ୍କ



ନୂଆଦିଲ୍ଲୀ,୭।୬: ଅଧିକ ସନ୍ତାନ ଜନ୍ମ କରିବା ସପକ୍ଷରେ ଲଗାତାର ଭାବେ ଯୁକ୍ତି ବାଢ଼ୁଥିବା ବିଶ୍ୱର ଏକ ନମ୍ବର ଧନୀ ତଥା ଟେସଲାର ମୁଖ୍ୟ ଏଲନ ମସ୍କ ଭାରତରେ ହ୍ରାସ ପାଉଥିବା ପ୍ରଜନନ ହାରକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଜନସଂଖ୍ୟାରେ ସ୍ଥିରତା ବଜାୟ ରଖିବା ସ୍ତରଠାରୁ ପ୍ରଜନନ ହାର ତଳକୁ ଖସିଯାଇଛି। ଶିକ୍ଷିତ ବର୍ଗଙ୍କ ମଧ୍ୟରେ ଏହି ହାର କିଛି ବର୍ଷ ପୂର୍ବରୁ ହ୍ରାସ ପାଇସାରିଲାଣି ବୋଲି ସେ କହିଛନ୍ତି।ସୋସିଆଲ ମିଡିଆ 'ଏକ୍ସ'ରେ ଏଏଫ୍ ପୋଷ୍ଟର ଏକ ପୋଷ୍ଟ ଉପରେ ମତ ଦେଇ ସେ ଏହା ଲେଖିଛନ୍ତି। ସେହି ପୋଷ୍ଟରେ ଭାରତ ସମେତ ବିଭିନ୍ନ ଦେଶ ଓ ଭାରତର କିଛି ରାଜ୍ୟର ପ୍ରଜନନ ହାର ପରିସଂଖ୍ୟାନ ଉପସ୍ଥାପନ କରାଯାଇଛି। ସେଥିରେ ଉଲ୍ଲେଖ କରାଯାଇଛି ଯେ ପ୍ରଥମ ଥର ପାଇଁ ଭାରତରେ ପ୍ରଜନନ ହାର ଜନସଂଖ୍ୟାରେ ସ୍ଥିରତା ବଜାୟ ରଖିବା ହାରଠାରୁ ତଳକୁ ଖସିଯାଇଛି। ଦିଲ୍ଲୀର ପ୍ରଜନନ ହାର ୧.୨ ରହିଛି ଯାହା ଫିନଲ୍ୟାଣ୍ଡଠାରୁ ମଧ୍ୟ କମ୍। ଜନସଂଖ୍ୟାରେ ସ୍ଥିରତା ବଜାୟ ରଖିବା ହାରକୁ ପ୍ରତି ମହିଳାଙ୍କ ପିଛା ୨.୧ଟି ସନ୍ତାନ ବୋଲି ଧାର୍ଯ୍ୟ କରାଯାଇଛି। ସଦ୍ୟତମ ତଥ୍ୟ ଅନୁସାରେ ଭାରତର ଅଧିକାଂଶ ରାଜ୍ୟର ପ୍ରଜନନ ହାର ଏହି ସ୍ତରଠାରୁ ତଳକୁ ଖସିଯାଇଛି।

## କକ୍ରୋଚ ପରେ 'ପିମ୍ପୁଡ଼ି ଜନତା ପାର୍ଟି' ଗଠନ

ମେରଠ,୭।୬: ମେରଠରେ ଏକ ନୂଆ ରାଜନୈତିକ ଦଳ ଗଠନ ଘୋଷଣା କରାଯାଇଛି। ପୂର୍ବତନ ଭାଜପା ନେତା ଅନୁପ ରାଘବ 'ଚିଣ୍ଟି ଜନତା ପାର୍ଟି' ନାମରେ ଏକ ସଂଗଠନ ଆରମ୍ଭ କରିଛନ୍ତି। ସେ ଦାବି କରିଛନ୍ତି ଯେ ଦଳ ସାଧାରଣ ଲୋକଙ୍କ ସମସ୍ୟାକୁ ପ୍ରମୁଖ ଭାବରେ ଉଜାଗର କରିବ ଏବଂ ତୃଣମୂଳ ସ୍ତରର ସମସ୍ୟାର ସମାଧାନ କରିବ। ଦଳର ପ୍ରତିଷ୍ଠାତା ଅନୁପ ରାଘବ କହିଛନ୍ତି ଯେ ପିମ୍ପୁଡ଼ିକୁ କଠିନ ପରିଶ୍ରମ, ଶୃଙ୍ଖଳା, ଏକତା ଏବଂ ନିରନ୍ତର ସଂଘର୍ଷର ପ୍ରତୀକ ଭାବରେ ବିବେଚନା କରାଯାଏ। ଏହି ଧାରଣା ଦ୍ୱାରା ଅନୁପ୍ରାଣିତ ହୋଇ, ଦଳକୁ 'ଚିଣ୍ଟି ଜନତା ପାର୍ଟି' ନାମ ଦିଆଯାଇଛି।

# ଅମ୍ବାନୀଙ୍କୁ ପଛରେ ପକାଇଲେ ଆଦାନୀ

ନୂଆଦିଲ୍ଲୀ,୭।୬: ଫୋର୍ବସର ରିଅଲ-ଟାଇମ୍ ବିଲିୟନେୟର୍ସ ଲିଷ୍ଟ ଅନୁଯାୟୀ, ଆଦାନୀ ଗ୍ରୁପ୍ ଅଧ୍ୟକ୍ଷ ଗୌତମ ଆଦାନୀଙ୍କ ସମ୍ପତ୍ତି ବୃଦ୍ଧି ପାଇ ୮୯.୨ ବିଲିୟନ ଡଲାର ହୋଇଛି । ଫଳରେ ସେ ପୁଣି ଥରେ ଏସିଆର ସବୁଠାରୁ ଧନୀ ବ୍ୟକ୍ତି ହୋଇଛନ୍ତି । ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ମୁକେଶ ଅମ୍ବାନୀ (୮୮ ବିଲିୟନ ଡଲାର) ଏବଂ ସଫ୍ଟବ୍ୟାଙ୍କ ମାସାୟୋସି ସନ୍ (୮୭ ବିଲିୟନ ଡଲାର)ଙ୍କୁ ଗୌତମ ଆଦାନୀ ପଛରେ ପକାଇଛନ୍ତି । ଗୌତମ ଆଦାନୀଙ୍କ ଆଦାନୀ ଗ୍ରୁପ୍ ଅଧୀନରେ ଥିବା କମ୍ପାନୀଗୁଡ଼ିକରେ ବ୍ୟାପକ ଷ୍ଟକ୍ ବୃଦ୍ଧି ପରେ ତାଙ୍କର ନେଟ୍ ସମ୍ପତ୍ତିରେ ବୃଦ୍ଧି ଘଟିଛି, ଯେଉଁଥିରେ ଆଦାନୀ ପାୱାର (୧.୧ ପ୍ରତିଶତ), ଆଦାନୀ ପୋର୍ଟସ୍ (୧.୯ ପ୍ରତିଶତ), ଆଦାନୀ ଏଣ୍ଟରପ୍ରାଇଜେସ୍ (୨.୩ ପ୍ରତିଶତ), ଆଦାନୀ ଗ୍ରୀନ୍ ଏନର୍ଜି (୬.୯ ପ୍ରତିଶତ) ଏବଂ ଆଦାନୀ ଏନର୍ଜି ସଲ୍ୟୁସନ୍ସ (୩.୮ ପ୍ରତିଶତ) ଅନ୍ତର୍ଭୁକ୍ତ । ଶୁକ୍ରବାର ସୁଦ୍ଧା ଆଦାନୀ ଗ୍ରୁପର ଛଅଟି କମ୍ପାନୀର ମିଳିତ ବଜାର ମୂଲ୍ୟ ପ୍ରାୟ ୧୯୧ ବିଲିୟନ ଡଲାର ଥିଲା । ଏଥିରେ ଆଦାନୀ ପାୱାର ୪୭.୨ ବିଲିୟନ ଡଲାର, ଆଦାନୀ ପୋର୍ଟସ୍ (୪୪.୨ ବିଲିୟନ ଡଲାର), ଆଦାନୀ ଏଣ୍ଟରପ୍ରାଇଜେସ୍ (୪୪ ବିଲିୟନ ଡଲାର), ଆଦାନୀ ଗ୍ରୀନ୍ ଏନର୍ଜି (୨୬.୪ ବିଲିୟନ ଡଲାର), ଆଦାନୀ ଏନର୍ଜି ସଲ୍ୟୁସନ୍ସ (୧୯.୯ ବିଲିୟନ ଡଲାର) ଏବଂ ଆଦାନୀ ଟୋଟାଲ୍ ଗ୍ୟାସ୍ (୮.୮ ବିଲିୟନ ଡଲାର) ଅନ୍ତର୍ଭୁକ୍ତ । ଫୋର୍ବସ୍ ରିପୋର୍ଟରେ କୁହାଯାଇଛି ଯେ, ଗତ ମାସରେ ଆଦାନୀ ଗ୍ରୁପ୍ ବିରୋଧରେ ଠକେଇ ଅଭିଯୋଗକୁ ନ୍ୟାୟ ବିଭାଗ ଖାରଜ



କରିବା ପରେ ଗୌତମ ଆଦାନୀଙ୍କ ସମ୍ପତ୍ତି ପ୍ରାୟ ୧୦ ବିଲିୟନ ଡଲାର ବୃଦ୍ଧି ପାଇଛି । ସୌରଶକ୍ତି ଯୋଗାଣ ଚୁକ୍ତିନାମା ପାଇଁ ଏହି ଗ୍ରୁପ୍ ୨୫୦ ନିୟୁତ ଡଲାର ଲାଞ୍ଚ ଯୋଜନାରେ ସାମିଲ ଥିଲା ବୋଲି ଅଭିଯୋଗ ହୋଇଥିଲା । ଆଦାନୀ ଏବଂ ତାଙ୍କ ସହ-କାର୍ଯ୍ୟନିର୍ବାହୀମାନେ ଏହି ଦାବିକୁ ଅସ୍ୱୀକାର କରିଛନ୍ତି। ଆମେରିକାର ସର୍ଟ-ସେଲର୍ ହିଣ୍ଡେନବର୍ଗ ରିସର୍ଚ୍ଚ ୨୦୨୩ ମସିହାରେ ଆଦାନୀଙ୍କୁ ଷ୍ଟକ୍ ହେରଫେର ଏବଂ ବ୍ୟାପକ ଠକେଇର ଅଭିଯୋଗ କରିଥିଲା ।

## ଇଣ୍ଡି ମେଣ୍ଟର 'ଜନବନ୍ଧନ' ବୈଠକରେ ସାମିଲ ହେବେ ୨୩ ବିରୋଧୀ ଦଳ

ନୂଆଦିଲ୍ଲୀ,୭।୬: ୨୦୨୯ ଲୋକସଭା ନିର୍ବାଚନ ପାଇଁ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଛି ବିରୋଧୀ ଇଣ୍ଡି ମେଣ୍ଟ। ଆସନ୍ତାକାଲି ମଧ୍ୟାହ୍ନ ୧୨ଟାରେ ନୂଆଦିଲ୍ଲୀର କନ୍‌ଷ୍ଟିଚ୍ୟୁସନ କ୍ଲବଠାରେ ମେଣ୍ଟର ଏକ ଗୁରୁତ୍ୱପୂର୍ଣ୍ଣ 'ଜନବନ୍ଧନ' ବୈଠକ ଅନୁଷ୍ଠିତ ହେବ। କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏହି ସୂଚନା ଦେଇ କହିଛନ୍ତି ଯେ ଏହି ବୈଠକରେ ୨୩ଟି ଆଞ୍ଚଳିକ ଓ ଜାତୀୟ ରାଜନୈତିକ ଦଳ ଯୋଗଦେବେ। ତୃଣମୂଳ କଂଗ୍ରେସ ସାଂସଦ ଡେରେକ ଓବ୍ରାଏନ ମଧ୍ୟ ଏହି ପ୍ରୟାସକୁ ସମର୍ଥନ କରି ଏହା ଏକ ସ୍ୱଷ୍ଟ ସଂକଳ୍ପର ବୈଠକ ବୋଲି କହିଛନ୍ତି। ଏହି ରଣନୀତିକ ବୈଠକର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିଭିନ୍ନ ଜାତୀୟ ପ୍ରସଙ୍ଗରେ ମୋଦି ସରକାରଙ୍କୁ ଘେରିବା ପାଇଁ ଏକ ମିଳିତ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିବା। ବିଶେଷ କରି ଦେଶରେ ବଢୁଥିବା ଦରଦାମ ବୃଦ୍ଧି, ବେକାରୀ, ଅର୍ଥନୈତିକ ସଙ୍କଟ ଏବଂ ବୈଦେଶିକ ନୀତିର ବିଫଳତା ନେଇ ଆନ୍ଦୋଳନ ତେଜିବାକୁ ଯୋଜନା ରହିଛି। ଜୟରାମ ରମେଶ ଅଭିଯୋଗ କରିଛନ୍ତି ଯେ ବର୍ତ୍ତମାନର ସରକାର ଦେଶର ସମ୍ବିଧାନ, ନାଗରିକଙ୍କ ଭୋଟ୍ ଅଧିକାର ଏବଂ ବିରୋଧୀ ନେତାଙ୍କ ଉପରେ କ୍ରମାଗତ ଆକ୍ରମଣ କରୁଛନ୍ତି।

## ଇସ୍ରାଏଲର ପାଲଟା ଆକ୍ରମଣ; ହିଜବୋଲାର କମାଣ୍ଡ ସେଣ୍ଟର ଧ୍ୱଂସ

ଜେରୁଜେଲମ, ୭।୬: ଇସ୍ରାଏଲ ଏବଂ ଲେବାନନ ମଧ୍ୟରେ ଚାଲିଥିବା ସଂଘର୍ଷ ଏବଂ ଉତ୍ତେଜନା ମଧ୍ୟରେ, ରବିବାର ଏକ ନୂତନ ଘଟଣା ସାମ୍ନାକୁ ଆସିଛି । ଇସ୍ରାଏଲୀ ସେନା ଲେବାନନ ରାଜଧାନୀ ବେରୁତର ଦକ୍ଷିଣ ଉପକଣ୍ଠରେ ଅବସ୍ଥିତ ଆତଙ୍କବାଦୀ ଲକ୍ଷ୍ୟସ୍ଥଳ ଉପରେ ଆକ୍ରମଣ କରିଛି । ଇସ୍ରାଏଲୀ ସେନା ଦ୍ୱାରା ଟାର୍ଗେଟ କରାଯାଇଥିବା ଅଞ୍ଚଳକୁ ହିଜବୋଲାର ଗଡ଼ ବୋଲି ବିବେଚନା କରାଯାଏ ଏବଂ ଏହାକୁ ଦହିୟେହ ଭାବରେ ଜଣାଶୁଣା। ଉଲ୍ଲେଖଯୋଗ୍ୟ, ଏପ୍ରିଲ ୧୬ରେ ଆମେରିକା ମଧ୍ୟସ୍ଥତାରେ ଯୁଦ୍ଧବିରତି କାର୍ଯ୍ୟକାରୀ ହେବା ପରେ ଏହା ବେରୁତର ଦକ୍ଷିଣ ଉପକଣ୍ଠରେ ପ୍ରଥମ ଆକ୍ରମଣ।ଏହି ଆକ୍ରମଣ ସମ୍ପର୍କରେ ଏକ ମିଳିତ ବିବୃତ୍ତିରେ, ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏବଂ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ୍ କାଟ୍ଜ କହିଛନ୍ତି ଯେ ଉତ୍ତର ଇସ୍ରାଏଲରେ ହିଜବୋଲା ଦ୍ୱାରା ଆରମ୍ଭ କରାଯାଇଥିବା ଗୁଳିଚାଳନା ଜବାବରେ ଏହି ଆକ୍ରମଣ କରାଯାଇଥିଲା। ତଥାପି, ଏହି ଆକ୍ରମଣ ଏପରି ସମୟରେ ହୋଇଛି ଯେତେବେଳେ ଇସ୍ରାଏଲ ଏବଂ ଲେବାନନ ମଧ୍ୟରେ ଆମେରିକା ମଧ୍ୟସ୍ଥତାରେ ହୋଇଥିବା ଦୁର୍ବଳ ଯୁଦ୍ଧବିରତି କେବଳ ଦିନ ପୂର୍ବରୁ କାର୍ଯ୍ୟକାରୀ ହୋଇଥିଲା। ଏହି ସମୟରେ, ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ସରକାରୀ ବିବୃତ୍ତି ଜାରି କରିଛି। କୁହାଯାଇଛି ଯେ, "ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ଏବଂ ପ୍ରତିରକ୍ଷା ମନ୍ତ୍ରୀ କାଟଜ୍ ଙ୍କ ନିର୍ଦ୍ଦେଶ ଅନୁଯାୟୀ, ଇସ୍ରାଏଲ ପ୍ରତିରକ୍ଷା ବାହିନୀ (ଆଇଡିଏଫ) ବେରୁତର ଦହିୟେହ ଅଞ୍ଚଳରେ ଅବସ୍ଥିତ ଏକ ଆତଙ୍କବାଦୀ କମାଣ୍ଡ ସେଣ୍ଟର ଉପରେ ଆକ୍ରମଣ କରିଛି। ଇସ୍ରାଏଲୀ ଅଞ୍ଚଳ ଆଡ଼କୁ ହିଜବୋଲାର ଗୁଳିମାଡ଼ର ଜବାବରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି।" ଲେବାନନରେ ଏହି ଇସ୍ରାଏଲୀ ଆକ୍ରମଣ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନେତନ୍ୟାହୁଙ୍କୁ ବେରୁତର ଦକ୍ଷିଣ ଉପନଗରୀରେ ଆକ୍ରମଣ କରିବା ବିରୁଦ୍ଧରେ ଚେତାବନୀ ଦେବାର କିଛି ଦିନ ପରେ ହୋଇଥିଲା। ଲେବାନନର ସରକାରୀ ସମାଚାର ଏଜେନ୍ସି ଅନୁଯାୟୀ, ଇସ୍ରାଏଲୀ ଆକ୍ରମଣ ବେରୁତର ଦକ୍ଷିଣ ଉପନଗରୀ ମଧ୍ୟରେ ଦୁଇଟି ପୃଥକ କୋଠାରେ ଅବସ୍ଥିତ ଦୁଇଟି ଆପାର୍ଟମେଣ୍ଟକୁ ଟାର୍ଗେଟ କରିଥିଲା।

## ସିବିଏସଇ ଦୁର୍ନୀତି ପ୍ରସଙ୍ଗ ସାର୍ଥକଙ୍କୁ ପ୍ରଶଂସା କରି ଧର୍ମେନ୍ଦ୍ରଙ୍କ ଇସ୍ତଫା ଦାବି କଲେ ରାହୁଲ



ନୂଆଦିଲ୍ଲୀ,୭।୬: କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ)ର ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଖାତା ମୂଲ୍ୟାୟନ ପାଇଁ ଲାଗୁ ହୋଇଥିବା ଅନ୍-ସ୍କ୍ରିନ୍ ମାର୍କିଂ ସିଷ୍ଟମ୍ (ଓଏସଏମ୍) ଓ ଏହାର ଟେଣ୍ଡର ପ୍ରକ୍ରିୟାରେ 'କୋଏମ୍ପଟ୍' କମ୍ପାନୀ ସହ ହୋଇଥିବା ମଧୁଚନ୍ଦ୍ରିକାକୁ ପଦାରେ ପକାଇଥିବା ୧୮ ବର୍ଷୀୟ ହୁଇସିଲ୍ ବ୍ଲୋଅର୍ ଛାତ୍ର ସାର୍ଥକ ସିଦ୍ଧାନ୍ତ ଓ ତାଙ୍କ ସହଯୋଗୀ ନିସର୍ଗ ଅଧିକାରୀଙ୍କୁ ରବିବାର ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଭୂୟସୀ ପ୍ରଶଂସା କରିବା ସହ ଏହି ଘଟଣାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସିଧାସଳଖ ବହିଷ୍କାର ଏବଂ ଏକ ସ୍ୱତନ୍ତ୍ର ନ୍ୟାୟିକ ତଦନ୍ତ ପାଇଁ ଦୃଢ଼ ଦାବି କରିଛନ୍ତି। ସାର୍ଥକଙ୍କ ସହ ନିଜର ସାକ୍ଷାତକାର ଭିଡିଓ ସୋସିଆଲ ମିଡିଆ ଏକ୍ସରେ ସେୟାର କରି ରାହୁଲ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ଯୁବପିଢ଼ିଙ୍କୁ କେବଳ 'ରିଲ୍ସ ବନାଇବା ଓ ପକୋଡ଼ା ଛାଣିବା' କାର୍ଯ୍ୟରେ ବ୍ୟସ୍ତ ରଖିବାକୁ ଚାହୁଁଥିବା ବେଳେ, ଏହି ଦୁଇ ଛାତ୍ର ପ୍ରଶ୍ନ ପଚାରି ଦେଶର ବଡ଼ ବଡ଼ ଗଣମାଧ୍ୟମ ଓ ସିବିଆଇ ଠାରୁ ବି ଅଧିକ ଦ୍ରୁତ ଗତିରେ ସରକାରଙ୍କ ଦୁର୍ନୀତିକୁ ପଦାରେ ପକାଇ ଦେଇଛନ୍ତି, ଯାହା ପ୍ରକୃତ ଅର୍ଥରେ ସରକାରଙ୍କ ଏକ ବଡ଼ ପରାଜୟ। ବାସ୍ତବରେ, ସିବିଏସ୍ଇ ପକ୍ଷରୁ ପାରମ୍ପରିକ ଖାତା ଦେଖା ବଦଳରେ ଆରମ୍ଭ ହୋଇଥିବା ଏହି ଡିଜିଟାଲ୍ 'ଓଏସଏମ୍' ବ୍ୟବସ୍ଥାକୁ ନେଇ ସେତେବେଳେ ବିବାଦ ତେଜିଥିଲା, ଯେତେବେଳେ ଅନେକ ଛାତ୍ରଛାତ୍ରୀ ସେମାନଙ୍କ ଅନଲାଇନ୍ ସ୍କାନ୍ ହୋଇଥିବା ଉତ୍ତରଖାତାର ହାତଲେଖା ମେଳ ଖାଉନଥିବା ନେଇ ଅଭିଯୋଗ କରିଥିଲେ।

## ଶାଢି ବଣ୍ଡଲ ତଳେ ଲୁଚିଥିବା ଟିଏମସି ନେତା ଗିରଫ



କୋଲକତା,୭।୬ : ପଶ୍ଚିମବଙ୍ଗ ହାୱଡାରେ ଟିଏମସି ନେତାଙ୍କୁ ଗିରଫ କରିଛି ପୋଲିସ । ଗିରଫ କରିବା ବେଳର ଭିଡିଓ ସୋସିଆଲ ମିଡିଆରେ ଭାଇରଲ ହେବାରେ ଲାଗିଛି । ପୋଲିସକୁ ଚକମା ଦେବାକୁ ଟିଏମସି ନେତା ଏକ କପଡା ଦୋକାନର ଷ୍ଟୋରରୁମରେ ଶାଢି ବିଡା ଗଦା ତଳେ ଲୁଚିଥିଲେ । କିନ୍ତୁ ପୋଲିସ ନଜରରୁ ବର୍ତ୍ତିପାରିନଥିଲେ । ପୋଲିସ ଶାଢି ବଣ୍ଡଲ ହଟାଇ ନେତାଙ୍କୁ ଗିରଫ କରିଛି । ଏହି ଘଟଣା ହାୱଡାର ଉଦୟନାରାୟଣପୁର ଥାନା ଅର୍ନ୍ତଗତ ବିଳାସପୁର ଅଞ୍ଚଳର ବୋଲି ଜଣାପଡିଛି ।ଗିରଫ ହୋଇଥିବା ଟିଏମସି ନେତା ହେଉଛନ୍ତି ବ୍ରହ୍ମାନନ୍ଦ ଚକ୍ରବର୍ତ୍ତୀ । ସେ ସରକାରୀ ଆବାସ ଯୋଜନା ଦୁର୍ନୀତି କରିଥିବା ଅଭିଯୋଗ ରହିଥିଲେ । ଅଭିଯୋଗ ପରେ ପୋଲିସ ବ୍ରହ୍ମାନନ୍ଦଙ୍କ ତଲାସୀ କରୁଥିଲା । ଗିରଫଦାରୀରୁ ବଞ୍ଚିବା ପାଇଁ ବ୍ରହ୍ମାନନ୍ଦ ଏକ ଶାଢି ଦୋକାନର ସିଡିରେ ଥିବା ଶାଢି ଗଦା ଭିତରେ ଲୁଚି ରହିଥିଲେ । ପୋଲିସ ଏସବୁ ଶାଢି ବଣ୍ଡେଲ ହଟାଇ ତାଙ୍କୁ ଗିରଫ କରିଛି । ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରଲ ହେଉଛି । ବ୍ରହ୍ମାନନ୍ଦ ଚକ୍ରବର୍ତ୍ତୀ ୨୦୨୧ରେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପରେ ରାଜନୈତିକ ହିଂସା ସହିତ ଜଡିତ ଥିବା ଅଭିଯୋଗ ହୋଇଥିଲା ।ପୋଲିସ ଏହି ମାମଲାରେ ତାଙ୍କୁ ଖୋଜୁଥିଲା । ପୋଲିସ କହିବା ମୁତାବକ, ସ୍ଥାନୀୟ ଲୋକଙ୍କ ଅଭିଯୋଗ ଆଧାରରେ ବ୍ରହ୍ମାନନ୍ଦ ଚକ୍ରବର୍ତ୍ତୀଙ୍କ ବିରୋଧରେ ଲାଞ୍ଚ ନେଉଥିବା ଅଭିଯୋଗକୁ ନେଇ ଯାଞ୍ଚ ଜାରି ରହିଥିଲା ।

## ଆନ୍ନାମଲାଇଙ୍କ ନୂଆ ଆନ୍ଦୋଳନ, ଯୋଡ଼ିହେଲେ ୧୫ ଲକ୍ଷ ଲୋକ


ଚେନ୍ନାଇ,୭।୬: ଭାରତୀୟ ଜନତା ପାର୍ଟିରୁ ଇସ୍ତଫା ଦେବାର ମାତ୍ର କିଛି ଦିନ ମଧ୍ୟରେ କେ. ଆନ୍ନାମଲାଇ ତାମିଲନାଡୁ ରାଜନୀତିରେ ଏକ ବଡ଼ ବିପ୍ଳବ ସୃଷ୍ଟି କରିଛନ୍ତି। ସେ ରାଜ୍ୟରେ ଏକ ସମ୍ପୂର୍ଣ୍ଣ ନୂତନ ରାଜନୈତିକ ଆନ୍ଦୋଳନର ଶୁଭାରମ୍ଭ କରିଛନ୍ତି, ଯାହାର ନାମ ରଖାଯାଇଛି 'ୱି ଦି ଲିଡର' । ଏହି ଆନ୍ଦୋଳନ ଭାରତର ପୂର୍ବତନ ରାଷ୍ଟ୍ରପତି ତଥା ମିସାଇଲ ମ୍ୟାନ ଡକ୍ଟର ଏପିଜେ ଅବଦୁଲ କଲାମଙ୍କ ବିଚାରଧାରା ଉପରେ ଆଧାରିତ। ଏହି ଅଭିଯାନ ଆରମ୍ଭ ହେବାର ମାତ୍ର କେଇ ଘଣ୍ଟା ମଧ୍ୟରେ ୧୫ ଲକ୍ଷରୁ ଅଧିକ ଲୋକ ଏଥିରେ ସାମିଲ ହୋଇ ଏକ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। ଏହା ସହିତ ଆନ୍ନାମଲାଇ କୋଏମ୍ବାଟୁରଠାରେ 'କଲାମ ସେଣ୍ଟର ଫର ଏଥିକ୍ସ ଆଣ୍ଡ ପଲିଟିକ୍ସ' ନାମକ ଏକ ପ୍ରଶିକ୍ଷଣ ଓ ଗବେଷଣା ପ୍ରତିଷ୍ଠାନ ସ୍ଥାପନ କରିବାକୁ ମଧ୍ୟ ଘୋଷଣା କରିଛନ୍ତି।

## କିମ୍ ଜଙ୍ଗ ଉନ୍ ବିଶ୍ୱକୁ ଦେଖାଇଲେ ପରମାଣୁ କାରଖାନା



ନୂଆଦିଲ୍ଲୀ,୭।୬: ଉତ୍ତର କୋରିଆର ଏକଛତ୍ରବାଦୀ ଶାସକ କିମ୍ ଜଙ୍ଗ ଉନ୍ ପୁଣିଥରେ ତାଙ୍କର ସାମରିକ ଶକ୍ତି ପ୍ରଦର୍ଶନ କରି ବିଶ୍ୱକୁ ଖୋଲାଖୋଲି ଚ୍ୟାଲେଞ୍ଜ କରିଛନ୍ତି। କିମ୍ ଜଙ୍ଗ ଉନ୍ ଏକ କ୍ଷେପଣାସ୍ତ୍ର ନିର୍ମାଣ କାରଖାନା ପରିଦର୍ଶନ କରୁଥିବା ବେଳେ, ସରକାରରେ ପ୍ରଭାବଶାଳୀଥିବା ତାଙ୍କ ଭଉଣୀ କିମ୍ ୟୋ ଜଙ୍ଗ ସ୍ୱଷ୍ଟ ଭାବରେ କହିଛନ୍ତି ଯେ, ପରମାଣୁ ଅସ୍ତ୍ରଶସ୍ତ୍ର ନଷ୍ଟ କରିବାର ପ୍ରଶ୍ନ ଉଠୁନାହିଁ। ଉତ୍ତର କୋରିଆର ସରକାରୀ ଗଣମାଧ୍ୟମ ସଂସ୍ଥା, କେସିଏନ୍ଏ କିମ୍ ଜଙ୍ଗ ଉନ୍ ଅଧିକାରୀଙ୍କ ସହିତ ଏକ କ୍ଷେପଣାସ୍ତ୍ର ଉତ୍ପାଦନ କେନ୍ଦ୍ର ଯାଞ୍ଚ କରୁଥିବାର ଫଟୋ ପ୍ରକାଶ କରିଛି। ଫଟୋଗୁଡ଼ିକରେ କିମ୍ ବଡ଼ ବଡ଼ କ୍ଷେପଣାସ୍ତ୍ର ମଧ୍ୟରେ ବୁଲୁଥିବାର ଦେଖାଯାଇଛି, ଯଦିଓ ସୁରକ୍ଷା କାରଣରୁ ସ୍ଥାନର ନାମ ପ୍ରକାଶ କରାଯାଇ ନାହିଁ।ଗସ୍ତ ସମୟରେ, କିମ୍ ଜଙ୍ଗ ଉନ୍ ଦେଶର କ୍ଷେପଣାସ୍ତ୍ର କ୍ଷମତାକୁ ଦ୍ୱିଗୁଣିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କ୍ଷେପଣାସ୍ତ୍ର ପ୍ରଶାସନର ଦୀର୍ଘକାଳୀନ ଯୋଜନା ରିପୋର୍ଟ ସମୀକ୍ଷା କରିବା ପରେ, ସେ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ।

## ସଂପତ୍ତି ପାଇଁ ଡିୟୁ ଆସିଷ୍ଟାଣ୍ଟ ପ୍ରଫେସରଙ୍କୁ ହତ୍ୟା: ୨ ଗିରଫ



ନୂଆଦିଲ୍ଲୀ,୭।୬: ଦିଲ୍ଲୀ ନ୍ୟୁ ଅଶୋକ ନଗର ଅଞ୍ଚଳରେ ଦିଲ୍ଲୀ ୟୁନିଭରସିଟିର ଜଣେ ମହିଳା ଆସିଷ୍ଟାଣ୍ଟ ପ୍ରଫେସର ହତ୍ୟା ମାମଲାରେ ପୋଲିସ ବଡ଼ ଖୁଲାସା କରିଛି । ଏହି ହତ୍ୟାକାଣ୍ଡ ସହିତ ଜଡିତ ଜଣେ ମହିଳା ଏବଂ ପୁରୁଷକୁ ପୋଲିସ ଗିରଫ କରିଛି । ହତ୍ୟା ପଛର କାରଣ ସଂପତ୍ତି ବିବାଦ ପ୍ରମୁଖ କାରଣ ବୋଲି ପୋଲିସ କହିଛି। ଖବର ମୁତାବକ, ଡିୟୁ ପ୍ରଫେସର ହତ୍ୟା ପରେ ଦିଲ୍ଲୀ ପୋଲିସ ମାମଲାକୁ ଗମ୍ଭୀରତାର ସହ ନେଇ ଏକ ଟିମ୍ ଗଠନ କରିଥିଲା । ଏହି ଟିମ୍ ୪ ଟି ରାଜ୍ୟରେ ତଲାସୀ କରିଥିଲା । ହତ୍ୟା ମାମଲା ତୁଟାଇବା ପାଇଁ ପ୍ରାୟ ୨୦୦ରୁ ଅଧିକ ଲୋକଙ୍କୁ ରାଡାରରେ ରଖିଥିଲା । ପୋଲିସ ଲଗାତାର ଅଭିଯୁକ୍ତକୁ ଖୋଜିବା ପାଇଁ ସିସିଟିଭି ଫୁଟେଜ ଯାଞ୍ଚ କରୁଥିଲା । ଯାଞ୍ଚ ସମୟରେ ପୋଲିସକୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଆଧାରରେ ପୋଲିସ ଅଭିଯୁକ୍ତକୁ ଧରିବା ପାଇଁ ସଫଳ ହୋଇଥିଲା । ଦିଲ୍ଲୀ ପୋଲିସ ଟିମ ପଶ୍ଚିମବଙ୍ଗର ବର୍ଦ୍ଧମାନ ଜିଲ୍ଲାରେ ଚଢାଉ କରି ଦୁଇ ଅଭିଯୁକ୍ତକୁ ଗିରଫ କରିଥିଲା । ପୋଲିସ ଅଧିକାରୀଙ୍କ ମୁତାବକ, ଗିରଫଦାରୀରୁ ବଞ୍ଚିବା ପାଇଁ ଏବଂ ଲୋକଙ୍କ ସନ୍ଦେହ ଦୂର କରିବା ପାଇଁ ଅଭିଯୁକ୍ତ ନିଜ ସାଥିରେ ଜଣେ ପିଲାକୁ ନେଇ ଆସିଥିଲେ। ତେବେ ପ୍ରାରମ୍ଭିକ ଯାଞ୍ଚରୁ ଜଣାପଡିଥିଲା କି, ମୃତକ ପ୍ରଫେସର ଏବଂ ଅଭିଯୁକ୍ତଙ୍କ ମଧ୍ୟରେ ସଂପତ୍ତିକୁ ନେଇ ବିବାଦ ଚାଲୁଥିଲା । ଏହି ବିବାଦ ପରେ ଗମ୍ଭୀର ରୂପ ନେଇ ହତ୍ୟାରେ ପରିଣତ ହୋଇଥିଲା । ଏହି ମାମଲାରେ ଆଉ କିଏ ସଂପୃକ୍ତି ରହିଛି ଏବଂ କେବେ ହତ୍ୟା ପାଇଁ ଷଡଯନ୍ତ୍ର ରଚାଯାଇଥିଲା, ତାହାର ତଦନ୍ତ କରୁଛି ପୋଲିସ । ପୋଲିସ ପଶ୍ଚିମବଙ୍ଗରୁ ଗିରଫ କରିଥିବା ୨ ଜଣ ଦିଲ୍ଲୀରେ ପହଞ୍ଚିବା ପରେ କୋର୍ଟରେ ହାଜର କରାଯିବ ।

## ନାବାଳିକା ଦୁଷ୍କର୍ମ ଓ ହତ୍ୟାକାରୀଙ୍କୁ ୫ ଦିନରେ ମୃତ୍ୟୁ ଦଣ୍ଡାଦେଶ

ଢାକା,୭।୬: ବାଂଲାଦେଶର ଏକ କୋର୍ଟ ରବିବାର ୮ବର୍ଷ ବୟସ୍କା ନାବାଳିକା ପ୍ରତି ଦୁଷ୍କର୍ମ ଓ ହତ୍ୟା ମାମଲାରେ ଏକ ଦମ୍ପତ୍ତିଙ୍କୁ ମୃତ୍ୟୁଦଣ୍ଡାଦେଶ କରିଛନ୍ତି। ସରକାରୀ ଓକିଲଙ୍କ ଅନୁସାରେ ଏହା ଦେଶର ବିଚାରବିଭାଗୀୟ ଇତିହାସରେ ସବୁଠୁ ଦ୍ରୁତ ମର୍ଡର ଟ୍ରାୟଲ ଥିଲା। ଏଥିରେ କୋର୍ଟ ମାତ୍ର ୫ ଦିନ ଶୁଣାଣି ପରେ ରାୟ ଘୋଷଣା କରିଛନ୍ତି। ଢାକା ମେଟ୍ରୋପାଲିଟନ ଚାଇଲ୍ଡ ରିପ୍ରେସନ ପ୍ରିଭେନସନ ଟ୍ରିବ୍ୟୁନାଲ ମାମଲାର ୧୯ ଦିନ ପରେ ଏହି ଦଣ୍ଡାଦେଶ କରିଛନ୍ତି।

## ଟ୍ରମ୍ପଙ୍କ ସହ ବୈଠକକୁ ମନା କଲା ଇରାନ

# ବାସ୍ତବ ଦୁନିଆରେ ବଞ୍ଚିବା ଉଚିତ: ଇରାନ ବୈଦେଶିକ ମନ୍ତ୍ରୀ

ନୂଆଦିଲ୍ଲୀ,୭।୬: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇରାନର ନୂତନ ସର୍ବୋଚ୍ଚ ନେତା ମୋଜତାବା ଖେମିନିଙ୍କ ମଧ୍ୟରେ ଆଗାମୀ ଦିନରେ ଏକ ସାକ୍ଷାତକାର ହେବା ନେଇ ୱାଶିଂଟନ ପକ୍ଷରୁ କରାଯାଉଥିବା ଦାବିକୁ ଶେଷରେ ଇରାନ ବୈଦେଶିକ ମନ୍ତ୍ରୀ ଆବାସ ଆରାଗଚି ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିବା ସହ ଦୁଇ ଦେଶ ମଧ୍ୟରେ ଜାରି ରହିଥିବା ଉତ୍ତେଜନା ଭିତରେ ଏଭଳି ଆଶା ରଖିବା ସମ୍ପୂର୍ଣ୍ଣ ''ଅବାସ୍ତବ'' ଓ କାଳ୍ପନିକ ବୋଲି କହିଛନ୍ତି। ଲେବାନନର ପ୍ରସିଦ୍ଧ ଗଣମାଧ୍ୟମ ''ଅଲ୍ ମାୟାଦିନ'' କୁ ଦେଇଥିବା ଏକ ସାକ୍ଷାତକାରରେ ଆରାଗଚି କହିଛନ୍ତି ଯେ ଟ୍ରମ୍ପ ବାସ୍ତବ ଦୁନିଆରେ ଭାବିବା ଓ ବଞ୍ଚିବା ଉଚିତ୍, କାରଣ ଦୁଇ ଦେଶ ମଧ୍ୟରେ କୌଣସି ଉଚ୍ଚସ୍ତରୀୟ ବୈଠକ ପାଇଁ କୌଣସି ନିଷ୍ପତ୍ତି ହୋଇନାହିଁ। ଚଳିତ ସପ୍ତାହ ପ୍ରାରମ୍ଭରେ ଟ୍ରମ୍ପ ଦାବି କରିଥିଲେ ଯେ ସେ ଆଗାମୀ ଦିନରେ ଇରାନର ଶୀର୍ଷ ନେତୃତ୍ୱଙ୍କ ସହ ଆଲୋଚନା କରିବାକୁ ଆଗ୍ରହୀ ଏବଂ ୱାଶିଂଟନ-ତେହେରାନ ମଧ୍ୟରେ ଆଲୋଚନା ସକାରାତ୍ମକ ଦିଗରେ ଆଗେଇଲେ ଏହି ଐତିହାସିକ ବୈଠକ ସମ୍ଭବ ହୋଇପାରେ ।ଟ୍ରମ୍ପ



ଇରାନର ପରମାଣୁ କାର୍ଯ୍ୟକ୍ରମ ଏବଂ ଆଞ୍ଚଳିକ ସୁରକ୍ଷା ଉପରେ ଏକ ବ୍ୟାପକ ଚୁକ୍ତି ପାଇଁ ରାଜି ଥିବା ସଙ୍କେତ ଦେଇଥିଲେ ମଧ୍ୟ ଇରାନ ବୈଦେଶିକ ମନ୍ତ୍ରୀ ସ୍ୱଷ୍ଟ କରିଛନ୍ତି ଯେ ଆମେରିକାର ପ୍ରତିବନ୍ଧକ ଓ ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ସଂଘର୍ଷ ଯୋଗୁଁ ବର୍ତ୍ତମାନ ପରିପ୍ରେକ୍ଷୀରେ କୌଣସି ବାର୍ତ୍ତାଳାପ ସହଜ ନୁହେଁ। ତେହେରାନ କୌଣସି ସର୍ବସାଧାରଣ ସ୍ପେକୁଲେସନ୍ ବା ଅନୁମାନ ବଦଳରେ କେବଳ ରାଜନୈତିକ ବାସ୍ତବତା ଆଧାରରେ ହିଁ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛି।

# ପ୍ରେମିକାକୁ ଛୁରୀ ଭୁସି ହତ୍ୟା
## ୨୭ ଦିନ ପରେ ଯୁବତୀଙ୍କ ଗଳିତ ମୃତଦେହ ଉଦ୍ଧାର



ଯୋଡା : ୨୭ ଦିନ ପରେ ନିଖୋଜ ଯୁବତୀଙ୍କ ଗଳିତ ମୃତଦେହ ଉଦ୍ଧାର । ହତ୍ୟା କରିଥିଲା ପ୍ରେମିକ। କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ଝାଡଗାଁ ସଂରକ୍ଷିତ ସିଦ୍ଧମଠ ଜଙ୍ଗଲରୁ ମୃତଦେହ ଜବତ ହୋଇଛି । ମୃତକ ହେଲେ ୨୧ ବର୍ଷୀୟା ଅନିତା ମହାକୁଡ଼ । ଗତ ମାସ ୧୧ ତାରିଖରୁ ଅନିତା ନିଖୋଜ ଥିଲେ । ଗତ ୧୫ ତାରିଖରେ ଅନିତା ନିଖୋଜ ଥିବା ବଡ଼ବିଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ ତାଙ୍କ ପରିବାର। ଅନିତାଙ୍କ ମୋବାଇଲ ସିଜ୍ କରି ପୋଲିସ ସିଡିଏ ଆନାଲିସିସ୍‌ରୁ ସୁରାକ ପାଇଥିଲା । ୧୧ତାରିଖରେ ଅନିତା ସେହି ଗ୍ରାମର ସଂଗ୍ରାମ ଆଲଦା ନାମକ ଯୁବକଙ୍କ ସହ ୨୪ ମିନିଟ ଧରି କଥା ହୋଇଥିଲେ। ବଡ଼ବିଲ ପୋଲିସ ସଂଗ୍ରାମଙ୍କୁ ଥାନାକୁ ଆଣି ପଚରା ଉଚରା କରିବା ପରେ ସେ ସ୍ୱୀକାର କରିଥିଲା। ଅନିତା ଓ ସଂଗ୍ରାମଙ୍କ ଭିତରେ ପ୍ରେମ ସଂପର୍କ ଥିଲା। ଅନିତା ଅନ୍ୟ ଜଣେ ଯୁବକଙ୍କ ସହ ଫଟୋ ଉଠାଇବାକୁ କେନ୍ଦ୍ର କରି ଦୁଇ ଜଣଙ୍କ ଭିତରେ ବଚସା ହେବା ପରେ ଅନିତାଙ୍କୁ ଛୁରୀ ଭୁସି ହତ୍ୟା କରିଥିଲା ସଂଗ୍ରାମ । ଜଙ୍ଗଲରେ ମୃତଦେହକୁ ଏକ ଗାତରେ ପକାଇ ଡାଳପତ୍ର ଢାଙ୍କି ଦେଇଥିଲା। ପୁଲିସ ପଚରାଉଚରା ସମୟରେ ସବୁ ସତ କହିଥିଲା ସଂଗ୍ରାମ । ଜଙ୍ଗଲକୁ ସଂଗ୍ରାମକୁ ନେଇ କ୍ରାଇମ୍ ସିନ ରିକ୍ରିସନ୍ କରିଛି ବଡବିଲ୍ ପୋଲିସ ।

# ଘରେ ପଶି ଚୋରି ଉଦ୍ୟମ

ଭୁବନେଶ୍ୱର,(ନି.ପ୍ର): ଘରେ ପଶି ଚୋରି ଉଦ୍ୟମ କରୁଥିବା ଜଣେ ଯୁବକଙ୍କୁ ଧଉଳି ଥାନା ପୋଲିସ ରବିବାର ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ନାମ ସତ୍ୟବ୍ରତ ସାମନ୍ତରାୟ ଓରଫ ଚିଣ୍ଟୁ ବୋଲି ଜଣାପଡିଛି। ଏନେଇ ଅଶ୍ୱିନୀ କୁମାର ସ୍ୱାଇଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଗତ ୨ ତାରିଖ ଦିନ ପ୍ରାୟ ୧ଟା୩୦ ସମୟରେ ଇତିପୁର ଗ୍ରାମର ସବ୍ୟସାଚୀ ସାମନ୍ତରାୟଙ୍କ ପୁଅ ସତ୍ୟବ୍ରତ ସାମନ୍ତରାୟ ଓରଫ୍ ଚିଣ୍ଟୁ ଅଭିଯୋଗକାରୀଙ୍କ ଘରେ ପଶି ଆସିଥିଲେ । ସେହି ସମୟରେ ତାଙ୍କ ଘରର କବାଟ ଏବଂ ଝରକା ଖୋଲା ରହିଥିଲା । ପରିସ୍ଥିତିର ସୁଯୋଗ ନେଇ ସତ୍ୟବ୍ରତ ଛାତ ଦେଇ ତାଙ୍କ ଘରେ ପ୍ରବେଶ କରିବା ପରେ ବିଦ୍ୟୁତ୍ ଯୋଗାଣ ବିଚ୍ଛିନ୍ନ କରିଦେଇଥିଲେ । ଘରର ପଙ୍ଖା କାମ କରିବା ବନ୍ଦ ହୋଇଯିବାରୁ, ପରିବାର ସଦସ୍ୟ ହଠାତ୍ ଉଠିପଡ଼ିଥିଲେ ଏବଂ ଟର୍ଚ୍ଚ ଲାଇଟ୍ ଜଳାଇବାରୁ ସତ୍ୟବ୍ରତ ସାମନ୍ତରାୟ ଓରଫ୍ ଚିଣ୍ଟୁଙ୍କୁ ଘର ଭିତରେ ଦେଖିବାକୁ ପାଇଥିଲେ । ପାଟି କରିବାରୁ, ଅନ୍ଧାରର ସୁଯୋଗ ନେଇ ସେ ଛାତ ଉପର ଦେଇ ତଳକୁ ଡେଇଁପଡ଼ିଥିଲେ ଏବଂ ସମସ୍ତଙ୍କୁ ଖରାପ ଭାଷାରେ ଗାଳି ଦେଇ ତଥା ଜୀବନରୁ ମାରିଦେବାକୁ ଧମକ ଦେଇ ଘଟଣାସ୍ଥଳରୁ ଖସି ପଳାଇ ଯାଇଥିଲେ ।

# ବାଘ ଛାଲ ଜବତ: ଦୁଇ ଶିକାରୀ ଗିରଫ




ବ୍ରହ୍ମପୁର/ପାତ୍ରପୁର: ଗତ ତିନି ସପ୍ତାହ ତଳେ ଗଂଜାମ ଜିଲ୍ଲା ଜରଡ଼ା ଥାନା ଅଞ୍ଚଳରୁ ବ୍ରହ୍ମପୁର ପୁଲିସ ଏକ ଚିତାବାଘ ଚମଡା ଜବତ କରିବା ସହ ତିନି ଶିକାରୀକୁ ଗିରଫ କରିଥିବା ବେଳେ ଆଜି ପୁଣି ଦୁଇ ଶିକାରୀଙ୍କୁ କାବୁ କରିଛି। ଅଭିଯୁକ୍ତ ଶିକାରୀ ଦ୍ୱୟ ହେଲେ ଗଜପତି ଜିଲ୍ଲା ରାମଗିରି ଥାନା ବଡ଼ଗାଁ କେଶବା ଜମାଦାର (୩୪ ବର୍ଷ) ଓ ଗଂଜାମ ଜିଲ୍ଲା ଜରଡ଼ା ଥାନା ବୁରାତାଲ ଗ୍ରାମର ବୀରା ଜମାଦାର (୪୫ ବର୍ଷ)। ସେମାନଙ୍କ ଠାରୁ ପୁଲିସ ଦୁଇଟି ଚିତାବାଘ ଚମଡ଼ା ଜବତ କରିଛି। ସୂଚନା ପ୍ରକାରେ ପୁଲିସ କୌଣସି ସୁତ୍ରରୁ ସୂଚନା ପାଇ ଉପର ବୁରାତାଲ ଅଞ୍ଚଳକୁ ଯାଇଥିଲା। ପାହାଡ଼ ଉପରେ ଜଙ୍ଗଲ ଆଡକୁ ଦୌଡୁଥିବା ଦୁଇଜଣଙ୍କୁ ଦେଖି ପୁଲିସ ସେମାନଙ୍କ ପିଛା କରିଥିଲା। ଅଭିଯୁକ୍ତମାନେ ଖଣ୍ଡା ଦେଖାଇବା ସହ ଧମକ ଦେଇଥିବା ବେଳେ ପୁଲିସ କୌଶଳରେ ଉଭୟଙ୍କୁ କାବୁ କରିଥିଲା। ଖୋଜାଖୋଜି କରିବା ପରେ ସେମାନଙ୍କ ଠାରୁ ଦୁଇଟି ଅଖାରୁ ଦୁଇଟି ଚିତାବାଘର ସଂପୂର୍ଣ୍ଣ ଆକାରର ଚମଡ଼ା ଉଦ୍ଧାର କରାଯାଇଥିଲା। ଅଭିଯୁକ୍ତ କେଶବା ଠାରୁ ଦୁଇଟି ଜୀବନ୍ତ ହାତବୋମା ଏବଂ ଅଭିଯୁକ୍ତ ବିରା ଠାରୁ ଗୋଟିଏ ଖଣ୍ଡାକାତି ମଧ୍ୟ ଉଦ୍ଧାର କରାଯାଇଥିବା ପୁଲିସ ସୂଚନା ଦେଇଛି। କେସ୍ ନମ୍ବର ୧୮୬/୨୬ରେ ପୁଲିସ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଗତ ମାସ ୧୬ ତାରିଖରେ ଜରଡ଼ା ଥାନା ଧନବାଡ ଆଙ୍କୁଲି ଜଙ୍ଗଲ ଅଞ୍ଚଳରୁ ପୁଲିସ ଏକ ଚିତାବାଘ ଚମଡ଼ା ଜବତ କରିବା ସହ ଗଜପତି ଜିଲ୍ଲା ରାମଗିରି ଥାନା ଚାଚାଡଖଟା ଗାଁର ଗୋବିନ୍ଦ ଚନ୍ଦ୍ର ନାୟକ, ବରଡ ଗାଁର ଗଞ୍ଜୁ ରଇତ ଓ ମଙ୍ଗରାଜପୁର ଗାଁର ରିତୁନ ବଡମୁଣ୍ଡିକୁ ଗିରଫ କରିଥିଲା।

# ବେଆଇନ ବାଲି ଚାଲଣ କରି ୪ ଗିରଫ

ଭୁବନେଶ୍ୱର,(ନି.ପ୍ର): ଚନ୍ଦକା ଥାନା ପୋଲିସ ବେଆଇନ ବାଲି ଚାଲାଣ କରୁଥିବା ଅଭିଯୋଗରେ ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି, ଉପେନ୍ଦ୍ର କୁମାର ନାଥ (୨୦),ଜୟରାମ ପିଙ୍ଗୁ (୨୯),ପ୍ରଳୟ ପାଇକରାୟ (୩୩) ଓ ସିଦ୍ଧାର୍ଥ କୁମାର ରାଉତ (୨୩)। ଗିରଫ ଅଭିଯୁକ୍ତମାନଙ୍କ ଠାରୁ ପୋଲିସ ତିନୋଟି ବାଲିଭର୍ତ୍ତି ହାଇଓ୍ୱା ଟ୍ରକ ଜବତ କରିଥିଲେ। ସୂଚନାଯୋଗ୍ୟ ଯେ, ଚନ୍ଦକା ଥାନାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସମ୍ପୃକ୍ତ ଥାନା ତରଫରୁ ରାତ୍ରିକାଳୀନ ପେଟ୍ରୋଲିଂ ତଥା ବ୍ଲକିଙ୍ଗ ଡ୍ୟୁଟି ବେଆଇନ ବାଲି ଭର୍ତ୍ତି ଟ୍ରକ ଗୁଡିକ ବାରଙ୍ଗ ପାର୍ଶ୍ୱରୁ ଚନ୍ଦକା ଅଭିମୁଖେ ଆସୁଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ । ସୂଚନା ପାଇ ପୋଲିସ ଦଳ ଚନ୍ଦକା ଛକକୁ ଯାଇ ପର୍ଯ୍ୟବେକ୍ଷଣ କରିବା ବେଳେ, ବାରଙ୍ଗ ପାର୍ଶ୍ୱରୁ ଉକ୍ତ ଟ୍ରକ୍ ଗୁଡିକ ଆସୁଥିବାର ଦେଖିଲେ । ପୋଲିସ କର୍ମଚାରୀମାନଙ୍କୁ ଦେଖି ଚାଳକମାନେ ଦ୍ରୁତ ଗତିରେ ଗାଡ଼ି ଚଲାଇ ପଳାଇବାକୁ ଚେଷ୍ଟା କରିଥିଲେ । ପୋଲିସ ଦଳ ଟ୍ରକ ଗୁଡିକର ପିଛା କରି ସେଗୁଡିକୁ ଚନ୍ଦକା ଥାନା ସମୁଖ ରାସ୍ତାରେ ଅଟକାଇବାରେ ସକ୍ଷମ ହୋଇଥିଲେ । ଯାଞ୍ଚ କରିବା ପରେ, ଟ୍ରକ ଗୁଡିକ ବାଲିରେ ସମ୍ପୂର୍ଣ୍ଣ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳିଥିଲା । ବାଲି ପରିବହନ ପାଇଁ ଡ୍ରାଇଭରଙ୍କୁ ବୈଧ କାଗଜପତ୍ର, ପରମିଟ୍ କିମ୍ବା ଅନୁମତିପତ୍ର ଦେଖାଇବାକୁ କୁହାଯାଇଥିଲା, କିନ୍ତୁ ସେ ଏପରି କୌଣସି କାଗଜପତ୍ର ଦେଖାଇ ପାରିନଥିଲେ । ପଚରାଉଚରା ସମୟରେ ସେମାନେ ସ୍ୱୀକାର କରିଥିଲେ ଯେ, ଟ୍ରକର ମାଲିକଙ୍କ ନିର୍ଦ୍ଦେଶ କ୍ରମେ ସେମାନେ କଟକର ସିଡିଏ ବାଲିଘାଟରୁ ବେଆଇନ ଭାବରେ ବାଲି ଚନ୍ଦକା ଅଭିମୁଖେ ପରିବହନ କରୁଥିଲେ। ଏହା ପରେ, ଅଭିଯୁକ୍ତ ଚାଳକଙ୍କ ସହିତ ବାଲି ବୋଝେଇ ଟ୍ରକ ତିନୋଟିକୁ ଚନ୍ଦକା ଥାନାକୁ ଅଣାଯାଇଥିଲା ।

# ହୋଟେଲ କର୍ମଚାରୀଙ୍କୁ ହତ୍ୟା ଉଦ୍ୟମ, ୪ ଯୁବକ ଗିରଫ

ଭୁବନେଶ୍ୱର,(ନି.ପ୍ର): ହୋଟେଲ କର୍ମଚାରୀଙ୍କୁ ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ସହିଦନଗର ଥାନା ପୋଲିସ ରବିବାର ୪ ଜଣ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକମାନେ ହେଲେ ସୁବର୍ଣ୍ଣ ତ୍ରିପାଠୀ (୨୬), ଅଭିଷେକ କୁଜୁର (୨୩),ଅତିଶ ପଣ୍ଡା (୨୭) ଓ ସାର୍ଥକ ପଣ୍ଡା (୨୭)। ଏନେଇ ଅଞ୍ଜନା ଦାସ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ,ଶନିବାର ସନ୍ଧ୍ୟା ପ୍ରାୟ ୭ଟା୩୦ ସମୟରେ, ସାର୍ଥକ ପଣ୍ଡା ନାମକ ଜଣେ ବ୍ୟକ୍ତି ସହିଦନଗରରେ ଅବସ୍ଥିତ ହୋଟେଲ ଡିୟୋନିକ୍ସରେ ଦୁଇଟି ରୁମ୍ ବୁକ୍ କରିଥିଲେ, ଯେଉଁଠାରେ ପୂର୍ବରୁ ଚାରି ଜଣ ଯୁବକ ରହୁଥିଲେ । ସେ ଆହୁରି କହିଛନ୍ତି ଯେ ରାତିର ବିଳମ୍ବିତ ସମୟରେ ଜଣେ ଯୁବତୀ ସେମାନଙ୍କୁ ଭେଟିବା ପାଇଁ ହୋଟେଲକୁ ଆସିଥିଲେ । ସେମାନେ କୋଠରୀ ଭିତରେ ଥିବା ସମୟରେ ଜୋରରେ କଥା ହେଉଥିଲେ ଏବଂ ପରସ୍ପରକୁ ଗାଳି ଦେଉଥିଲେ, ଯାହା ଫଳରେ ହୋଟେଲ ପରିସରରେ ଅଶାନ୍ତି ସୃଷ୍ଟି ହୋଇଥିଲା । ହୋଟେଲ କର୍ମଚାରୀ, ଆକାଶ ନାୟକ ଏବଂ ବିକାଶ ନାୟକ, ସେମାନଙ୍କୁ ଉତ୍ତେଜିତ ହେବା ବନ୍ଦ କରିବାକୁ ଏବଂ ସାଜସଜ୍ଜା ବଜାୟ ରଖିବାକୁ ଅନୁରୋଧ କରିଥିଲେ । ସେମାନଙ୍କୁ ନିବୃତ୍ତ କରାଯିବା ପରେ, ଉକ୍ତ ବ୍ୟକ୍ତିମାନେ ଆକାଶ ନାୟକ ଏବଂ ବିକାଶ ନାୟକଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଦେଇଥିଲେ ଏବଂ ଆକ୍ରମଣ କରିଥିଲେ । ପ୍ରଶାନ୍ତ ସାହୁ ନାମକ ଅନ୍ୟ ଜଣେ ହୋଟେଲ କର୍ମଚାରୀ, ମାମଲାକୁ ଶାନ୍ତ କରିବା ଏବଂ ଆହୁରି ଉତ୍ତେଜନାକୁ ରୋକିବା ପାଇଁ ହସ୍ତକ୍ଷେପ କରିଥିଲେ । କିନ୍ତୁ, ଅଭିଯୁକ୍ତମାନେ ପ୍ରଶାନ୍ତ ସାହୁଙ୍କୁ ୧୦୧ ନମ୍ବର ରୁମ୍ ଭିତରକୁ ଟାଣି ନେଇ ହତ୍ୟା କରିବା ଉଦ୍ଦେଶ୍ୟରେ ତାଙ୍କ ବେକରେ ଗାମୁଛା ବାନ୍ଧି ଦେଇଥିଲେ । ଅଭିଯୁକ୍ତମାନେ ହୋଟେଲର ବିଭିନ୍ନ ମୂଲ୍ୟବାନ ଜିନିଷପତ୍ର ଏବଂ ସମ୍ପତ୍ତିକୁ କ୍ଷତି ପହଞ୍ଚାଇଥିଲେ । ସେମାନେ ତାଙ୍କୁ ଭୟଙ୍କର ପରିଣାମ ଭୋଗିବାକୁ ଧମକ ଦେଇଛନ୍ତି ଏବଂ ଚେତାବନୀ ଦେଇଛନ୍ତି ଯେ ସେମାନେ ଭବିଷ୍ୟତରେ କୌଣସି ଅତିଥିଙ୍କୁ ହୋଟେଲରେ ରହିବାକୁ ଦେବେ ନାହିଁ । ଉପଯୁକ୍ତ ତଦନ୍ତ ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଅନୁରୋଧ କରିଥିଲେ । ତଦନ୍ତ ସମୟରେ ପୋଲିସ ଘଟଣା ସ୍ଥଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବା ସହିତ ନିମ୍ନୋକ୍ତ ଚାରିଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ୨ ବନ୍ଧା ହେଲେ

ଭୁବନେଶ୍ୱର,(ନି.ପ୍ର): ପୂର୍ବ ଶତ୍ରୁତାରୁ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ବଡଗଡ ଥାନା ପୋଲିସ ରବିବାର ଦୁଇଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଉଛନ୍ତି,ଶିବାନନ୍ଦ ଦାସ (୨୩) ଓ ପୃଥୀରାଜ ଭୋଇ ଓରଫ ଜୀବନ (୨୪)। ଏନେଇ ରାଜେଶ ନାୟକ ଥାନାରେ ଲିଖିତ ଅଭିଯାଗ କରିଥିଲେ। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ରାଜେଶ ନାୟକ, ବଡଗଡ କେନାଲ ରୋଡ ଅଞ୍ଚଳରେ ରୁହନ୍ତି । ଶନିବାର ସନ୍ଧ୍ୟା ସମୟରେ, ଯେତେବେଳେ ସେ ତାଙ୍କ ବନ୍ଧୁମାନଙ୍କ ସହିତ ଭାସ୍କରେଶ୍ୱର ପାର୍କ ଭିତରେ ବୁଲୁଥିଲେ, ଏହି ସମୟରେ ପୂର୍ବ ବିବାଦକୁ କେନ୍ଦ୍ରକରି ଦୁଇ ଅଭିଯୁକ୍ତ ଏବଂ ତାଙ୍କ ସହଯୋଗୀ ମାନେ ହଠାତ୍ ପାର୍କରେ ପ୍ରବେଶ କରି ତାଙ୍କୁ ଏବଂ ତାଙ୍କ ବନ୍ଧୁମାନଙ୍କୁ ନିର୍ମମ ଭାବରେ ଆକ୍ରମଣ କରିଥିଲେ । ଏହାପରେ, ଅଭିଯୁକ୍ତମାନେ ଅଭିଯୋଗକାରୀଙ୍କୁ ଜୋରଜବରଦସ୍ତ ପାର୍କ ବାହାରକୁ ଟାଣି ଆଣି ମୋଟରସାଇକେଲରେ ବସାଇବାକୁ ଧମକ ଦେଇଥିଲେ, ଯଦି ସେ ମନା କରନ୍ତି ତେବେ ତାଙ୍କୁ ପୁଣି ଆକ୍ରମଣ କରାଯିବ ବୋଲି ଚେତାବନୀ ଦେଇଥିଲେ । ଭୟରେ, ଅଭିଯୋଗକାରୀ ରାଜି ହୋଇ ମୋଟରସାଇକେଲରେ ବସିଥିଲେ । ଅଭିଯୁକ୍ତମାନେ ତାଙ୍କୁ ବଡ଼ଗଡ଼ ମଶାଣି ଅଞ୍ଚଳକୁ ନେଇଗଲେ, ଯେଉଁଠାରେ ସେମାନେ ତାଙ୍କୁ ପୁନର୍ବାର ଆକ୍ରମଣ କରିଥିଲେ । ଅଭିଯୋଗକାରୀ ପ୍ରତିବାଦ କରିବା ଏବଂ ପ୍ରତିରୋଧ କରିବାକୁ ଚେଷ୍ଟା କରିବାରୁ, ଅଭିଯୁକ୍ତମାନେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଦେଇଥିଲେ । ଏହି ସମୟରେ, ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ଏକାଠି ହେବା ଆରମ୍ଭ କରିବା ମାତ୍ରେ ଅଭିଯୁକ୍ତମାନେ ଅଭିଯୋଗକାରୀଙ୍କ ମୋବାଇଲ୍ ଫୋନ୍ ଛଡ଼ାଇ ନେଇ ସେଠାରୁ ପଳାଇ ଯାଇଥିଲେ । ପରେ ଅଭିଯୋଗକାରୀ ଏନେଇ ଥାନାରେ ଅଭିଯୋଗ କରିଥିଲେ।

# ପଡୋଶୀ ସାଜିଲା ପିଶାଚ !

ସାଲେପୁର : ୫ ବର୍ଷର ଶିଶୁ ଦୀର୍ଘ ୧୭ଦିନ ହେଲାଣି କଟକ ଶିଶୁଭାବନର ଆଇସିୟୁରୁ ଜୀବନ ସହ ଲଢ଼େଇ କରୁଛି । ତାକୁ ମିଠାରେ ପଡୋଶୀ ବିଷ ଦେଇ ଦେଇଥିବା ଅଭିଯୋଗ ଆଣିଛନ୍ତି ତାର ଅଭିବାବକ । ଏଭଳି ଏକ ଦୁଃଖଦ ଓ ଅମାନୁଷିକ ଘଟଣା ଘଟିଛି କଟକ ଜିଲ୍ଲା ସାଲେପୁର ଥାନା ବାହାବଳପୂର ଗାଁରେ । ଗତ ମାସ ୨୨ତାରିଖ ଦିନ ୫ବର୍ଷର ନିଷ୍ପପ ଶିଶୁପୁତ୍ର ଦିବ୍ୟରଞ୍ଜନ ମଲିକଙ୍କୁ ତାଙ୍କ ପଡୋଶୀ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ମିଠାରେ ବିଷ ଦେଇ ଦେଇଥିବା ଥାନାରେ ଏତେଲା ଦେଇଛନ୍ତି ଦିବ୍ୟରଞ୍ଜନର ବାପା ରୋହିତ କୁମାର ମଲ୍ଲିକ। ଦିବ୍ୟର ଏବେ କଟକ ଶିଶୁଭବନରେ ଅତ୍ୟନ୍ତ ଗୁରୁତର ଅବସ୍ଥାରେ ଆଇସିୟୁରେ ଚିକିତ୍ସା ଚାଲିଛି । ଏପେଟେ ଏନେଇ ଏତେଲକାରୀଙ୍କ ଏତେଲା ଅନୁଯାୟୀ ଥାନାରେ ଏକ କେଶ କରାଯାଇ ତଦନ୍ତ ହେଉଛି ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି ।

# ଔଷଧ ଦୋକାନୀଙ୍କୁ ଛୁରାମାଡ଼, ଅଭିଯୁକ୍ତ ଅଟକ




ବରୀ: ଯାଜପୁରଜିଲ୍ଲା ବରୀ ଥାନା ଅଧିକ ରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିକଟରେ ଥିବା ଜୈନେକ ଔଷଧ ଦୋକନୀ ସୁଧାଂଶୁ ଭୂଷଣ ନାଥଙ୍କୁ ରବିବାର ଅପରାହ୍ନରେ ଛୁରାମାଡ଼ ହୋଇଛି। ଛୁରାମାଡ଼ ତାଙ୍କ ମୁଣ୍ଡରେ ହୋଇଥିବା ବେଳେ ରକ୍ତାକ୍ତ ଅବସ୍ଥାରେ ସେ ବରୀ ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ଅଭିଯୋଗ ଅନୁସାରେ ଶ୍ରୀ ନାଥ ଅପରାହ୍ନ ପାଖାପାଖି ୩ଟା ୪୫ରୁ ୪ଟା ମଧ୍ୟରେ ତାଙ୍କ ଘର ଭବାନୀପୁରରୁ ଦୋକାନକୁ ଆସୁଥିବା ବେଳେ ବାଟରେ ଥିବା ଏକ ମନ୍ଦିର ନିକଟରେ ସେହିଗ୍ରାମର ସୁଧାଂଶୁ ଶତପଥୀ(୪୨) ଦେଖାହୋଇଥିଲେ। କୁଆଡେ ଆସିଛି ବୋଲି ପଚାରିଦେବାରୁ ହଠାତ୍ ଶ୍ରୀ ଶତପଥୀ ଉତକ୍ଷୀପ୍ତ ହୋଇ ଗାଳିଗୁଲଜ କରିଥିଲେ। ତେବେ ସେଠାରୁ ଶ୍ରୀ ନାଥ ପଳାଇ ଆସି ନିଜ ଔଷଧ ଦୋକାନରେ ଶୋଇଥିଲା ବେଳେ ୧୦/୧୫ ମିନିଟ ପରେ ହଠାତ୍ ଶ୍ରୀ ଶତପଥୀ ଦୋକାନ ଭିତରକୁ ପଶିଯାଇ ଗାଳିଗୁଲଜ କରିବା ସହିତ ଏକ ଚାବିରିଂରେ ଲାଗିଥିବା ଛୁରୀରେ ତାଙ୍କ ମୁଣ୍ଡକୁ ଆଘାତ ଦେଇଥିଲା। ରକ୍ତାକ୍ତ ଅବସ୍ଥାରେ ତଳେପଡ଼ି ଚିତ୍କାର କରିବାରୁ ସ୍ଥାନୀୟ ଲୋକମାନେ ପହଞ୍ଚି ତାଙ୍କ ନିକଟରେଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ପ୍ରାଥମିକ ଚିକିତ୍ସା କରିଥିଲେ। ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ଡାକ୍ତର ଯାଜପୁର ଜିଲ୍ଲା ମେଡିକାଲରୁ ରେଫର କରିଥିବା ଜଣାପଡ଼ିଛି।

## ବାଲିଅନ୍ତା ଭିଡ଼ ହତ୍ୟା ମାମଲା
# ସୌମ୍ୟଙ୍କ ଡାଏରିକୁ ନେଇ କ୍ରାଇମବ୍ରାଞ୍ଚର ତନାଘନା



ବାଲିଅନ୍ତା: ବାଲିଅନ୍ତା ସୌମ୍ୟ ହତ୍ୟା ମାମଲାରେ ନୂଆ ମୋଡ଼। କ୍ରାଇମବ୍ରାଞ୍ଚ ହାତରେ ଲାଗିଛି ସୌମ୍ୟଙ୍କ ଡାଏରି। ଯାହା ହତ୍ୟାକାଣ୍ଡ ପଛର ଗୁମର ଖୋଲିବ ବୋଲି କୁହାଯାଉଛି। ଅନ୍ୟପଟେ କ୍ରାଇମବ୍ରାଞ୍ଚ ପାଖରେ ଡାଏରି ପହଞ୍ଚାଇଥିବା ସୌମ୍ୟଙ୍କ ସାଙ୍ଗ ନିଶିକାନ୍ତ ଆଣିଛନ୍ତି ସାଙ୍ଘାତିକ ଅଭିଯୋଗ। ତଦନ୍ତ ବଢୁଛି, ଗୁମର ଖୋଲୁଛି। ବହୁଚର୍ଚ୍ଚିତ ବାଲିଅନ୍ତା ସୌମ୍ୟ ରଞ୍ଜନ ହତ୍ୟା ମାମଲାରେ ନୂଆ ମୋଡ଼। କ୍ରାଇମବ୍ରାଞ୍ଚ ହାତରେ ଲାଗିଛି ମୃତ ସୌମ୍ୟଙ୍କ ଡାଏରି। ଯେଉଁ ଡାଏରିକୁ କ୍ରାଇମବ୍ରାଞ୍ଚକୁ ପଠାଇଛନ୍ତି, ସୌମ୍ୟଙ୍କ ସାଙ୍ଗ ନିଶିକାନ୍ତ। ଏଡିଜି ଦୟାଲ ଗଙ୍ଗୱାର ତାଙ୍କୁ ନିର୍ଯାତନା ଦେଉଥିବା ସମ୍ପର୍କରେ ଉଲ୍ଲେଖ ଥିବା କହିଛନ୍ତି ନିଶିକାନ୍ତ। ଏଥି ସହିତ ସୌମ୍ୟଙ୍କର ହ୍ୱାଟସ୍‌ଆପ୍ ଚାଟର ସ୍କ୍ରିନସଟ୍ ବି ଦେଇଛନ୍ତି। ନିଶିକାନ୍ତ ଦେଇଥିବା ଡାଏରିରେ ସୌମ୍ୟ ନିଜର ବ୍ୟକ୍ତିଗତ କଥା ଲେଖୁଥିଲେ। କେଉଁମାନେ ତାଙ୍କୁ ମାନସିକ ଚାପ ଦେଉଥିଲେ, ସେନେଇ ସମସ୍ତ କଥା ଉଲ୍ଲେଖ କରିଥିଲେ ବୋଲି ନିଶିକାନ୍ତ କହିଛନ୍ତି। ଏମିତିକି ପଚରାଉଚରା ବେଳେ, ସେ ସୌମ୍ୟଙ୍କ ବାବଦରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ କ୍ରାଇମବ୍ରାଞ୍ଚକୁ ଦେଇଥିବା କହିଛନ୍ତି। ଯେଉଁଥିରେ ସେ ମାନସିକ ଅବସାଦରେ ଥିବା ସ୍ପଷ୍ଟ ହେଉଛି। ସିଧାସଳଖ କାହା ନାଁରେ କିମ୍ବା କାହା ଯୋଗୁଁ ଲେଖି ନଥିଲେ ବି, ଡାଏରି ତଥ୍ୟ ତଦନ୍ତ ପ୍ରକ୍ରିୟାକୁ ନୂଆ ମୋଡ଼ ଦେଇଛି। ଖାଲି ସେତିକି ନୁହେଁ, ଆଇପିଏସ୍ ଅଧିକାରୀ ଏବଂ ଭୁବନେଶ୍ୱରର ଜିମ୍ ମାଲିକ ମଧ୍ୟ ମାନସିକ ନିର୍ଯାତନା ଦେଉଥିବା କଥା ଡାଏରିରେ ଉଲ୍ଲେଖ ରହିଛି ଓ ଏହି ଡାଏରିରୁ ହତ୍ୟାକାଣ୍ଡ ସମ୍ପର୍କିତ ଅନେକ ତଥ୍ୟ କ୍ରାଇମବ୍ରାଞ୍ଚକୁ ମିଳିପାରିବ ବୋଲି ନିଶିକାନ୍ତ କହିଛନ୍ତି। ଅନ୍ୟପଟେ, ଓମ୍ ଏବଂ ଦୁଇ ଯୁବତୀଙ୍କୁ ନେଇ ନିଶିକାନ୍ତ ସାଂଘାତିକ ଅଭିଯୋଗ କରିଛନ୍ତି। ଏ ପର୍ଯ୍ୟନ୍ତ ତିନିଜଣଙ୍କୁ କ୍ରାଇମବ୍ରାଞ୍ଚ ପକ୍ଷରୁ ପଚରାଉଚରା କରାଯାଇନି। ମୃତ ସୌମ୍ୟଙ୍କ ବିରୋଧରେ ଏତଲା ଦେବା ଏବଂ ପୁଲିସ ମାମଲା ରୁଜୁ କରିବାକୁ ନେଇ ନିଶିକାନ୍ତ ପ୍ରଶ୍ନ କରିଛନ୍ତି। ହତ୍ୟାକାଣ୍ଡ ପରେ, ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି। ଅଡିଓ କଲ୍, ଚାଟିଂ ଏବଂ ଡାଏରି ସାମ୍ନାକୁ ଆସିବା ପରେ, ଏହା ପୂରା ଘଟଣାକୁ ଏକ ନୂଆ ମୋଡ଼ ଦେଉଛି।

# ଟ୍ରେନ୍ ଧକ୍କାରେ ବାଇକ୍ ଚାଳକ ମୃତ
## ଉତ୍ତ୍ୟକ୍ତ ଲୋକଙ୍କ ରେଳ ଷ୍ଟେସନ ଘେରାଉ

ଭଦ୍ରକ: ଭଦ୍ରକ ଜିଲ୍ଲାରେ ଏକ ମର୍ମନ୍ତୁଦ ରେଳ ଦୁର୍ଘଟଣା ଘଟିଯାଇଛି । ରେଳ ଧାରଣା ପାର ହେଉଥିବା ସମୟରେ ଏକ ଦ୍ରୁତଗାମୀ ଟ୍ରେନ୍ ବାଇକ୍ ଆରୋହୀଙ୍କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ହିଁ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଛି । ଭଦ୍ରକ-ତିହିଡି-ପୀରହାଟ ସାହାପୁର ରେଳ ଜଙ୍କସନ ଅନ୍ତର୍ଗତ କଣ୍ଡରଗଡ଼ିଆ ଗାଁ ନିକଟରେ ଏହି ଦୁର୍ଘଟଣା ଘଟିଛି । ମୃତକ ଯୁବକ ଜଣକ ହେଲେ ବତାସୀ ଗାଁର ଅଭିମନ୍ୟୁ ପରିଡା । ସୂଚନା ଅନୁଯାୟୀ, ଅଭିମନ୍ୟୁ ନିଜ ବାଇକ୍ ଯୋଗେ ଘରକୁ ଫେରୁଥିଲେ । ସେହି ସମୟରେ ସାହାପୁର ରେଳ ଧାରଣା ପାର ହେବା ବେଳେ ହଠାତ୍ ଟ୍ରେନ୍ ଚାଲିଆସିଥିଲା । ରେଲୱେ ଲେବୁଲ୍ କ୍ରସିଂ ଗେଟ୍ ପଡ଼ିନଥିବାରୁ ଏହି ଭୟଙ୍କର ଦୁର୍ଘଟଣା ଘଟିଥିବା କୁହାଯାଉଛି । ଫାଟକ ଜଗୁଆଳି (ଗେଟମ୍ୟାନ୍)ଙ୍କ ଚରମ ଅବହେଳା ଯୋଗୁଁ ଅଭିମନ୍ୟୁଙ୍କ ଜୀବନ ଯାଇଥିବା ସ୍ଥାନୀୟ ଲୋକେ ଗୁରୁତର ଅଭିଯୋଗ ଆଣିଛନ୍ତି । ଦୁର୍ଘଟଣା ଏତେ ଭୟାଭୟ ଥିଲା ଯେ ଯୁବକଙ୍କ ଶବ ଖଣ୍ଡବିଖଣ୍ଡିତ ହୋଇଯାଇଥିଲା । ଖବର ପାଇ ପୀରହାଟ ଥାନା ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ତିହିଡି ମେଡ଼ିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଛି ।ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି । ଉତ୍ୟକ୍ତ ଲୋକେ ଗେଟମ୍ୟାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ କ୍ଷତିପୂରଣ ଦାବି କରି ରେଳ ଷ୍ଟେସନ ପରିସରରେ ବ୍ୟାପକ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଆନ୍ଦୋଳନକାରୀମାନେ ଉଗ୍ର ରୂପ ଧାରଣ କରି ଷ୍ଟେସନ ପରିସରରେ ଭଙ୍ଗାରୁଜା କରିବା ସହ ପୋଡ଼ାଜଳା ମଧ୍ୟ କରିଛନ୍ତି । ସ୍ଥିତିକୁ ନିୟନ୍ତ୍ରଣ କରିବା ଏବଂ ଆଇନ ଶୃଙ୍ଖଳା ରକ୍ଷା କରିବା ପାଇଁ ସ୍ଥାନୀୟ ପୋଲିସ ଓ ଜିଆରପି ଫୋର୍ସ ମୁତୟନ ହୋଇ ଉଦ୍ୟମ ଜାରି ରଖିଛନ୍ତି । ତେବେ ଦୁର୍ଘଟଣା ପ୍ରକୃତରେ କେମିତି ଓ କେଉଁ ପରିସ୍ଥିତିରେ ହେଲା, ସେ ନେଇ ରେଳ ବିଭାଗ ଓ ପୋଲିସ ତଦନ୍ତ ଆରମ୍ଭ କରିଛନ୍ତି ।

## ଗାଡି ବନ୍ଧକ ରଖି ମାଲିକଙ୍କୁ ଆକ୍ରମଣ
# କର୍ଣ୍ଣାଟକରୁ ଅଭିଯୁକ୍ତଙ୍କୁ ବାନ୍ଧିଲା ପୋଲିସ

ଭୁବନେଶ୍ୱର,(ନି.ପ୍ର): ଗାଡି ବନ୍ଧକ ରଖିବା ପରେ ଏହାର ମାଲିକଙ୍କୁ ମରଣାନ୍ତକ ଆକ୍ରମଣ କରିବା ମାମଲାରେ ସହିଦନଗର ଥାନା ପୋଲିସ ରବିବାର ଘଟଣାର ମଧ୍ୟସ୍ଥଙ୍କୁ କର୍ଣ୍ଣାଟକରୁ ଗିରଫ କରିବାରେ ସଫଳ ହୋଇଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଉଛି, ମହମ୍ମଦ ଅସଲମ। ଏନେଇ ତପନ କୁମାର ନାୟକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଗତ ୨୦୧୮ ମସିହାରେ, କିଛି ଅବୈଧ ଦାବି ପୂରଣ ନହେବା କାରଣରୁ ଅଭିଯୁକ୍ତ ଦୁଃଖି ମାର୍ଥା, କୁନା ମଙ୍ଗରାଜ, ରାକେଶ ଜେନା, ସିବା ସେଠୀ ଏବଂ ସେମାନଙ୍କର ସହଯୋଗୀମାନେ ଅଭିଯୋଗକାରୀଙ୍କ ତିନୋଟି ଯାନକୁ ବେଆଇନ ଭାବରେ ଦଖଲ କରିନେଇଥିଲେ । ପରେ ଅଭିଯୋଗକାରୀ, ଅଭିଯୁକ୍ତ ସିବା ସେଠୀଙ୍କ ମଧ୍ୟସ୍ଥତା ମାଧ୍ୟମରେ ଅଭିଯୁକ୍ତ ଦୁଃଖି ମାର୍ଥାଙ୍କ ଠାରୁ ତିନୋଟି ଗାଡ଼ିକୁ ବନ୍ଧକ ରଖି ଋଣ ନେଇଥିଲେ । ପରବର୍ତ୍ତୀ ସମୟରେ, ଅଭିଯୁକ୍ତମାନେ ଅଭିଯୋଗକାରୀଙ୍କୁ ଝାରପଡ଼ାର କେନାଲ ରୋଡକୁ ଡକାଇଥିଲେ, ଯେଉଁଠାରେ ସେମାନେ ତାଙ୍କୁ ବେଆଇନ ଭାବରେ ବନ୍ଦୀ କରି ରଖିଥିଲେ, ଆକ୍ରମଣ କରିଥିଲେ, ତାଙ୍କୁ ଅପରାଧିକ ଭାବରେ ଭୟଭୀତ କରିଥିଲେ ଏବଂ ଖାଲି କାଗଜପତ୍ରରେ ଏବଂ ବକେୟା ସମାଧାନ ଏବଂ ଯାନବାହାନ ଫେରସ୍ତ ସମ୍ପର୍କରେ ମିଥ୍ୟା ଘୋଷଣା ନାମାରେ ବଳପୂର୍ବକ ତାଙ୍କର ଦସ୍ତଖତ ହାସଲ କରିଥିଲେ । ଅଭିଯୋଗକାରୀଙ୍କ ଋଣ ପରିଶୋଧ କରିବାରେ ଅସମର୍ଥତାର ସୁଯୋଗ ନେଇ, ଅଭିଯୁକ୍ତମାନେ ଏକ ଅପରାଧିକ ଷଡ଼ଯନ୍ତ୍ରକୁ ଆଗକୁ ବଢ଼ାଇବା ପାଇଁ, ନକଲି ଏବଂ ମିଥ୍ୟା କାଗଜପତ୍ର ବ୍ୟବହାର କରି ତାଙ୍କ ସମ୍ମତି ବିନା ଅସାଧୁ ଭାବରେ ବନ୍ଧକ ଗାଡ଼ିଗୁଡ଼ିକୁ ବିକ୍ରି କରିଦେଇଥିଲେ। ପୋଲିସ ଏହି ମାମଲାର ତଦନ୍ତ କରିବା ସହ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଚଢଉ ଜରିଆରେ ଅଭିଯୁକ୍ତ ମହମ୍ମଦ ଅସଲମକୁ କର୍ଣ୍ଣାଟକରୁ ଗିରଫ କରିବାରେ ସକ୍ଷମ ହୋଇଥିବା ବେଳେ, ତାଙ୍କ ହେପାଜତରୁ ଅଭିଯୋଗକାରୀଙ୍କର ବନ୍ଧକ ଥିବା ଗାଡି ଏବଂ ଏକ ମୋବାଇଲ ଫୋନ ଉଦ୍ଧାର କରିଛି।

## କାକଟପୁରରେ ଗ୍ୟାସ କଳାବଜାରୀ ଚରମସୀମାରେ
# ଚଢ଼ାଉ ଶୂନ, ପ୍ରଶାସନ ନିରବ !



କାକଟପୁର(ନିପ୍ର): କାକଟପୁର ଓ ଏହାର ଆଖପାଖ ଅଞ୍ଚଳରେ ଘରୋଇ ବ୍ୟବହାର୍ଯ୍ୟ ରନ୍ଧନ ଗ୍ୟାସ ର କଳାବଜାରୀ ଏବଂ ବେଆଇନ କାରବାର ବୃଦ୍ଧି ପାଇବାରେ ଲାଗିଛି। ସାଧାରଣ ଗ୍ରାହକଙ୍କ ପାଇଁ ଉଦ୍ଦିଷ୍ଟ ସବସିଡି ଗ୍ୟାସ ସିଲିଣ୍ଡରକୁ ବିଭିନ୍ନ ହୋଟେଲ, ଚା' ଦୋକାନ ଏବଂ ବ୍ୟବସାୟିକ ପ୍ରତିଷ୍ଠାନରେ ବେଧଡ଼କ ଭାବେ ବ୍ୟବହାର କରାଯାଉଛି। ମାତ୍ର ଦୁର୍ଭାଗ୍ୟର ବିଷୟ, ସବୁ ଜାଣି ମଧ୍ୟ ସ୍ଥାନୀୟ ଯୋଗାଣ ବିଭାଗ ଓ ପ୍ରଶାସନ ପକ୍ଷରୁ ଚଢ଼ାଉ ଶୂନ ହୋଇ ରହିଛି, ଯାହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ନିୟମ ଅନୁଯାୟୀ, ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକରେ କେବଳ ନୀଳ ରଙ୍ଗର କମର୍ସିଆଲ ସିଲିଣ୍ଡର ବ୍ୟବହାର ହେବା କଥା। କିନ୍ତୁ କାକଟପୁର ବଜାର ସମେତ ଗ୍ରାମାଞ୍ଚଳର ଛୋଟବଡ଼ ହୋଟେଲ ଓ ଢାବାଗୁଡ଼ିକରେ ଲାଲ ରଙ୍ଗର ଘରୋଇ ସିଲିଣ୍ଡର ବହୁଳ ଭାବେ ବ୍ୟବହାର ହେଉଥିବା ଦେଖିବାକୁ ମିଳୁଛି। ଖୋଲାଖୋଲି ଭାବେ ଏହି ବେଆଇନ କାରବାର ଚାଲିଥିଲେ ହେଁ ସମ୍ପୃକ୍ତ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଅଭିଯୋଗ ଅନୁଯାୟୀ, କେତେକ ଅସାଧୁ ବ୍ୟବସାୟୀ ଘରୋଇ ସିଲିଣ୍ଡରରୁ ଗ୍ୟାସ ଚୋରି କରି ଛୋଟ ଛୋଟ ସିଲିଣ୍ଡରରେ ଭର୍ତ୍ତି (ରିଫିଲିଂ) କରି ଚଢ଼ା ଦରରେ ବିକ୍ରି କରୁଛନ୍ତି। ଏହା କେବଳ ଆର୍ଥିକ କଳାବଜାରୀ ନୁହେଁ, ବରଂ ଅତ୍ୟନ୍ତ ବିପଜ୍ଜନକ ମଧ୍ୟ। କୌଣସି ସୁରକ୍ଷା ବ୍ୟବସ୍ଥା ନଥାଇ ଜନଗହଳି ପୂର୍ଣ୍ଣ ସ୍ଥାନରେ ଏଭଳି ରିଫିଲିଂ ଯୋଗୁଁ ବଡ଼ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି। ଗୋଟିଏ ପଟେ ସାଧାରଣ ଗ୍ରାହକମାନେ ଠିକ୍ ସମୟରେ ଗ୍ୟାସ ସିଲିଣ୍ଡର ନପାଇ ହଇରାଣ ହେଉଥିବା ବେଳେ, ଅନ୍ୟପଟେ କଳାବଜାରୀମାନେ ମାଲେମାଲ ହେଉଛନ୍ତି। ପ୍ରଶାସନର ଏଭଳି ନିଷ୍କ୍ରିୟତା ପଛରେ କୌଣସି ମଧୁଚନ୍ଦ୍ରିକା ରହିଛି କି ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। କାକଟପୁର ଅଞ୍ଚଳରେ ତୁରନ୍ତ ଯୋଗାଣ ବିଭାଗ ପକ୍ଷରୁ ଆକସ୍ମିକ ଚଢ଼ାଉ କରାଯାଉ। ବେଆଇନ ଭାବେ ଗ୍ୟାସ ମହଜୁଦ ଏବଂ ବ୍ୟବସାୟିକ ବ୍ୟବହାର କରୁଥିବା ଲୋକଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ, ନଚେତ ଆଗାମୀ ଦିନରେ ଜନଆନ୍ଦୋଳନ ଉଗ୍ର ରୂପ ନେବା।'

# ଶସ୍ତା ରନ୍ଧନ ଗ୍ୟାସ୍ ପାଉଥିବା ଦେଶ ମଧ୍ୟରେ ଭାରତ

ନୂଆଦିଲ୍ଲୀ, ୭/୬(ପିଆଇବି): ଭାରତୀୟମାନେ ବିଶ୍ୱରେ ରନ୍ଧନ ଗ୍ୟାସର ସର୍ବନିମ୍ନ ଉପଭୋକ୍ତାଙ୍କ ମଧ୍ୟରେ ଅଛନ୍ତି । ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା (ପିଏମୟୁୱାଇ) ର ହିତାଧିକାରୀମାନେ ଫଳପ୍ରଦ ଭାବେ ୬୪୨ ଟଙ୍କାରେ ୧୪.୨୦ କିଲୋଗ୍ରାମର ଏଲପିଜି ସିଲିଣ୍ଡର ପାଉଛନ୍ତି । ଦିଲ୍ଲୀର ସାଧାରଣ ଗ୍ରାହକମାନେ ୯୪୨ ଟଙ୍କାରେ ସିଲିଣ୍ଡର କିଣୁଥିବାବେଳେ ବର୍ତ୍ତମାନର ଆନ୍ତର୍ଜାତୀୟ ପରିସ୍ଥିତିରେ ଏକ ସିଲିଣ୍ଡରର ଯୋଗାଣ ମୂଲ୍ୟ ୧,୬୦୦ ଟଙ୍କା ଅତିକ୍ରମ କରିଛି । ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ରବିବାର କହିଛି ଯେ ପ୍ରଥମ ଚାରୋଟି ରିଫିଲରେ ଉଜ୍ଜ୍ୱଳା ହିତାଧିକାରୀଙ୍କୁ ସିଲିଣ୍ଡର ପିଛା ୩୦୦ ଟଙ୍କା ପ୍ରତ୍ୟକ୍ଷ ଲାଭ ସ୍ଥାନାନ୍ତର (ଡିବିଟି) ସହାୟତା ପ୍ରଦାନ କରାଯାଇଛି । ଏହିପରି, ସେମାନେ ବାର୍ଷିକ ୧,୨୦୦ ଟଙ୍କା ସହାୟତା ପାଆନ୍ତି । ଅଣ-ଉଜ୍ଜ୍ୱଳା ଗ୍ରାହକମାନେ ମଧ୍ୟ ବଜାର ମୂଲ୍ୟଠାରୁ ପ୍ରାୟ ୭୦୦ ଟଙ୍କା କମ୍ ମୂଲ୍ୟରେ ସିଲିଣ୍ଡର ପାଉଛନ୍ତି ।ଭାରତରେ ଉଜ୍ଜ୍ୱଳା ହିତାଧିକାରୀଙ୍କ ପାଇଁ ପ୍ରଭାବଶାଳୀ ଏଲପିଜି ମୂଲ୍ୟ ୬୪୨ ଟଙ୍କା ଥିବାବେଳେ ସମାନ ପରିମାଣର ସିଲିଣ୍ଡରର ମୂଲ୍ୟ ପାକିସ୍ତାନରେ ୧,୦୪୬ ଟଙ୍କା, ନେପାଳରେ ୧,୨୦୭ ଟଙ୍କା, ବାଂଲାଦେଶରେ ପ୍ରାୟ ୧,୨୨୫ ଟଙ୍କା ଏବଂ ଶ୍ରୀଲଙ୍କାରେ ୧,୨୪୧ ଟଙ୍କା ବୋଲି ମନ୍ତ୍ରଣାଳୟ କହିଛି । ଏଥି ସହିତ, ଏହାର ମୂଲ୍ୟ ଆମେରିକାରେ ପ୍ରାୟ ୧,୭୫୫ ଟଙ୍କା, ଅଷ୍ଟ୍ରେଲିଆରେ ୧,୭୬୫ ଟଙ୍କା ଏବଂ କାନାଡାରେ ୨,୪୧୧ ଟଙ୍କା ସହିତ ସମାନ ।ମନ୍ତ୍ରଣାଳୟ ଅନୁଯାୟୀ, ଭାରତ ଏହାର ଏଲପିଜି ଆବଶ୍ୟକତାର ଅଧିକାଂଶ ଆମଦାନୀ କରିଥାଏ ଏବଂ ଏହାର ମୂଲ୍ୟ ଆନ୍ତର୍ଜାତୀୟ ବଜାରରେ ସ୍ଥିର ହୋଇଥିବା ସାଉଦି ଚୁକ୍ତି ମୂଲ୍ୟ (ସିପି) ଦ୍ୱାରା ପ୍ରଭାବିତ ହୋଇଥାଏ । ଫେବୃଆରୀରେ ଏଲ. ପି. ଜି. ର ସାଉଦି ସିପି ଟନ ପିଛା ୫୪୨.୫ ଡଲାର ଥିଲା, ଯାହା ଅକ୍ଟୋବର ୨୦୨୬ ଦ୍ୱାରା ଟନ ପିଛା ୭୯୦ ଡଲାରକୁ ବୃଦ୍ଧି ପାଇଥିଲା । ଏହି ଅବଧିରେ ଏହା ପାଖାପାଖି ୪୬ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି ।ମନ୍ତ୍ରଣାଳୟ କହିଛି ଯେ ପଶ୍ଚିମ ଏସିଆରେ ଉତ୍ତେଜନା ଏବଂ ହରମୁଜ ଷ୍ଟ୍ରେଟରେ ବ୍ୟାଘାତ ସତ୍ତ୍ୱେ ଭାରତ ଏହାର ଶକ୍ତି ଯୋଗାଣ ଶୃଙ୍ଖଳାକୁ ବଜାୟ ରଖିଛି । ଦେଶରେ କୌଣସି ପେଟ୍ରୋଲିୟମ ଉତ୍ପାଦର ଅଭାବ ନଥିଲା ଏବଂ ଏଲ. ପି. ଜି. ର ବୋତଲଜାତକରଣ ଏବଂ ବଣ୍ଟନ ପୂର୍ବପରି ଜାରି ରହିଥିଲା ।ଘରୋଇ ଏଲପିଜି ମୂଲ୍ୟ ବୃଦ୍ଧିର ସମ୍ପୂର୍ଣ୍ଣ ବୋଝ ଗ୍ରାହକଙ୍କ ଉପରେ ପକାଯାଇ ନଥିଲା । ସାର୍ବଜନୀନ କ୍ଷେତ୍ରର ତୈଳ ବିପଣନ କମ୍ପାନୀ ଏବଂ କେନ୍ଦ୍ର ସରକାର ମୂଲ୍ୟ ଏବଂ ଖୁଚୁରା ମୂଲ୍ୟ ମଧ୍ୟରେ ପାର୍ଥକ୍ୟ ବହନ କରୁଛନ୍ତି । ଘରୋଇ ଏଲପିଜି ଉପରେ ମୋଟ ଅଣ୍ଡର-ରିକଭରୀ ଆର୍ଥିକ ବର୍ଷ ଶେଷ ସୁଦ୍ଧା ପ୍ରାୟ ୬୦,୦୦୦ କୋଟି ଟଙ୍କାରେ ପହଞ୍ଚିଥିଲା, ଯାହା ଏକ ବର୍ଷ ପୂର୍ବେ ୪୧,୩୩୮ କୋଟି ଟଙ୍କା ଥିଲା । ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ତୈଳ ବିପଣନ କମ୍ପାନୀଗୁଡ଼ିକୁ ୩୦,୦୦୦ କୋଟି ଟଙ୍କାର କ୍ଷତିପୂରଣ ମଞ୍ଜୁର କରିଛନ୍ତି ।ମନ୍ତ୍ରଣାଳୟ ସୂଚନା ଦେଇଛି ଯେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଅଧୀନରେ ଏ ପର୍ଯ୍ୟନ୍ତ ୧୦୫.୮ ନିୟୁତରୁ ଅଧିକ ଗ୍ୟାସ ସଂଯୋଗ ଦିଆଯାଇଛି ।

# କାଳବୈଶାଖୀ: ଉଦ୍ଧାର ଓ ପୁନରୁଦ୍ଧାର କାର୍ଯ୍ୟ ଜାରି



କଟକ, ୭/୬(ନିପ୍ର): କଟକ ଜିଲ୍ଲାରେ ରବିବାର ଅପରାହ୍ନରେ ପ୍ରବଳ କାଳବୈଶାଖୀ ବର୍ଷା ଓ ଝଡ଼ ପ୍ରଭାବରେ ବିଭିନ୍ନ ସ୍ଥାନରେ ଗଛ ଉପୁଡ଼ି ପଡ଼ିବା ଏବଂ ଜଳବନ୍ଦୀ ସମସ୍ୟା ସୃଷ୍ଟି ହୋଇଛି । ଏପର୍ଯ୍ୟନ୍ତ ମୋଟ ଏଭଳି ୧୧ଟି ଘଟଣା ସମ୍ପର୍କରେ ସୂଚନା ମିଳିଛି । ପରିସ୍ଥିତିର ମୁକାବିଲା ପାଇଁ ୭ଟି ଅଗ୍ନିଶମ ବାହିନୀ ଟିମ୍ ଘଟଣାସ୍ଥଳରେ ଗଛ ଓ ଅନ୍ୟାନ୍ୟ ବାଧା ହଟାଇବା କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଏଥିସହ ଭୁବନେଶ୍ୱରରୁ ଆଉ ୪ଟି ଅତିରିକ୍ତ ଟିମ୍ ମୁତୟନ କରାଯାଇଛି । ବିଦ୍ୟୁତ ସେବା ପୁନଃସ୍ଥାପନ ପାଇଁ ଟିପିସିଓଡ଼ିଏଲର ୪୫ଟି ଦଳ ବିଭିନ୍ନ ପ୍ରଭାବିତ ଅଞ୍ଚଳରେ କାର୍ଯ୍ୟରତ ଅଛନ୍ତି । ସେହିପରି, ଜଳ ନିଷ୍କାସନ ପାଇଁ କଟକ ମହାନଗର ନିଗମର ୫ଟି ଡି-ୱାଟରିଂ ଟିମ୍ କାମ କରୁଛନ୍ତି । ପ୍ରଶାସନର ତ୍ୱରିତ ପଦକ୍ଷେପ ଫଳରେ ତ୍ରିଶୁଳିଆ-ନନ୍ଦନକାନନ ରାସ୍ତା ଏବଂ ଜାତୀୟ ରାଜପଥ-୧୬ରେ ଯାତାୟାତରେ ସୃଷ୍ଟି ହୋଇଥିବା ବାଧା ଦୂର କରାଯାଇଛି ଏବଂ ଯାତାୟାତ ସ୍ୱାଭାବିକ ହୋଇଛି । ଏହାଛଡ଼ା, ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ପଡ଼ିଥିବା ଗଛଗୁଡ଼ିକୁ ମଧ୍ୟ ହଟାଇ ଦିଆଯାଇଛି । ଜିଲ୍ଲା ପ୍ରଶାସନ ପରିସ୍ଥିତି ଉପରେ ନଜର ରଖିଥିବା ବେଳେ ଜରୁରୀକାଳୀନ ସେବାଗୁଡ଼ିକୁ ସକ୍ରିୟ ରଖାଯାଇଛି ।

# ଭାସ୍କର୍ଯ୍ୟ ଶିଳ୍ପୀ ଶଶଧର ପତିଙ୍କୁ ଡକ୍ଟରେଟ ଉପାଧି



ଅନୁଗୁଳ, ୭/୬(ନିପ୍ର): ଭାସ୍କର୍ଯ୍ୟ ଶିଳ୍ପୀ ଶଶଧରଙ୍କର ସୃଜନାତ୍ମକ ଭାସ୍କର୍ଯ୍ୟ, ଚିତ୍ରକଳା ଏବଂ ସମକାଳୀନ କବିତା ପାଇଁ ସେ ଜାତୀୟ ଓ ଅନ୍ତର୍ଜାତୀୟ ଶିଳ୍ପୀ ଶିବିର ଓ ପ୍ରଦର୍ଶନୀରେ ଅଂଶଗ୍ରହଣ କରି ନିଜର କଳା ନିପୁଣତାର ପରିଚୟ ଦେବା ସହିତ ଓଡିଶା ଲଳିତ କଳା ଏକାଡେମୀ ଏବଂ କାଶୀ ବିଶ୍ୱ ବିଦ୍ୟାପୀଠ ଚିତ୍ର କଳା ଶିବିରରେ ଭାଗ ନେଇ ସ୍ୱୀକୃତିପ୍ରାପ୍ତ । ଏହି କଳାତ୍ମକ ଅଭିବ୍ୟକ୍ତି ପାଇଁ ତାଙ୍କୁ ଜୁନ୍ ୭ ତାରିଖରେ କଟକର ଶତାବ୍ଦୀ ଭବନଠାରେ ଆୟୋଜିତ ଏକ ଭବ୍ୟ ସମାରୋହରେ ମୁଖ୍ୟ ଅତିଥି ଜ୍ଞାନଦାନ ସମ୍ମାନ ସୂଚକ ଡ଼କ୍ଟରେଟ ପ୍ରତିଷ୍ଠାନ, ଦିଲ୍ଲୀର ବରିଷ୍ଠ କର୍ମକର୍ତ୍ତା ଏବଂ ଅନୁଷ୍ଠାନର ଅନ୍ୟାନ୍ୟ ସଦସ୍ୟମାନଙ୍କ ଉପସ୍ଥିତିରେ ଜ୍ଞାନଦାନ ଡକ୍ଟରେଟ୍ ଆୱାର୍ଡ ପ୍ରଦାନ କରାଯାଇଅଛି । ଡକ୍ଟର ଶଶଧର ପତି ଏକସଙ୍ଗେ କଳା ଓ ସାହିତ୍ୟ ଉପରେ ଗବେଷଣାରେ ନିୟୋଜିତ ଅଛନ୍ତି, ଯାହା ବର୍ତ୍ତମାନ ଯୁବପିଢ଼ିର ସାଂସ୍କୃତିକ ଆବଶ୍ୟକତାକୁ ପ୍ରୋତ୍ସାହନ ଦେଉଛି । ବିଭିନ୍ନ ପ୍ରକାର କଳାତ୍ମକ ଅଭିବ୍ୟକ୍ତିକୁ ଏକ ନୂତନ ଦିଗଦର୍ଶନ ଦେବା ପାଇଁ ସେ ତାଙ୍କ ବୈଚାରିକ ଦୃଷ୍ଟିଭଙ୍ଗୀକୁ ଉଲ୍ଲେଖନୀୟ ଭାବରେ ପରିବ୍ୟାପ୍ତ କରିଛନ୍ତି । ଡକ୍ଟର ପତିଙ୍କର କଳା ଓ କବିତା ଓଡ଼ିଶାର ବିଭିନ୍ନ ପତ୍ର ପତ୍ରିକାରେ ପାଠକୀୟ ସ୍ୱୀକୃତି ଲାଭ କରି, ପାଠକମାନଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ବାଛି ନେଇଛି । ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକର, ମଲ୍ଲିକାପୁର ଗ୍ରାମ ଏହି ସୃଜନଶୀଳ ଶିଳ୍ପୀଙ୍କ ଜନ୍ମମାଟି । ତାଙ୍କ ପିତା ବିଦ୍ୟାଧର ପତି ଜଣେ ବିଶିଷ୍ଟ କଳାକାର ଓ ମଞ୍ଚ ଅଭିନେତା । ଏହି ସମ୍ମାନଜନକ ଡକ୍ଟରେଟ୍ - ଡକ୍ଟର ଶଶଧର ପତିଙ୍କ ବୃତ୍ତିରେ ଏକ ସ୍ୱତନ୍ତ୍ର ମାଇଲଖୁଣ୍ଟ ଭାବେ ଛିଡ଼ା ହୋଇଛି । ଯାହା କଳାତ୍ମକ ପର୍ଯ୍ୟବେକ୍ଷଣ, ଗଭୀର ଭାବନା ଏବଂ ଅକ୍ଳାନ୍ତ ପ୍ରୟାସ ଉପରେ ଆଧାରିତ ନବୋନ୍ମେଷୀ ସୃଷ୍ଟି ପ୍ରତି ତାଙ୍କର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ତାଙ୍କର କାର୍ଯ୍ୟ ବର୍ତ୍ତମାନ ଓ ଭବିଷ୍ୟତ ଉଭୟ ପରିପ୍ରେକ୍ଷୀରେ କଳା ଓ ସାହିତ୍ୟକୁ ଉନ୍ନୀତ କରି ଚାଲିଛି ।

# ଭର୍ଚୁଆଲ୍ ମାଧ୍ୟମରେ ୧୨ ଜିଏମଏପିଭି ବିଦ୍ୟାଳୟର ନୂତନ ଭବନ ଶିଳାନ୍ୟାସ

ଜୟପୁର, ୭/୬(ନିପ୍ର): କୋରାପୁଟ ଜିଲ୍ଲାର ୧୨ଟି ଚୟନିତ ଜିଏମଏପିଭି ବିଦ୍ୟାଳୟର ନୂତନ ଭବନ ନିର୍ମାଣ ପାଇଁ ଆଜି ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭର୍ଚୁଆଲ୍ ମାଧ୍ୟମରେ ଶିଳାନ୍ୟାସ କରିଛନ୍ତି । ତତ ସହିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନରତ ଦଶମ ଶ୍ରେଣୀ ଛାତ୍ରୀ ସହିତ କଥା ହୋଇଥିଲେ । ବଡ ହେଲେ ତୁମେ କ'ଣ ହେବ ବୋଲି ଏବଂ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ହେଲେ କ'ଣ ସବୁ ସୁବିଧା ମିଳିବ ବୋଲି ପଚାରିଥିଲେ । ଲମତାପୁଟ ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ, ମାଛକୁଣ୍ଡ ଠାରେ ଦୁଇମୁଖୀ ସମ୍ପ୍ରସାରଣର ଆୟୋଜକ ବିଦ୍ୟାଳୟ ଭାବେ ଚୟନ କରାଯାଇଥିଲା । ସେହିପରି ଜିଲ୍ଲାର ୧୨ଟି ଚୟନିତ ବିଦ୍ୟାଳୟର ସରକାରୀ ଅନଲାଇନ୍ ସଭାଗୃହରେ ଏହି କାର୍ଯ୍ୟକ୍ରମ ପ୍ରତ୍ୟକ୍ଷ ପ୍ରସାରଣ କରାଯାଇଥିଲା ଓ କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଉପସ୍ଥିତ ରହି କହିଲେ, 'ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ କୋରାପୁଟ ଜିଲ୍ଲାର ବିଦ୍ୟାଳୟ ଗୁଡିକର ଭିତ୍ତିଭୂମି ଉନ୍ନତ ହେଉଛି ।

# ଓପିଏସସି ପରୀକ୍ଷାର୍ଥୀଙ୍କ ପାଇଁ ବସଷ୍ଟାଣ୍ଡରେ ଆଶ୍ରୟ ବ୍ୟବସ୍ଥା

କଟକ, ୭/୬(ନିପ୍ର) : କଟକରେ ଅଚାନକ ବଜ୍ରପାତ ଓ କାଳବୈଶାଖୀ କାରଣରୁ ଯେଉଁ ଓପିଏସସି ପରୀକ୍ଷାର୍ଥୀମାନେ ନିଜ ଘରକୁ ଫେରିପାରିନାହାନ୍ତି, ସେମାନଙ୍କ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କଟକ ନେତାଜୀ ବସ ଟର୍ମିନାଲରେ ଆଶ୍ରୟ ବ୍ୟବସ୍ଥା କରାଯାଇଛି । ପରୀକ୍ଷାର୍ଥୀଙ୍କ ସୁରକ୍ଷା ଓ ସୁବିଧାକୁ ଦୃଷ୍ଟିରେ ରଖି ଏହି ବ୍ୟବସ୍ଥା କରାଯାଇଥିବା ବେଳେ, ସହାୟତା ଓ ସମନ୍ୱୟ ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷ ଟିମ୍ ନିୟୋଜିତ ଅଛନ୍ତି ।

# ସାଇକେଲରେ କାର୍ଯ୍ୟକ୍ରମରେ ସାମିଲ ହେଲେ କ୍ରୀଡା ମନ୍ତ୍ରୀ



**ଭୁବନେଶ୍ୱର, ୭/୬(ନିପ୍ର):** ସାଇକେଲରେ ରବିବାର କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି କ୍ରୀଡା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ଏକ ବାର୍ତ୍ତାରେମନ୍ତ୍ରୀ କହିଛନ୍ତି ଯେ, କ୍ରୀଡ଼ା ଓ ଯୁବ ସେବା ବିଭାଗ ତରଫରୁ ଭୁବନେଶ୍ୱରରେ ଆୟୋଜିତ ସାଇକେଲରେ ରବିବାର କାର୍ଯ୍ୟକ୍ରମରେ ଭାଗନେଇ ଏକ ନିରୋଗ ଏବଂ ପରିବେଶ ଅନୁକୂଳ ଜୀବନଶୈଳୀ ଆପଣେଇବାପାଇଁ ଆଗ୍ରହ କରୁଛି ।ସ୍ୱାସ୍ଥ୍ୟ ଓ ସନ୍ତୁଳିତ ପରିବେଶ ରକ୍ଷା ପାଇଁମିଳିତ ପ୍ରୟାସ କରି ଏକ ପ୍ରଗତିଶୀଳ ଓଡ଼ିଶା ଗଠନ ଦିଗରେ ସହଭାଗୀ ହେବାକୁ ଅପିଲ କରିଛନ୍ତିମନ୍ତ୍ରୀ ।

# ତହସିଲଦାରଙ୍କ ଗାଡ଼ିକୁ ମାଟି ମାଫିଆଙ୍କ ଧକ୍କା: ଟ୍ରାକ୍ଟର ଜବତ

**ନିମାପଡ଼ା, ୭।୬ (ନିପ୍ର):** ନିମାପଡ଼ା ପଂଚାୟତ ସମିତି ଅଂଚଳର ବିଭିନ୍ନ ସ୍ଥାନରେ ବାଲି ଓ ମାଟି ମାଫିଆ ମାନଙ୍କ ଦୌରାତ୍ମ୍ୟ ଚରମ ସୀମାରେ ପହଂଚିଛି । ପ୍ରଶାସନ କଡ଼ା ତାଗିଦ୍ ସତ୍ତ୍ୱେ ମାଫିଆ ମାନଙ୍କୁ ସହଯୋଗ ମିଳୁଥିବା ଅଭିଯୋଗ ହୋଇଛି । ୬ ତାରିଖ ସଂଧ୍ୟାରେ ନିମାପଡ଼ା-ବଳଙ୍ଗା ରାସ୍ତାର କୁଆଁସ ଗ୍ରାମ ନିକଟରେ ସରକାରୀ ଜମିରୁ ମାଟି ମାଫିଆ ମାଟି ଚୋରୀ କରୁଥିବା ଖବର ପାଇ ତହସିଲ ପ୍ରଶାସନର ଏନଫୋର୍ସମେଂଟ ଟିମ୍ ଓ ପୋଲିସ ଘଟଣା ସ୍ଥଳରେ ପହଂଚିବାରୁ ମାଫିଆମାନେ ଛତ୍ରଭଙ୍ଗ ଦେଇଥିବା ବେଳେ ଅନ୍ୟ କେତେଜଣ ତହସିଲ ଗାଡ଼ିକୁ ଧକ୍କା ଦେଇ ଖସି ଯାଇଥିଲେ । ମାଫିଆଙ୍କୁ ଗୋଡ଼ାଇ ଥିଲେ ହେଁ ଏକ ଟ୍ରାକ୍ଟରକୁ ଜବତ କରିବାରେ ସହାୟକ ହୋଇଥିଲେ । ଚାଳକ ଫେରାର ହୋଇଯାଇଥିଲା । ନିମାପଡ଼ା ପୋଲିସ ଏକ ମୋକଦ୍ଦମା ରୁଜୁ କରି ଆସାମୀଙ୍କୁ ଧରିବା ନିମନ୍ତେ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ଥାନା ସୂତ୍ରରୁ ପ୍ରକାଶ ।

# ନାଇଜରରେ ନାସନାଲ ଏଣ୍ଟ୍ରାନ୍ସ ଷ୍ଟ୍ରିନିଙ୍ଗ ଟେଷ୍ଟ

**ଜଟଣୀ, ୭/୬(ନିପ୍ର):** ନାସନାଲ ଇନଷ୍ଟିଚ୍ୟୁଟ ଅଫ ସାଇନ୍ସ ଏଜୁକେସନ ଆଣ୍ଡ ରିସର୍ଚ୍ଚ (ନାଇଜର) ଭୁବନେଶ୍ୱରର ଇଣ୍ଟେଗ୍ରେଟେଡ଼ ଏମଏସସି ପାଠ୍ୟକ୍ରମରେ ଭର୍ତ୍ତି ପାଇଁ ଆୟୋଜିତ ନାସନାଲ ଏଣ୍ଟ୍ରାନ୍ସ ଷ୍ଟ୍ରିନିଙ୍ଗ ଟେଷ୍ଟ ୨୦୨୬ ପରୀକ୍ଷା ୬ ଜୁନ ୨୦୨୬ ତାରିଖରେ ସାରା ଦେଶରେ ସଫଳତାର ସହ ସୁଚାରୁ ଭାବେ ଅନୁଷ୍ଠିତ ହୋଇଛି ।ଏହି ବର୍ଷ ପରୀକ୍ଷା ପାଇଁ ମୋଟ ୧,୨୫,୦୦୦ ପରୀକ୍ଷାର୍ଥୀ ଆବେଦନ କରିଥିଲେ, ଯାହା ଉଚ୍ଚମାନର ବିଜ୍ଞାନ ଶିକ୍ଷା ପ୍ରତି ବୃଦ୍ଧିଶୀଳ ରାଷ୍ଟ୍ରୀୟ ଆଗ୍ରହକୁ ପ୍ରକାଶ କରେ । ଏଥିରୁ ୮୨,୫୩୮ ପରୀକ୍ଷାର୍ଥୀ ପରୀକ୍ଷାରେ ଉପସ୍ଥିତ ହୋଇଥିଲେ, ଯାହା ରାଷ୍ଟ୍ରୀୟ ହାର ୬୮% ରେ ପହଞ୍ଚିଛି ।ପରୀକ୍ଷାଟି ସାରା ଭାରତରେ ୫୦୦ରୁ ଅଧିକ କେନ୍ଦ୍ରରେ ଆୟୋଜିତ ହୋଇଥିଲା, ଯାହା ସମସ୍ତ ପରୀକ୍ଷାର୍ଥୀଙ୍କ ପାଇଁ ସୁବିଧାଜନକ ପହଞ୍ଚ ଓ ସୁଚାରୁ ପରିଚାଳନାକୁ ନିଶ୍ଚିତ କରିଥିଲା । ସମସ୍ତ ନିର୍ଦ୍ଧାରିତ ପ୍ରୋଟୋକଲ ଅନୁସରଣ ସହିତ ପରୀକ୍ଷା ପ୍ରକ୍ରିୟା ସୁଚାରୁ ଭାବେ ସମ୍ପନ୍ନ ହୋଇଛି । ଓଡିଶାରେ ୧୧୧ଟି ପରୀକ୍ଷା କେନ୍ଦ୍ରରେ ପ୍ରାୟ ୧୦,୦୦୦ ପରୀକ୍ଷାର୍ଥୀ ଉପସ୍ଥିତ ହୋଇଥିଲେ ।

# ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ

**ରଣପୁର, ୭/୬(ନିପ୍ର):** ରଣପୁର ବ୍ଲକ ଅନ୍ତର୍ଗତ ଝାଡ଼ପଡା ଗ୍ରାମ ପଞ୍ଚାୟତର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଝାଡ଼ପଡାଠାରେ ଦ୍ୱିତୀୟ ପର୍ଯ୍ୟାୟ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଅଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଭର୍ଚୁଆଲ ମାଧ୍ୟମରେ ଓଡ଼ିଶାରେ ୨୦୪ ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଅଛି । ଏହି ଅବସରରେ ରଣପୁର ବ୍ଲକ ଅନ୍ତର୍ଗତ ଝାଡ଼ପଡାଠାରେ ଏକ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ନିର୍ମାଣ ପାଇଁ ବାଚସ୍ପତି ସୁରମା ପାଢୀଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି ।

**ଗୋଲାମୁଣ୍ଡା:** ଗଣ୍ଡାମେରଠାରେ ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ପିଏମଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ତଥା ଭବ୍ୟ ଉତ୍ସବର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଭର୍ଚୁଆଲ ମାଧ୍ୟମରେ ସାମିଲ ହୋଇ ଶିକ୍ଷାର ମୂଳଦୁଆକୁ ମଜଭୁତ କରିବା ଉପରେ ଗୁରୁତ୍ୱାରୋପ କରିବା ସହିତ ପ୍ରାଥମିକ ସ୍ତରରୁ ହିଁ ପିଲାମାନଙ୍କୁ ଉନ୍ନତ ଓ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ସେମାନଙ୍କର ସର୍ବାଙ୍ଗୀନ ବିକାଶ କରିବା ଏହି ଆଦର୍ଶ ବିଦ୍ୟାଳୟଗୁଡ଼ିକର ମୂଳଲକ୍ଷ୍ୟ ତଥା ସୁଦୃଢ଼ ଶିକ୍ଷା ଭିତ୍ତିଭୂମି ହିଁ ଆଗାମୀ ଦିନରେ ବିକଶିତ ଓଡ଼ିଶାର ସ୍ୱପ୍ନକୁ ସାକାର କରିବ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଭିଡିଓ ବାର୍ତ୍ତା ମାଧ୍ୟମରେ ପ୍ରକାଶ କରିଥିଲେ ।

**କୃଷ୍ଣପ୍ରସାଦ:** ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ କମଳେଶ୍ୱର ନୋଡାଲ ବିଦ୍ୟାପୀଠ ବଡ଼ଝାଡ଼କୁ ଦ୍ୱିତୀୟ ପର୍ଯ୍ୟାୟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟରେ ସାମିଲ ଆବଶ୍ୟକ ବୋଲି ସେ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ରାଜ୍ୟ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଆଇନ ମନ୍ତ୍ରୀ ପୃଥିରାଜ ହରିଚନ୍ଦନ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଉତ୍ତର ଭୁବନେଶ୍ୱର ବିଧାୟକ ବାବୁ ସିଂ, ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ଓ ବିଭାଗୀୟ ସଚିବ ପ୍ରମୁଖ ଉପସ୍ଥିତ ଥିଲେ ।

**ବୁଗୁଡ଼ା:** ଶିକ୍ଷା କ୍ଷେତ୍ରର ବିକାଶ ଓ ଛାତ୍ରଛାତ୍ରୀଙ୍କୁ ଉନ୍ନତ ଶିକ୍ଷା ପରିବେଶ ପ୍ରଦାନ ଲକ୍ଷ୍ୟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ନୂତନ ଭବନ ପାଇଁ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ବୁଗୁଡ଼ା ବ୍ଲକ ପୋଚାଲୁଣ୍ଡି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବିଷ୍ଣୁଚକ୍ର ଗ୍ରାମସ୍ଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ





ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି । ଦ୍ୱିତୀୟ ପର୍ଯ୍ୟାୟରେ ରାଜ୍ୟର ସମୁଦାୟ ୨୦୪ ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି । କଳାହାଣ୍ଡି ଜିଲ୍ଲାରେ ସମୁଦାୟ ୪ଟି ବିଦ୍ୟାଳୟ ଏହି ଆଦର୍ଶ ଯୋଜନାରେ ସ୍ଥାନ ପାଇଥିବା ବେଳେ ଗୋଲାମୁଣ୍ଡା ବ୍ଲକର ଗଣ୍ଡାମେର ବିଦ୍ୟାଳୟ ସେଥିମଧ୍ୟରୁ ଅନ୍ୟତମ । ଆୟୋଜିତ ସଭାରେ ବିଜେପି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଢ଼, ବରିଷ୍ଠ ବିଜେପି ନେତା ମନୋଜ କୁମାର ମେହେର, ରାଜ୍ୟ ବିଜେପି ଯୁବ କାର୍ଯ୍ୟ କାରିଣୀ ସଦସ୍ୟ ତଥା ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ଗୋଲାମୁଣ୍ଡା ବିଡ଼ିଓ ତ୍ରିପୁର ମହାନନ୍ଦ, ତହସିଲଦାର ଚନ୍ଦନ କୁମାର ନାୟକ, ବିଇଓ ରାଜେଶ କୁମାର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ ।

**କାକଟପୁର:** ଦ୍ୱିତୀୟ ପର୍ଯ୍ୟାୟରେ ରାଜ୍ୟର ୨୦୪ ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ'ର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏହି ଅବସରରେ ପୁରୀ ଜିଲ୍ଲା କାକଟପୁରସ୍ଥିତ କରାଯାଇଛି । ଏହି ଅବସରରେ ବିଦ୍ୟାଳୟ ପରିସରରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧ୍ୟକ୍ଷା ସରୋଜିନୀ ତରେଇ ଯୋଗଦେଇ ଭିତ୍ତିପ୍ରସ୍ତର ଉନ୍ମୋଚନ କରିଥିଲେ । ବିଦ୍ୟାଳୟରେ ନୂତନ ଭାବେ ଯୋଗଦେଇଥିବା ପ୍ରଧାନ ଶିକ୍ଷକ ପ୍ରବୀଣ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟ ବକ୍ତା ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ କାଶୀନାଥ ଜେନା ସମ୍ମାନିତ ଅତିଥି ଭାବେ ଓସେପା, ପୁରୀ କୋର୍ଡିନେଟର ରମେଶ ବଲ୍ଲଭ ସାହୁ ପ୍ରମୁଖ ଯୋଗଦେଇଥିଲେ ।

**ପିପିଲି:** ନିମାପଡା ବ୍ଲକ ଅନ୍ତର୍ଗତ ସାଇଁଶ ଗ୍ରାମ ପଞ୍ଚାୟତର ଦକ୍ଷିଣ ରାଡସ ଉଚ୍ଚ ବିଦ୍ୟାଳୟଠାରେ ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି । ଗୋଦାବରିଶ ଆଦର୍ଶ ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଓ ଗୁଣାତ୍ମକ ଶିକ୍ଷା ପ୍ରଦାନ ସାଙ୍ଗକୁ ଚରିତ୍ରବାନ ଛାତ୍ରଛାତ୍ରୀ ଗଠନର ମୁଖ୍ୟ ମାଧ୍ୟମ ଓ ସମସ୍ତେ ଏହାର ସଦୁପଯୋଗ କରିବା ବିଦ୍ୟାଳୟ'ର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି । ଉକ୍ତ କାର୍ଯ୍ୟକ୍ରମରେ ସରପଞ୍ଚ ସୁଜାତା କୁମାରୀ ପ୍ରଧାନ, ବିଡ଼ିଓ ଦୁତିକୃଷ୍ଣ ପାତ୍ର, ବିଇଓ ଚିନ୍ମୟ ମହାପାତ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଜନସାଧାରଣ ଉପସ୍ଥିତ ଥିଲେ ।

**କୁଚିଣ୍ଡା:** ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକର କୁଟୁରାଚୁଆଁ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ପରିସରରେ ରବିବାର ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକଙ୍କ କରକମଳରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି । କୁଚିଣ୍ଡା ଗୋଷ୍ଠି ଶିକ୍ଷା ଅଧିକାରୀ ସୁଶ୍ରୀ ଗୀତା ପଧାନଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ମନ୍ତ୍ରୀ ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇଥ ଶିକ୍ଷା ମଣିଷକୁ ଶୀର୍ଷ ସ୍ଥାନକୁ ପହଞ୍ଚାଇଥାଏ । ଗ୍ରାମାଞ୍ଚଳରେ ଶିକ୍ଷାର ଉତ୍ତମ ପରିବେଶ ସୃଷ୍ଟି ପାଇଁ ସରକାରଙ୍କ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ ।






Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ